# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୫/୨୦୨୧ (୧୨ ପୃଷ୍ଠା) | Bhubaneswar, Friday, June 25/2021 | ★★★★★★

୪୭ଶ ଭାଗ ୨୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୦୫,୪୦,୭୨୩ | ୩୯,୧୦,୯୭୩ | ୧୬,୫୨,୩୭,୪୦୬ |
| ଭାରତ | ୩,୦୧,୩୨,୯୫୮ | ୩,୯୩,୩୨୮ | ୨,୯୧,୧୯,୨୦୩ |
| ଓଡ଼ିଶା | ୮,୯୦,୫୯୬ | ୩୭୬୧(+୫୩) | ୮,୫୬,୪୯୮ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ‘ନିର୍ଭୟ’ର ପରୀକ୍ଷଣ



ବାଲେଶ୍ୱର ଅଫିସ, ୨୪।୬: ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଡିଆର୍‌ଡିଓ (ଭାରତୀୟ ପ୍ରତିରକ୍ଷା ଏବଂ ଗବେଷଣା ବିକାଶ ପ୍ରତିଷ୍ଠାନ) ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୦ଟା ୪୩ ମିନିଟ୍‌ରେ ଦୂରଗାମୀ ସବ୍‌ସୋନିକ କ୍ରୁଜ୍ ମିଶାଇଲ ‘ନିର୍ଭୟ’ର ସଫଳ ପରୀକ୍ଷଣ ହୋଇଛି। ୩ନଂ. ଲଞ୍ଚପ୍ୟାଡ୍‌ରେ ପରୀକ୍ଷଣ କରଯାଇଥିବା ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୧୫୦୦ କି.ମି.। ଡିଆର୍‌ଡିଓ ପକ୍ଷରୁ ବିକଶିତ ଏହି କ୍ଷେପଣାସ୍ତ୍ର ୩୦୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି। ଉତ୍‌କ୍ଷେପଣ ପରେ ନିର୍ଭୟ କ୍ଷେପଣାସ୍ତ୍ର ଏୟାରକ୍ରାଫ୍ଟ ଭଳି ଉଡ଼ାଣ କରି ଶତ୍ରୁ ଉପରକୁ ଆକ୍ରମଣ କରିପାରିବ। ଭାରତୀୟ ସେନାରେ ସାମିଲ ହୋଇଥିବା ଏହି ସବ୍‌ସୋନିକ କ୍ଷେପଣାସ୍ତ୍ରର ମାରଣାସ୍ତ୍ର କ୍ଷମତା ଆମେରିକାର ପ୍ରସିଦ୍ଧ ଟୋମହାୱକ୍ କ୍ଷେପଣାସ୍ତ୍ର ସହ ସମାନ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

# ‘ପ୍ରସ୍ତୁତି, ସତର୍କତା, ସହଯୋଗ ମୂଳମନ୍ତ୍ର’

### ୮ ଜିଲାରେ ଅକ୍ସିଜେନ ପ୍ଲାଣ୍ଟ ଭିତ୍ତିପ୍ରସ୍ତର ସ୍ଥାପନ



୮ ଜିଲାରେ ଅକ୍ସିଜେନ ପ୍ଲାଣ୍ଟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

ଭୁବନେଶ୍ୱର, ୨୪।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଗୁରୁବାର ରାଜ୍ୟର ୮ ଜିଲା (ବରଗଡ଼, ଗଞ୍ଜାମ, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ରାୟଗଡ଼ା, ମାଲକାନଗିରି)ରେ ଲିକ୍ୟୁଡ୍ ମେଡିକାଲ ଅକ୍ସିଜେନ (ଏଲ୍‌ଏମ୍‌ଓ) ପ୍ଲାଣ୍ଟ ଓ ପିଏସ୍‌ଏ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ଗଞ୍ଜାମ ଜିଲା ବ୍ରହ୍ମପୁର ସିଟି ହସ୍ପିଟାଲରେ ୧୨ ଶଯ୍ୟା ବିଶିଷ୍ଟ ନବଜାତ ଶିଶୁ ଚିକିତ୍ସା କେନ୍ଦ୍ର, ଭଞ୍ଜନଗରରେ ଡାଏଲିସିସ୍ ୟୁନିଟ୍, କୁକୁଡ଼ାଖଣ୍ଡି ବ୍ଲକରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଦିଗପହଣ୍ଡି ବ୍ଲକରେ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ପ୍ରସ୍ତୁତି, ସତର୍କତା, ସହଯୋଗ ଆମର ମୂଳମନ୍ତ୍ର। ସମ୍ଭାବ୍ୟ ତୃତୀୟ ଲହର ମୁକାବିଲା ଲାଗି ସାମାନ୍ୟତମ ଅବହେଳା ନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କୋଭିଡ୍ ଯୋଦ୍ଧାଙ୍କୁ ଧନ୍ୟବାଦ ଜଣାଇବା ସହ କହିଛନ୍ତି, ଦ୍ୱିତୀୟ ଲହର ସ୍ଥିତିରେ ଉନ୍ନତି ଆସିଛି। ତଥାପି ଉପକୂଳବର୍ତ୍ତୀ ଜିଲାରେ ସଂକ୍ରମଣରେ ସ୍ଥିରତା ରହୁନାହିଁ। ତୃତୀୟ ଲହର ନେଇ ବିଶେଷଜ୍ଞମାନେ ଭିନ୍ନ ମତ ରଖୁଛନ୍ତି। କେତେକ ରାଜ୍ୟରେ ଡେଲ୍‌ଟା ପ୍ଲସ୍ ଭାରିଆଣ୍ଟ ଦେଖାଦେଲାଣି। ସରକାରଙ୍କ ପ୍ରସ୍ତୁତି, ଜନସାଧାରଣଙ୍କ ସତର୍କତା ଓ ସହଯୋଗ ଜରିଆରେ ହିଁ ଆମେ ଏହି ଲଢ଼େଇ ଜିତିପାରିବା। ରାଜ୍ୟରେ ୧ କୋଟିରୁ ଅଧିକ ଡୋଜ୍ ଟିକା ଦିଆସରିଲାଣି। ଜୀବନଜୀବିକାକୁ ଗୁରୁତ୍ୱ ଦେଇ ରାଜ୍ୟବାସୀଙ୍କ ପାଇଁ ୧୬୯୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି। ପୂର୍ବରୁ ୧୫ଟି ଜିଲାରେ ଏଲ୍‌ଏମ୍‌ଓ ଓ ପିଏସ୍‌ଏ ପ୍ଲାଣ୍ଟ ପାଇଁ କାମ ଆରମ୍ଭ ହୋଇଥିବା ଏଥିରେ ଆଉ ୮ ଜିଲା ସାମିଲ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ବ୍ରହ୍ମପୁରଠାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଗଞ୍ଜାମ ଜିଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ପଣ୍ଡା, ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ନବରଙ୍ଗପୁର ଏମ୍‌ପି ରମେଶ ମାଝି, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରାଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଦକ୍ଷ ନେତୃତ୍ୱର ଉଚ୍ଚ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର, ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ, ଉନ୍ନୟନ କମିଶନର ପି.କେ. ଜେନା, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଜେଠ୍ୱା ଭିଜିଲାନ୍ସ, ଲଳିତ ଦାସ ଗୋଇନ୍ଦା ନିର୍ଦ୍ଦେଶକ

**ବରିଷ୍ଠ ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ**

ଭୁବନେଶ୍ୱର, ୨୪।୬(ବ୍ୟୁରୋ)

ରାଜ୍ୟ ସରକାର ବରିଷ୍ଠ ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ୭ଜଣଙ୍କ ବଦଳି ଓ ନୂଆ ଦାୟିତ୍ୱ ନେଇ ଗୁରୁବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅତିରିକ୍ତ ଡିଜି (ଆଇନ ଶୃଙ୍ଖଳା) ଭାବେ କାର୍ଯ୍ୟରତ ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ଯଶୱନ୍ତ ଜେଠ୍ୱାଙ୍କୁ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ପୋଲିସ ମୁଖ୍ୟାଳୟରେ ଅତିରିକ୍ତ ଡିଜି ଭାବେ କାର୍ଯ୍ୟରତ ୧୯୯୨ ବ୍ୟାଚ୍‌ର ଆଇପିଏସ୍ ଅଫିସର ଲଳିତ ଦାସଙ୍କୁ ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ଗୃହରକ୍ଷୀ ଏବଂ ଅଗ୍ନିଶମ ବିଭାଗର ଆଇଜି ତଥା ୧୯୯୭ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅସିତ ପାଣିଗ୍ରାହୀଙ୍କୁ ଭିଜିଲାନ୍ସ ଆଇଜି ଓ ଗୋଇନ୍ଦା ନିର୍ଦ୍ଦେଶକ ଥିବା ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ରାଧାକୃଷ୍ଣ ଶର୍ମାଙ୍କୁ ଆଇନ ଶୃଙ୍ଖଳା ଅତିରିକ୍ତ ଡିଜି ଭାବେ ନୂଆ ଦାୟିତ୍ୱ ମିଳିଛି। ସେହିପରି ଓଏସ୍‌ଆର୍‌ଟିସି ସିଏମ୍‌ଡି ଓ କ୍ରୁଟ୍ ସିଇଓ ଥିବା ୧୯୯୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅରୁଣ ବୋଥ୍ରାଙ୍କୁ ପରିବହନ ବିଭାଗ କମିଶନର ଭାବେ ନିଯୁକ୍ତ କରାଯାଇଛି। ପୋଲିସ ଓ ଗୃହ ନିର୍ମାଣ (ଓଏସ୍‌ପିଏଚ୍‌ଡବ୍ଲ୍ୟୁସି) ସିଏମ୍‌ଡି ଥିବା ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ଅଧିକାରୀ (ଓଏସ୍‌ଡି) ଭାବେ ଅବସ୍ଥାପିତ କରାଯାଇଛି।



ଯଶୱନ୍ତ ଜେଠ୍ୱା



ଲଳିତ ଦାସ

ଅପରପକ୍ଷରେ ପରିବହନ କମିଶନର ଥିବା ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡାଙ୍କୁ ରାଜ୍ୟ କ୍ରାଇମବ୍ରାଞ୍ଚର ଅତିରିକ୍ତ ଡିଜି ଭାବେ ନିଯୁକ୍ତି କରାଯିବା ସହ ତାଙ୍କ ଅଧୀନରେ ଅତିରିକ୍ତ ଦାୟିତ୍ୱ ଭାବେ ପୋଲିସ ଓ ଗୃହ ନିର୍ମାଣ ନିଗମ ରହିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ୨୪ ଘଣ୍ଟାରେ ୩,୬୫୦ ପଜିଟିଭ୍, ୪୪ ମୃତ

ଭୁବନେଶ୍ୱର, ୨୪।୬(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ୩ହଜାର ତଳକୁ ଖସିବା ପରେ ପୁଣି ଉପରମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ମଧ୍ୟ ରାଜ୍ୟରେ ଆଉ ୩,୬୫୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୦୯୮ଜଣ କ୍ୱାରାଣ୍ଟାଇନରୁ ଚିହ୍ନଟ ହୋଇଥିବାବେଳେ ୧୩,୫୨ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ଏହାକୁ ମିଶାଇ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୮,୯୦,୫୯୬ରେ ପହଞ୍ଚିଛି। ସେହିପରି ୪୦୫୨ଜଣ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୮,୫୩,୦୧୨କୁ ବୃଦ୍ଧି ପାଇଛି। ଏପଟେ ରାଜ୍ୟରେ ଆଉ ୪୪ଜଣଙ୍କ ଜୀବନ ନେଇଛି ମହାମାରୀ କରୋନା। ଫଳରେ ମୃତ୍ୟୁ ସଂଖ୍ୟା ୩,୭୬୧କୁ ବୃଦ୍ଧି ପାଇଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୯ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ନୂତନ ସଂକ୍ରମିତଙ୍କ ମଧ୍ୟରୁ ମଧ୍ୟ ଖୋର୍ଦ୍ଧାରୁ ସର୍ବାଧିକ ୬୦୪ଜଣ ପଜିଟିଭ ବାହାରିଛନ୍ତି। କଟକ ଜିଲାରୁ ୪୮୫ଜଣ ଓ ଯାଜପୁରରୁ ୩୩୨ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ବାକିସବୁ ଜିଲାର ନୂଆ ଆକ୍ରାନ୍ତ ସଂଖ୍ୟା ୨ଶହଠାରୁ କମ୍ ରହିଛି।

# କୃଷି ଉଦ୍ୟୋଗର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୪।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟପାଳନ ଓ ସମବାୟ ବିଭାଗ ସମେତ ନାବାର୍ଡକୁ ନେଇ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। କୃଷି ବ୍ୟବସାୟ ଓ କୃଷି ଉଦ୍ୟୋଗକୁ ସୁଦୃଢ଼ କରିବା ପାଇଁ ଏହି ଅବସରରେ ଏକ ମିଳିତ ଖସଡ଼ା ପ୍ରସ୍ତୁତି ହୋଇଛି। କୃଷି ଅନ୍ୟାନ୍ୟ କ୍ଷେତ୍ରରେ ସଫଳତା ହାସଲ ସତ୍ତ୍ୱେ ଲୋକଙ୍କ ମୁଣ୍ଡ ପିଛା ଆୟ ଜାତୀୟ ହାରଠାରୁ ନିମ୍ନରେ ରହିଥିବା ଦୃଷ୍ଟିକୋଣରୁ ଏହି କ୍ଷେତ୍ରକୁ ଅଧିକ ପାରଦର୍ଶୀ ଓ ସୁଦୃଢ଼ କରିବା ଉପରେ ବୈଠକରେ ଆଲୋଚନା କରାଯାଇଛି। ଦୀର୍ଘସୂତ୍ରୀ ଯୋଜନା ପରିବର୍ତ୍ତେ ସ୍ୱଳ୍ପ ମିଆଦୀ ଯୋଜନା ପ୍ରସ୍ତୁତ କରିବା, କାର୍ଯ୍ୟକ୍ରମ ପରିଚାଳନା ଓ ସଫଳତା ହାସଲ ଦିଗରେ ରହିଥିବା ଆହ୍ୱାନ ଓ ସମସ୍ୟା ଉପରେ ଅଧିକ ଦୃଷ୍ଟି ନିକ୍ଷେପ କରିବାକୁ ତ୍ରିପାଠୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମତ୍ସ୍ୟ ନିର୍ଦ୍ଦେଶକ କହିଛନ୍ତି, ମତ୍ସ୍ୟ ପାଳନ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିଛୁ। ଏବେ ବାୟୋ-ଫ୍ଲକ୍‌ର ଚାହିଦା ବଢ଼ିବା ଏବଂ ଏହା ସଫଳ ହେବା ସମସ୍ତଙ୍କୁ ଉତ୍ସାହିତ କରିଛି ବୋଲି ସେ କହିଛନ୍ତି। ସେହିପରି ଉଦ୍ୟାନ କୃଷି କ୍ଷେତ୍ରରେ ମୟୂରଭଞ୍ଜ, ଢେଙ୍କାନାଳ, ରାୟଗଡ଼ା, କୋରାପୁଟ ଓ କନ୍ଧମାଳ ଆଗୁଆ ରହିଥିବା କୁହାଯାଇଛି। ଓଡ଼ିଶା କନ୍ଦମୂଳ ଉତ୍ପାଦନରେ ଦେଶରେ ପ୍ରଥମ, କାଜୁରେ ତୃତୀୟ ଏବଂ ଆମ୍ବ ଉତ୍ପାଦନରେ ୫ମ ସ୍ଥାନରେ ରହିଛି। ତେବେ ପିଜୁଳି, ଜାମୁକୋଳି, ବରକୋଳି ଆଦି ଫସଲ ଚାଷ କରିବାକୁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ବ୍ୟାଙ୍କ ଋଣ ଯୋଗାଣ ନେଇ ଅଧିକ ଧ୍ୟାନଦେବାକୁ ନାବାର୍ଡକୁ କୁହାଯାଇଛି।

DSPL - 61

ଓଡ଼ିଶା ସରକାର

ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ନିମନ୍ତେ
ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ

ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

- ସବ୍ ଡିଭିଜନାଲ ହସ୍ପିଟାଲ୍, ଆଠମଲ୍ଲିକ ଠାରେ କୋଭିଡ ୱାର୍ଡ ସହିତ ଗ୍ୟାସ ପାଇପ୍ ଲାଇନ
- ସବ୍ ଡିଭିଜନାଲ ହସ୍ପିଟାଲ୍, ପାଲଲହଡା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାଧପୁର ଏବଂ କିଶୋରନଗର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାକୁରଗଡ ଏବଂ ବଇଣ୍ଡା ଠାରେ ଆଇସୋଲେସନ୍ ୱାର୍ଡ ସହିତ ଗ୍ୟାସ ପାଇପ୍ ଲାଇନ
- ରାଜମୁଣ୍ଡା, ଦେବଗଡ଼ ସ୍ଥିତ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ଟିକା ଭଣ୍ଡାର ଗୃହ

ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଅନୁଗୁଳ
- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା

ବୌଦ୍ଧ
- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା

ଦେବଗଡ଼
- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା

ଢେଙ୍କାନାଳ
- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା

ଗଜପତି
- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା

ଭବାନୀପାଟଣା
- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା

ନୂଆପଡ଼ା
- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଶୁଭ ଉଦ୍‌ଘାଟନ ଏବଂ ଶିଳାନ୍ୟାସ
୨୫ ଜୁନ୍ ୨୦୨୧

OIPR-10112/13/0037/2122

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

DHARITRI
ଶୁକ୍ରବାର, ଜୁନ୍ ୨୫/୨୦୨୧ | Friday, June 25/2021 | ପୃଷ୍ଠା-୧



## ଫିଟ୍‌ନେସ୍‌ରେ ସାଲିସ ନାହିଁ

ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ଫିଟ୍‌ନେସ୍‌କୁ ନେଇ ବେଶ୍ ସତର୍କ। ତେଣୁ ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ସ୍ଲିମିଂ ଔଷଧ ବିଜ୍ଞାପନ ଲାଗି ସେ ୧୦ କୋଟି ଟଙ୍କାର ଅଫର ଏଡ଼ାଇ ଦେଇଥିଲେ।

୦୮

୧୦

## ରେକର୍ଡ ସମକକ୍ଷ ହେଲେ ରୋନାଲ୍ଡୋ

ଫ୍ରାନ୍ସ ବିପକ୍ଷ ୟୁରୋକପ୍ ମ୍ୟାଚ୍‌ରେ ଡବଲ ଗୋଲ ସ୍କୋର କରି କ୍ରିଷ୍ଟିଆନୋ ରୋନାଲ୍ଡୋ ଇରାନର ଅଲୀ ଦାଏଇଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି।





ପୁରୀ: ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଗୁରୁବାର ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ହାତୀବେଶ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ବିନା ଭକ୍ତରେ ସ୍ନାନଯାତ୍ରା

- ହାତୀବେଶରେ ଦର୍ଶନ ଦେଲେ ମହାପ୍ରଭୁ
- ଅଣସର ପିଣ୍ଡିରେ ଚତୁର୍ଦ୍ଧା ବିଗ୍ରହ

ପୁରୀ ଅଫିସ,୨୪।୬

ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଗୁରୁବାର ମହାପ୍ରଭୁଙ୍କ ସ୍ନାନଯାତ୍ରା ସମ୍ପନ୍ନ ହୋଇଛି। ଏଥିସହ ମହାପ୍ରଭୁ ଶ୍ରୀଜଗନ୍ନାଥ ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେଇଛନ୍ତି। ପରେ ଚତୁର୍ଦ୍ଧାବିଗ୍ରହ ଅଣସର ପିଣ୍ଡିକୁ ବିଜେ କରିଛନ୍ତି। ତେବେ ଗତବର୍ଷ ଭଳି ଚଳିତବର୍ଷ କୋଭିଡ୍ କଟକଣା ଯୋଗୁ ବିନା ଭକ୍ତରେ ସ୍ନାନଯାତ୍ରା ସମ୍ପନ୍ନ ହୋଇଛି।

ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ନୀତିକାନ୍ତି ସରିଛି। ବୁଧବାର ରାତି ୧୨ଟା ୪୫ରେ ମହାପ୍ରଭୁଙ୍କ ଚଉଠି ହୋମ, ୧ଟା ୪୦ରେ ମଙ୍ଗଳାର୍ପଣ, ପରେ ଡୋରଲାଗି ଓ ପୁଷ୍ପାଞ୍ଜଳି ସରି ୧ଟା ୫୫ ମିନିଟ୍‌ରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ☞ପୃଷ୍ଠା-୨

## ଆଜିଠୁ ଅଲାରନାଥଙ୍କ ଅନବସର ଦର୍ଶନ

ବ୍ରହ୍ମଗିରି,୨୪।୬(ଡି.ଏନ୍.ଏ.)

ସ୍ନାନପୂର୍ଣ୍ଣିମାରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ କରି ଅଣସର ପିଣ୍ଡିରେ ବିଜେ କରିଛନ୍ତି। ଏହି ଅବସରରେ ଶୁକ୍ରବାରଠାରୁ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କ ପୀଠରେ ଅନବସର ଦର୍ଶନ ଆରମ୍ଭ ହେବ। କିନ୍ତୁ ଚଳିତବର୍ଷ କରୋନା କଟକଣା ଯୋଗୁ ଭକ୍ତମାନେ ଏହି ଦର୍ଶନରୁ ବଞ୍ଚିତ ହେବେ। ଜିଲା ପ୍ରଶାସନ ମନ୍ଦିର ଚତୁଃପାର୍ଶ୍ୱକୁ ସିଲ କରିବା ସହିତ ଗୁରୁବାର ମଧ୍ୟରାତ୍ରରୁ ନବଯୌବନ ଦର୍ଶନ ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ କରିଛି। ପ୍ରତିଦିନ ସୀମିତ ସଂଖ୍ୟକ ପାଳିଆଙ୍କୁ ନେଇ ନୀତିକାନ୍ତି ହେବ ବୋଲି ବ୍ରହ୍ମଗିରି ତହସିଲଦାର କାହ୍ନୁଚରଣ ଘଡ଼େଇ କହିଛନ୍ତି।




## ଜୁନ୍‌ରେ ବଢ଼ିଲାଣି ୧୩ଥର

ପେଟ୍ରୋଲ ୨୬, ଡିଜେଲ ୮ ପଇସା ବୃଦ୍ଧି



ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୬

ଦିନକର ବିରତି ପରେ ପୁଣି ଥରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ର ସୂଚନା ଅନୁସାରେ ଗୁରୁବାର ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୨୬ ପଇସା ଏବଂ ଡିଜେଲରେ ୮ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୮.୫୩ ଟଙ୍କା ଏବଂ ଡିଜେଲ ୯୬.୨୩ ଟଙ୍କାରେ ବିକ୍ରି ହେଉଛି। ଜୁନ୍‌ରେ ଅଦ୍ୟାବଧି ତେଲ ଦର ୧୩ ଥର ପରିବର୍ତ୍ତନ ହେବା ସହ ପେଟ୍ରୋଲ ଉପରେ ୩.୩୧ ଟଙ୍କା ଏବଂ ଡିଜେଲରେ ୩.୨୦ ଟଙ୍କା ବୃଦ୍ଧି ଘଟିଲାଣି। ଏପରିକି ଗତ ୫୨ ଦିନ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୭.୪୧ ଟଙ୍କା ଏବଂ ଡିଜେଲ ୮.୨୫ ଟଙ୍କା ବଢ଼ିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

**ଆଜିର ସମ୍ପାଦକୀୟ**

## ସଂସ୍ଥାଗତ ଢାଞ୍ଚାରେ ସଂସ୍କାର ଲୋଡ଼ା

## ଘରୋଇ ହସ୍ପିଟାଲକୁ ଟିକା ଯୋଗାଣ ବନ୍ଦ

ଭୁବନେଶ୍ୱର,୨୪।୬(ବ୍ୟୁରୋ): ଘରୋଇ ହସ୍ପିଟାଲକୁ ମାଗଣାରେ କୋଭିଡ୍-୧୯ ଟିକା ଯୋଗାଣ ବନ୍ଦ ହେବ। ଯଦି କୌଣସି ଘରୋଇ ହସ୍ପିଟାଲରେ ଟିକା ଗଚ୍ଛିତ ଥିବ ତେବେ ସେଗୁଡ଼ିକୁ ତୁରନ୍ତ ଫେରାଇ ଆଣିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟରେ ଟିକାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ସରକାରୀ ସହାୟତାରେ କେତେକ ଘରୋଇ ହସ୍ପିଟାଲରେ ଟିକାକରଣ କେନ୍ଦ୍ର ଖୋଲାଯାଇଥିଲା। ☞ପୃଷ୍ଠା-୨

## ଦୁଗ୍ଧଚାଷୀଙ୍କୁ ୧୧ କୋଟିର ସହାୟତା

ଭୁବନେଶ୍ୱର,୨୪।୬(ବ୍ୟୁରୋ): ଓମ୍‌ଫେଡ ଦୁଗ୍ଧଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୧୧ କୋଟି ଟଙ୍କାର କୋଭିଡ୍ ସହାୟତା ଘୋଷଣା କରିଛନ୍ତି। ପ୍ରତ୍ୟେକ ଦୁଗ୍ଧଚାଷୀଙ୍କୁ ଗୋଖାଦ୍ୟ ଖର୍ଚ୍ଚ ବାବଦ ସର୍ବାଧିକ ୬ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆଯିବ। ଏହାଦ୍ୱାରା ରାଜ୍ୟର ୧ ଲକ୍ଷ ୨୦ ହଜାର ଦୁଗ୍ଧଚାଷୀ ଉପକୃତ ହେବେ। ଏହି ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍ ମହାମାରୀ ପରିପ୍ରେକ୍ଷୀରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଚାହିଦାରେ ବଡ଼ ଧରଣର ହ୍ରାସ ଘଟିଥିବାରୁ ଏହା ଦୁଗ୍ଧଚାଷୀଙ୍କ ଜୀବିକାକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦୁଗ୍ଧଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହ ଏହା ଚାଷୀଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେବ ବୋଲି ଆଶାପ୍ରକାଶ କରିଛନ୍ତି।

# କଶ୍ମୀରକୁ ଫେରିବ ରାଜ୍ୟ ମାନ୍ୟତା

## ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଆଶ୍ୱାସନା

- ୩୭୦ ଉଚ୍ଛେଦ ପରେ ୮ ଦଳର ୧୪ ନେତାଙ୍କ ସହ କେନ୍ଦ୍ରର ଆଲୋଚନା
- ଅନାସ୍ଥା ଭାବ ଦୂର କରି କଶ୍ମୀରୀଙ୍କ ହୃଦୟରେ ବିଶ୍ୱାସ ଜନ୍ମାଅ: ଫାରୁକ୍

ନୂଆଦିଲ୍ଲୀ,୨୪।୬(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ପିଡିପି ମୁଖ୍ୟ ମେହବୁବା ମୁଫ୍‌ତି, ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା, କଂଗ୍ରେସ ନେତା ଗୁଲାମନବୀ ଆଜାଦ ଓ ଅନ୍ୟମାନେ।

ଜମ୍ମୁ-କଶ୍ମୀରକୁ ଉପଯୁକ୍ତ ସମୟରେ ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ। ବର୍ତ୍ତମାନ ସୀମା ପୁନଃ ନିର୍ଦ୍ଧାରଣ ପାଇଁ ଚାଲିଥିବା କସରତ ଉପତ୍ୟକାରେ ନିର୍ବାଚନ ପ୍ରକ୍ରିୟା ପାଇଁ ବାଟ ଫିଟାଇବ। କେନ୍ଦ୍ର ସରକାର ଜମ୍ମୁ-କଶ୍ମୀର ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଭୋଟ ପରେ ନିର୍ବାଚିତ ସରକାର ବିକାଶ କାର୍ଯ୍ୟକୁ ଆଗେଇ ନେବେ। ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବାର ପ୍ରାୟ ଦୁଇବର୍ଷ ପରେ ଗୁରୁବାର ୧୪ କଶ୍ମୀରୀ ନେତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଆଶ୍ୱାସନା ଦେଇଛନ୍ତି। ସର୍ବଦଳୀୟ ବୈଠକରେ ୮ ପ୍ରମୁଖ ଦଳର ନେତାମାନେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ପୁନଃ ଅବସ୍ଥାପିତ କରିବା ଓ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଫେରସ୍ତ ଦାବି କରିଥିଲେ।

୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଓ ୩୫-ଏ'କୁ କେନ୍ଦ୍ର ସରକାର ହଟାଇ ଦେଇଥିଲେ। ଏଥିସହ ଜମ୍ମୁ-କଶ୍ମୀର ଓ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ପ୍ରତିଷ୍ଠା କରିଥିଲେ। ଏହାର ୨୩ ମାସ ପରେ କଶ୍ମୀରୀ ନେତାଙ୍କ ସହ କେନ୍ଦ୍ର ସରକାର ଗୁରୁବାର ପ୍ରଥମ ବୈଠକ କରିଛନ୍ତି। ନୂଆଦିଲ୍ଲୀର ୭ ଲୋକ କଲ୍ୟାଣ ମାର୍ଗସ୍ଥିତ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନରେ ଗୁରୁବାର ଅପରାହ୍ନରେ ଏହି ହାଇପ୍ରୋଫାଇଲ୍ ମିଟିଂ ଅନୁଷ୍ଠିତ ହୋଇଛି। କେନ୍ଦ୍ରର ଉକ୍ତ ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ୬ ଦଳକୁ ନେଇ ଗଠିତ ପିପୁଲ୍ସ ଡିକ୍ଲାରେଶନ୍ ଫର୍ ଗୁପ୍‌କାର ଡିକ୍ଲାରେଶନ (ପିଏଜିଡି) ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ସର୍ବଦଳୀୟ ବୈଠକରେ ପ୍ରଥମେ ମତ ରଖିଥିଲେ। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଫାରୁକ୍ କହିଥିଲେ, ୩୭୦ ଉଚ୍ଛେଦ ☞ପୃଷ୍ଠା-୨

# ଆଜି ମାଟ୍ରିକ ପରୀକ୍ଷାଫଳ

## ୨ ଟି ୱେବ୍‌ସାଇଟରେ ଉପଲବ୍ଧ ହେବ ମାର୍କ

କଟକ ଅଫିସ,୨୪।୬

ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇବ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗୁରୁବାର ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦିଆଯାଇଛି। ଅପରାହ୍ନ ୪ଟା ବେଳେ କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ପରୀକ୍ଷା ଫଳ ପ୍ରକାଶ ପାଇବ। ସନ୍ଧ୍ୟା ୬ଟା ଠାରୁ ବୋର୍ଡର ଦୁଇଟି ୱେବ୍‌ସାଇଟରେ ପରୀକ୍ଷା ଫଳ ଉପଲବ୍ଧ ହେବ। bseodisha.in ଏବଂ bseodisha.nic.in ୱେବ୍‌ସାଇଟରେ ଛାତ୍ରୀଛାତ୍ରମାନେ ନିଜ ରୋଲ୍ ନମ୍ବର ଦାଖଲ କରି ପରୀକ୍ଷା ଫଳ ଦେଖିପାରିବେ। ଏଥିସହ ଯେଉଁ ଅଞ୍ଚଳରେ ଇଣ୍ଟରନେଟ ସୁବିଧା ନ ଥିବା ଉକ୍ତ ଅଞ୍ଚଳର ଛାତ୍ରୀଛାତ୍ରମାନେ ମୋବାଇଲ ଫୋନ୍‌ରେ ଏସ୍‌ଏମ୍‌ଏସ୍ ଜରିଆରେ ମଧ୍ୟ ପରୀକ୍ଷା ଫଳ ଜାଣିପାରିବେ। ସେଥିପାଇଁ ଛାତ୍ରୀଛାତ୍ରଙ୍କୁ ମୋବାଇଲରେ OR01<Roll number> ଲେଖି ୫୬୭୬୭୫୦ ନମ୍ବରକୁ ଏସ୍‌ଏମ୍‌ଏସ୍ କରିବାକୁ ହେବ। ଏଥିସହିତ ଓଡ଼ିଶା ଓପନ ସ୍କୁଲ ସାର୍ଟିଫିକେଟ ଏବଂ ମଧ୍ୟମା ପରୀକ୍ଷା ୨୦୨୧ର ଫଳ ମଧ୍ୟ ପ୍ରକାଶ ପାଇବ।

ସୂଚନାଥାଉ କି, କୋଭିଡ-୧୯ର ଦ୍ୱିତୀୟ ଲହର ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଚଳିତବର୍ଷ ମାଟ୍ରିକ ପରୀକ୍ଷା ବାତିଲ ☞ପୃଷ୍ଠା-୨




# ୱେବ୍‌ସାଇଟରେ ପ୍ରଭାବ ଏବଂ ପଇସା

ସୁନୀତ୍ ମିଶ୍ର
ଭୁବନେଶ୍ୱର, ୨୪।୬(ବ୍ୟୁରୋ)




ରାଜ୍ୟ ସରକାରଙ୍କ ଅଧୀନରେ ବର୍ତ୍ତମାନ ୪୨ଟି ବିଭାଗ କାର୍ଯ୍ୟ କରୁଛି। ସେ ସମସ୍ତ ବିଭାଗର ଗୁରୁତ୍ୱପୂର୍ଣ୍ଣ ତଥ୍ୟଗୁଡ଼ିକ କେତେ ମାତ୍ରାରେ ସୁରକ୍ଷିତ ତାକୁ ନେଇ ବର୍ତ୍ତମାନ ଲୋକସେବା ଭବନରେ କାର୍ଯ୍ୟରତ କର୍ମଚାରୀ ମହଲରେ ଗୁଞ୍ଜରଣ ଆରମ୍ଭ ହେଲାଣି। ସରକାରଙ୍କ ସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଅନ୍‌ଲାଇନ ଜରିଆରେ କାମ କରିବା ନାଁରେ କେତେକ ସଫ୍ଟୱେର ଡେଭଲପମେଣ୍ଟ କମ୍ପାନୀ ହାତକୁ ଟେକି ଦିଆଯାଇଛି। ଓଡ଼ିଶା ସରକାର ସବୁ ଫାଇଲ ଏବେ ଓଏସ୍‌ଡବ୍ଲ୍ୟୁଏଏସ୍(ଓସ୍ୱାସ୍) ମାଧ୍ୟମରେ କାମ କରୁଛନ୍ତି। ଓସ୍ୱାସ୍ ଅର୍ଥାତ୍ ଓଡ଼ିଶା ସେକ୍ରେଟେରିଏଟ୍ ୱର୍କଫ୍ଲୋ ଅଟମୋସନ ସିଷ୍ଟମ ନାମକ ଏକ ସଫ୍ଟୱେର। ଏହି ସଫ୍ଟୱେରଟି ଟିସିଏସ୍(ଟାଟା କନ୍‌ସଲଟାନ୍ସି ସର୍ଭିସ) ଦ୍ୱାରା ପରିଚାଳିତ। ଟାଟା ଭଳି କମ୍ପାନୀ ଦ୍ୱାରା ଯଦି ସରକାରଙ୍କ ସମସ୍ତ ଫାଇଲ କାର୍ଯ୍ୟର ତଦାରଖ ହେଉଥାଏ, ତେବେ ଓଡ଼ିଶାର ଭବିଷ୍ୟତ କେତେ ସୁରକ୍ଷିତ ତାକୁ ନେଇ କର୍ମଚାରୀଙ୍କ ମନରେ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଏହି ସନ୍ଦେହ ଯୁକ୍ତିଯୁକ୍ତ ଲାଗୁଛି, କାରଣ ଟାଟା ଗ୍ରୁପ୍‌ର ମୁଖ୍ୟ ଭାତହାଣ୍ଡି, ଅର୍ଥାତ୍ ଟାଟା ଷ୍ଟିଲ୍, ବହୁଦିନରୁ ଓଡ଼ିଶାରେ ଖଣିଜ ପଦାର୍ଥ ଉତ୍ତୋଳନ କରିବାରେ ଲିପ୍ତ ରହି ଆସିଛି। ଏହା ହେଉଛି ଗୋଟିଏ ଉଦାହରଣ।

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ବର୍ତ୍ତମାନ ଅନ୍‌ଲାଇନ କାର୍ଯ୍ୟକୁ ବହୁ ମାତ୍ରାରେ ପ୍ରାଧାନ୍ୟ ଦିଆଯାଉଛି। ତେଣୁ ସଫ୍ଟୱେର ଡେଭଲପଠାରୁ ଆରମ୍ଭ କରି କମ୍ପ୍ୟୁଟର କିଣା ପର୍ଯ୍ୟନ୍ତ ବିଭିନ୍ନ ଆଳରେ କେତେ ଟଙ୍କା ଖର୍ଚ୍ଚ ହେଉଛି ସେନେଇ କାହାରି ପାଖରେ କିଛି ତଥ୍ୟ ରହୁନାହିଁ। ଏଥିପାଇଁ ମଧ୍ୟ ରାଜ୍ୟ ସରକାର ଜିନିଷ କିଣିବା ପୂର୍ବରୁ ଏକ ନୂଆ ସ୍ୱତନ୍ତ୍ର ୱେବ୍‌ସାଇଟ୍ ଖୋଲି ଦେଉଛନ୍ତି। ଏହା ଫଳରେ ବିଭାଗର ଉଚ୍ଚପଦସ୍ଥ କର୍ତ୍ତୃପକ୍ଷଙ୍କ ସହ ଭଲ ସମ୍ପର୍କ ରଖିଥିବା ଯୋଗାଣକାରୀ ସଂସ୍ଥା ଟେଣ୍ଡର ପକାଇବାରେ ସକ୍ଷମ ହେଉଛନ୍ତି। ତେଣୁ ଏ ସମ୍ପର୍କରେ ସମ୍ପୃକ୍ତ ସଚିବ ଏକାକୀ ତଥ୍ୟ ଜାଣୁଛନ୍ତି। ଜଣେ ଲୋକସେବା ଭବନ କର୍ମଚାରୀଙ୍କ କହିବା ମୁତାବକ, ଆଗରୁ ପିଅନଙ୍କ ହାତରେ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଫାଇଲ ପଠାଯାଉଥିଲା। ସେହି ପିଅନମାନେ ୧୫ରୁ ୨୦ ହଜାର ଟଙ୍କା ଦରମା ନେଇ କାମ କରୁଥିଲେ। ହେଲେ ଓସ୍ୱାସ୍ ସଫ୍ଟୱେର ହେବାପରେ ☞ପୃଷ୍ଠା-୨

# ଜେଲରେ ଜନ୍ ମେକେଫିଁ ମୃତ

- କିଛି ଘଣ୍ଟା ପୂର୍ବରୁ ସ୍ପେନ୍ କୋର୍ଟ ଦେଇଥିଲେ ପ୍ରତ୍ୟର୍ପଣ ଅନୁମତି
- ଟ୍ୟାକ୍ସ ଠକେଇ ଅଭିଯୋଗରେ ୨୦୨୦ରେ ଗିରଫ ହୋଇଥିଲେ

ମାଡ୍ରିଡ୍,୨୪।୬






ଜନ୍ ଡେଭିଡ୍ ମେକେଫି

ଆଣ୍ଟିଭାଇରସ୍ ଜଗତର ଜଣାଶୁଣା ନାମ ଜନ୍ ମେକେଫିଙ୍କ ମୃତ୍ୟୁ ଘଟିଛି। ବ୍ରିଟେନ ଜନ୍ମିତ ଏହି ଆମେରିକୀୟ କମ୍ପ୍ୟୁଟର ପ୍ରୋଗ୍ରାମର୍‌ଙ୍କ ଝୁଲନ୍ତା ମୃତଦେହ ସ୍ପେନ୍‌ର ବାର୍ସିଲୋନାସ୍ଥିତ ଏକ ଜେଲରେ ବୁଧବାର ଠାବ କରାଯାଇଛି। ତାଙ୍କୁ ବଞ୍ଚାଇବା ପାଇଁ ସବୁ ଉଦ୍ୟମ କରାଯାଇଥିଲା। କିନ୍ତୁ ବଞ୍ଚାଯାଇପାରି ନାହିଁ ବୋଲି ସ୍ପେନ୍‌ର ଜଷ୍ଟିସ୍ ଡିପାର୍ଟମେଣ୍ଟ ପକ୍ଷରୁ କୁହାଯାଇଛି। ସେ ନିଜ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଜନ୍ ଡେଭିଡ୍ ମେକେଫି ଆଣ୍ଟିଭାଇରସ୍ ସଫ୍ଟୱେର ମେକେଫି ଆସୋସିଏଟ୍ସର ପ୍ରତିଷ୍ଠାତା ଥିଲେ। ତାଙ୍କ ବିରୋଧରେ ଆମେରିକାରେ ଟିକସ ଠକେଇ ଅଭିଯୋଗ ରହିଥିଲା। ୭୫ ବର୍ଷୀୟ ମେକେଫିଙ୍କ ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ସ୍ପେନ୍‌ର ନ୍ୟାଶନାଲ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ଭାଜପାର ଦୂରଦୃଷ୍ଟିହୀନ ନୀତି ଯୋଗୁ ବେରୋଜଗାରୀ ବଢ଼ିବା ସହ ଅର୍ଥନୀତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଲକ୍ଷାଧିକ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କରୁଥିବା ଦାବିର ସତ ଏବେ ସାମ୍ନାକୁ ଆସିଛି।

–ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଅଂଶିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୨୨ ସୁଦ୍ଧା ଓଏସ୍‌ଆଇସି ବ୍ୟବସାୟ ହଜାରେ କୋଟିରେ ପହଞ୍ଚିବ

**ଭୁବନେଶ୍ୱର, ୨୪।୬(ବ୍ୟୁରୋ)–** ୨୦୨୨ ସୁଦ୍ଧା ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ୧୦୦୦ କୋଟି ଟଙ୍କାର ବ୍ୟବସାୟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ସାକାର କରିବା ଏବଂ ଏହାକୁ ଏକ ଗୋଲ୍ଡ କ୍ୟାଟେଗୋରି ସରକାରୀ ଉଦ୍ୟୋଗରେ ପରିଣତ କରିବାକୁ ଗୁରୁବାର ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ୨୦୫ ତମ ବୋର୍ଡ ଅଫ୍ ଡାଇରେକ୍ଟର୍ସ ଭିଡିଓ କନ୍‌ଫରେନ୍ସ ବୈଠକରେ ନିଗମର ଅଧ୍ୟକ୍ଷ ଚିନ୍ମୟ କୁମାର ସାହୁ ପ୍ରକାଶ କରିଛନ୍ତି। ନିଗମ ୬୧୩ କୋଟି ଟଙ୍କାର ବ୍ୟବସାୟ କରି ରେକର୍ଡ କରିଛି। ନିଗମ କାର୍ଯ୍ୟଧାରାକୁ ଆହୁରି ବ୍ୟାପକ ଏବଂ ଆଧୁନିକୀକରଣ କରିବା ପାଇଁ ଆଲୋଚନା କରାଯାଇଛି। ବିଭିନ୍ନ ସ୍ୱତନ୍ତ୍ର ସେବା ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ପେଶାଲ ପରପସ୍ ଭେଇକିଲ୍ (ଏସ୍‌ପିଭି) ଗଠନ କରିବାକୁ ନିଷ୍ପତ୍ତି ହୋଇଛି । ଏଥିରେ ଦକ୍ଷ ମାନବ ସମ୍ବଳକୁ ଉପଯୋଗ କରାଯିବ। ଏସ୍‌ପିଭି ଗଠନ ପାଇଁ ସର୍ତ୍ତ ଓ ନିୟମାବଳୀ ରଖାଯିବାକୁ ନିଷ୍ପତ୍ତି ହୋଇଛି । ନିଗମ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଖାଲି ପଡ଼ିଥିବା ମୂଳ ପଦବୀଗୁଡ଼ିକୁ ତୁରନ୍ତ ପୂରଣ, ଡିଜିଟାଇଜେଶନ ପରି ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ, ଭିତ୍ତିଭୂମି ନିର୍ମାଣ ଏବଂ ଆନୁଷଙ୍ଗିକ କଞ୍ଚାମାଲ୍ ଯୋଗାଇବା ପର୍ଯ୍ୟନ୍ତ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରିବାକୁ ଏହାର ପରିସରକୁ ବ୍ୟାପକ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# ୨କୋଟିର ବ୍ରାଉନସୁଗାର ଜବତ

**ଭୁବନେଶ୍ୱର, (ବ୍ୟୁରୋ)/ ବାଲେଶ୍ୱର ଅଫିସ/ ବସ୍ତା,୨୪।୬(ଡି.ଏନ.ଏ.)**

ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳ ପାଲଟିଛି ବାଲେଶ୍ୱର ଜିଲାର ଜଳେଶ୍ୱର ଓ ବସ୍ତା ଅଞ୍ଚଳ। ସମୁଦ୍ର ବାଟ ଦେଇ ପଶ୍ଚିମବଙ୍ଗ ଓ ବାଂଲାଦେଶରୁ ଏଠାରେ ଏହି ଧଳା ଜହର ପହଞ୍ଚିବା ପରେ ଏଜେଣ୍ଟଙ୍କ ଜରିଆରେ ସାରା ରାଜ୍ୟକୁ ଚୋରାଚାଲାଣ ହେଉଛି। କରୋନା କଟକଣା ପରଠୁ କଟକ ଓ ଭୁବନେଶ୍ୱର ଏହି ବେଆଇନ କାରବାରର ବଡ଼ ବଜାର ପାଲଟିଥିବାବେଳେ ବିଶେଷକରି ଛାତ୍ର ଓ ଅଣଓଡ଼ିଆଙ୍କୁ ଟାର୍ଗେଟ କରିଛନ୍ତି ନିଶା ମାଫିଆ। ନିକଟରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ହାତରେ ଧରାପଡିଥିବା କେତେଜଣ ଏଜେଣ୍ଟଙ୍କୁ ପଚରାଉଚରା ପରେ ର୍‍ୟାକେଟ ଉପରେ ନଜର ରଖାଯାଇଥିଲା।

**ଖସିଗଲେ ମୁଖ୍ୟ ଅଭିଯୁକ୍ତ, ସହଯୋଗୀ ଗିରଫ**

ବୁଧବାର ବାଲେଶ୍ୱର ବସ୍ତା ଥାନା ଅଧୀନ ସଦାନନ୍ଦପୁର ବାଉଁଶଡ଼ିହା ଅଞ୍ଚଳରେ ବ୍ରାଉନସୁଗାର କାରବାର ନେଇ ସୂଚନା ପାଇବା ପରେ ଏସ୍‌ଟିଏଫ୍ ଟିମ୍ ଉକ୍ତ ଅଞ୍ଚଳରେ ଲୁଚି ରହିଥିଲା। ବିଳମ୍ବିତ ରାତିରେ ସ୍ଥାନୀୟ ଏକ ପୋଲ ନିକଟରେ ୨ଜଣ ଯୁବକ ବ୍ରାଉନସୁଗାର ଧରି ପହଞ୍ଚିବା ପରେ ଏସ୍‌ଟିଏଫ୍ ଅଧିକାରୀମାନେ ଚଢ଼ାଉ କରିଥିଲେ। ତେବେ ଘଟଣାସ୍ଥଳରେ ଜଣକୁ କାବୁ କରିଥିବାବେଳେ ମୁଖ୍ୟ କାର୍ପେଟଦାର ଖସି ପଳାଇବାରେ ସକ୍ଷମ ହୋଇଥିଲେ। ତେବେ ଧରାପଡ଼ିଥିବା ବସ୍ତା ସଦାନନ୍ଦପୁରର ସାଜିଦ୍ ଖାନ୍(୨୮)ଙ୍କ ନିକଟରୁ ପ୍ରାୟ ୨ କି.ଗ୍ରା. ୧୨ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହାର ଅନୁମାନିକ ବଜାର ମୂଲ୍ୟ ୨କୋଟିରୁ ଊର୍ଦ୍ଧ୍ୱ ହେବ। ଏନେଇ ଏସ୍‌ଟିଏଫ୍‌ପକ୍ଷରୁ ୧୯୮୫ ଏନ୍‌ଡିପିଏସ୍‌ଆକ୍ଟ ୨୧(ସି)/୨୯ ଅନୁସାରେ ମାମଲା (ନଂ.୨୩/୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏହି ର୍‍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ କେଉଁଠାରୁ ବ୍ରାଉନ୍‌ସୁଗାର ଅଣାଯାଇ କେଉଁ ସ୍ଥାନକୁ ପଠାଯାଉଥିଲା ତାହାର ତଦନ୍ତ ଚଳାଇଛି ଏସ୍‌ଟିଏଫ୍।


## classifieds Everyday 0674-2580101, 2549302




**SALE**

Convert your Dreams into reality with 3BHK 1570sqft. Residential flat @ Rs7500/- per. sqft. Forest park (near Star Coaching Center), Bhubaneswar. Contact- 7978099013. D-20941

3BHK duplex 58 lakhs near Hanspal Jagannathpur, Bhubaneswar (Bank loan available). 9040033905, 9937807101. D-70852

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession, ଅଗ୍ରିମ boundarywall, electricity with 30ft. road sqft. 700/-ରେ ମିଳୁଛି। Contact: 7008045582, 7749800648. D-20926




Spacious 2Bedroom flat available for rent at BJB Nagar for detail contact: 9437074655, 919342540892. D-20940




Newly open Spa offer @ 699/-, Positively health benefits, Jaydevvihar. 7846814019. D-59994




Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20906

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# 'ବାଣିଜ୍ୟ ଅଭିବୃଦ୍ଧି ଲାଗି ଜଳପଥ ସମ୍ପ୍ରସାରଣ ଜରୁରୀ'

**ଭୁବନେଶ୍ୱର, ୨୪।୬(ବ୍ୟୁରୋ)**

କେନ୍ଦ୍ର ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ଜାହାଜ ପରିବହନ ଓ ଜଳମାର୍ଗ ମନ୍ତ୍ରଣାଳୟ ଅଧୀନ ଉପକୂଳବର୍ତ୍ତୀ ରାଜ୍ୟ ଉନ୍ନୟନ ପରିଷଦ(ଏମ୍‌ଏସ୍‌ଡିସି)ର ଭର୍ଚୁଆଲ୍‌ରେ ଗୁରୁବାର ଅଷ୍ଟାଦଶ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ ସାମୁଦ୍ରିକ ବାଣିଜ୍ୟ ଅଭିବୃଦ୍ଧି ନିମନ୍ତେ ଜଳପଥ ପରିବହନକୁ ସମ୍ପ୍ରସାରଣ କରାଯିବା ଜରୁରୀ ବୋଲି କହିଛନ୍ତି। ଏଥିସହ ଇଣ୍ଡିଆନ ପୋର୍ଟ ବିଲ୍–୨୦୨୧ ସମ୍ପର୍କରେ ରାଜ୍ୟସ୍ତରରେ ବ୍ୟାପକ ଆଲୋଚନା କରାଯିବା ପରେ ମତାମତ ଦିଆଯିବ। ଗତ ଫେବୃଆରୀରେ ବିଧାନସଭାରେ ପାରିତ ହୋଇଥିବା ରାଜ୍ୟ ସାମୁଦ୍ରିକ ବିଲ୍‌ରେ ଥିବା ପ୍ରାବଧାନଗୁଡ଼ିକୁ ମଧ୍ୟ ଇଣ୍ଡିଆନ ପୋର୍ଟ ବିଲ୍‌ରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ୫ନଂ ଜାତୀୟ ଜଳପଥ ନେଇ କାର୍ଯ୍ୟକଲେ ଓଡ଼ିଶାରେ ପରିବହନ ଓ ବନ୍ଦର ବିକାଶ କ୍ଷେତ୍ରରେ ଅଧିକ ଉନ୍ନତି ପରିଲକ୍ଷିତ ହେବା ସହ ତଜ୍ଜନିତ ଆର୍ଥିକ ବୋଝ ହ୍ରାସ ପାଇବ।

**ସାମୁଦ୍ରିକ ବାଣିଜ୍ୟ ବିକାଶ ପରିଷଦ ବୈଠକ**

ଏପରି କି ପ୍ରତିଦ୍ୱନ୍ଦ୍ୱିତାମୂଳକ ବଜାରରେ ଜଳମାର୍ଗ ପରିବହନ ଶିଳ୍ପ ଅଭିବୃଦ୍ଧି ତଥା ବାଣିଜ୍ୟରେ ଅଧିକ ସହାୟକ ହେବ ବୋଲି ବେହେରା କହିଛନ୍ତି । ଓଡ଼ିଶାର ବନ୍ଦରଗୁଡ଼ିକ ପାଇଁ ରେଳପଥ ଓ ସଡ଼କ ସଂଯୋଗୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ହରିଦାସପୁର ରେଳ ଷ୍ଟେଶନରୁ ପାରାଦୀପ ବନ୍ଦରକୁ ନୂଆ ରେଳପଥ ସଂଯୁକ୍ତ ହେବା ଯୋଗୁ ବନ୍ଦରର ପଣ୍ୟ ପରିବହନ କ୍ଷମତା ବାର୍ଷିକ ପ୍ରାୟ ୨୦ ନିୟୁତ ଟନ୍ ବୃଦ୍ଧି ପାଇଛି। ଧାମରା ଓ ଗୋପାଳପୁର ବନ୍ଦର କାର୍ଯ୍ୟ ସହ ସୁବର୍ଣ୍ଣରେଖା, ଅସ୍ତରଙ୍ଗ ଓ ମହାନଦୀ ରିଭରାଇନ୍ ପରି ୩ଟି କ୍ଷୁଦ୍ର ବନ୍ଦରର ବିକାଶ କାମ ଚାଲିଛି । ଧାମରା ବନ୍ଦର ପାଇଁ ଥିବା ରାସ୍ତାକୁ ରାଜ୍ୟ ସରକାର ଦୁଇ ଥାକିଆ କରିଛନ୍ତି । କିନ୍ତୁ ଭଦ୍ରକଠାରୁ ଏଠାକୁ ୪ ଥାକିଆ ସଂଯୋଗୀକରଣର ସମ୍ଭାବନା ରହିଛି। ଏହାର ପରିଚାଳନା ଦାୟିତ୍ୱରେ ଥିବା ଆଦାନୀ ଗ୍ରୁପ୍ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକ ଅଛି ବୋଲି ସେ କହିଛନ୍ତି।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ପ୍ରଦୀପ

**ମାଲକାନଗିରି,୨୪।୬(ଡି.ଏନ୍.ଏ.)**

କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ପ୍ରଦୀପ ମାଝି ଗତ ୨୪ତାରିଖରେ ମାଲକାନଗିରିଠାରେ ଏକ ଖବରଦାତା ସମ୍ମିଳନୀରେ ପଥରଖଣି ଟେଣ୍ଡରକୁ

**ପଥର ଖଣି ଟେଣ୍ଡରରେ ଅନିୟମିତତା ପ୍ରସଙ୍ଗ**

ନେଇ ଜିଲାପାଳଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ଗୁରୁବାର ମାଝି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କୁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ଦଳର ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ। ଆସନ୍ତା ୪ ତାରିଖ ମଧ୍ୟରେ ଦାବି ପୂରଣ କରା ନ ଗଲେ ଦଳ ଆନ୍ଦୋଳନ କରିବ ବୋଲି ଦାବିପତ୍ରରେ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ୱେବ୍‌ସାଇଟରେ ପ୍ରଭାବ...

ବର୍ତ୍ତମାନ ବିଭିନ୍ନ କଣ୍ଟ୍ରାକ୍ଟୁଆଲ ଷ୍ଟାଫ୍‌ମାନଙ୍କୁ ଦେଖିବାକୁ ମିଳୁଛି। ତେଣୁ ଘରୋଇ ସଫ୍ଟୱେର କମ୍ପାନୀଗୁଡ଼ିକ କେତେ ମାତ୍ରାରେ ସରକାରୀ କାର୍ଯ୍ୟାଳୟରେ ପଶିସାରିଲେଣି ତାହା ସ୍ପଷ୍ଟ ବୁଝାପଡୁଛି। ଟିସିଏସ୍ ଭଳି ଆଉ ଏକ ସଫ୍ଟୱେର କମ୍ପାନୀ ବର୍ତ୍ତମାନ ସରକାରଙ୍କ ବିଭିନ୍ନ ପ୍ରକାର ୱେବ୍‌ସାଇଟ ଖୋଲିବାର କାମ ହାତେଇବାରେ ଲାଗିଛି। ଉକ୍ତ ସଫ୍ଟୱେର କମ୍ପାନୀଟି ଆଚାର୍ଯ୍ୟବିହାର ସ୍ଥିତ ସରକାରଙ୍କ ଅଧୀନ ଏକ ଆଇଟି ବିଲ୍ଡିଂ ଭିତରେ ଅବସ୍ଥିତ। ସେଠାରେ ଉକ୍ତ ଘରୋଇ କମ୍ପାନୀଟି ଦୁଇଟି ମହଲାରେ ଅଫିସ କରିଛି। ହେଲେ ସେହି ଘରୋଇ କମ୍ପାନୀ ଦୀର୍ଘଦିନ ହୋଇଗଲା କାର୍ଯ୍ୟାଳୟ ଖୋଲିବା ବାବଦ ଭଡ଼ା ସରକାରଙ୍କୁ ଦେଉନାହିଁ। ସରକାରୀ କାର୍ଯ୍ୟାଳୟରୁ ମଧ୍ୟ କୌଣସି ପ୍ରକାର ଚାପ ଏନେଇ ଉକ୍ତ ସଫ୍ଟୱେର କମ୍ପାନୀ ଉପରେ ପକାଯାଉ ନାହିଁ। ମିଳିଥିବା ତଥ୍ୟ ମୁତାବକ, ମୁଖ୍ୟମନ୍ତ୍ରୀ ୱେବ୍‌ସାଇଟ ଜରିଆରେ କୋଭିଡ୍ ରିପୋର୍ଟ ମିଳିବ ବୋଲି ଗତ ମାସ ଶେଷ ସପ୍ତାହ ବେଳକୁ ଘୋଷଣା କରିଥିଲେ। ଏଥିଲାଗି ରାଜ୍ୟରେ କୋଭିଡ୍ ଡ୍ୟାସ୍‌ବୋର୍ଡ ଏବଂ କୋଭିଡ୍–୧୯ ୱେବ୍‌ସାଇଟରେ ବ୍ୟବସ୍ଥା କରାଯାଇଛି। ଲୋକମାନେ ଏହି ସୂଚନା ପାଇବା ଲାଗି ଯେଉଁ ୱେବ୍‌ସାଇଟ କରାଯାଇଛି ଉକ୍ତ ଆଇଟି କମ୍ପାନୀ ଦ୍ୱାରା ପରିଚାଳିତ ହେଉଛି। ବିଗତ ଦିନରେ ପ୍ରବାସୀମାନେ ବାହାରୁ ଫେରିବା ଲାଗି ରେଜିଷ୍ଟ୍ରେଶନ କରିବାକୁ ଯେଉଁ ୱେବ୍‌ସାଇଟ ହୋଇଥିଲା ତାହା ମଧ୍ୟ ଉପରୋକ୍ତ କମ୍ପାନୀ ମାଧ୍ୟମରେ କରାଯାଇଛି। କୋଭିଡ୍‌ର ପ୍ରଥମ ଲହର ବେଳକୁ ଉକ୍ତ କମ୍ପାନୀ ଦ୍ୱାରା ଖୋଲାଯାଇଥିବା କିଛି ୱେବ୍‌ସାଇଟ ଠିକଣା ଭାବେ କାର୍ଯ୍ୟକାରୀ ହେଉନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଉକ୍ତ ଆଇଟି କମ୍ପାନୀରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ କହିବା ମୁତାବକ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ଏବଂ ଆଇଟି ବିଭାଗର ସମସ୍ତ ଅନ୍‌ଲାଇନ କାର୍ଯ୍ୟ ତାଙ୍କ କମ୍ପାନୀ ଦ୍ୱାରା କରାଯାଇଥାଏ। ଅନ୍ୟପଟେ ବିଭିନ୍ନ ବିଭାଗର ସରକାରୀ ଟୁଇଟର ମଧ୍ୟ ସମାନ ଭାବେ ସେହି କମ୍ପାନୀ ପରିଚାଳିତ କରୁଛି। ଉକ୍ତ କାର୍ଯ୍ୟ ପାଇଁ କୋଟିଏରୁ ଅଧିକ ବିଲ୍ ହେଉଥିବା ବେଳେ ରାଜ୍ୟ ସର୍ବୋଚ୍ଚ ଅଫିସ୍‌ର କୌଣସି ତଥ୍ୟ ଏହି କମ୍ପାନୀ ମାଲିକଙ୍କଠାରୁ ଲୁଚ୍ଚାୟିତ ରହୁନାହିଁ। ସେଥିଲାଗି ସରକାରୀ ଗୋପନୀୟ ତଥ୍ୟ ଜାଣିବା ପାଇଁ ତାଙ୍କ ସହ ବନ୍ଧୁତା କରିବା ହୋଇଛି ଭୁବନେଶ୍ୱରର କେତେକ ମହଲର ମୁଖ୍ୟ କାର୍ଯ୍ୟ। ଜଣେ କର୍ମଚାରୀଙ୍କ ନିକଟରୁ ମିଳିଥିବା ତଥ୍ୟ ମୁତାବକ, ବିଭିନ୍ନ ବିଭାଗର ଆଇଟି ଡେଭଲପ ଲାଗି ବଜେଟରେ ଅର୍ଥ ବରାଦ ରହିଥାଏ। ଏହାଛଡ଼ା ବିଭିନ୍ନ କାର୍ଯ୍ୟକ୍ରମ ଯେପରି କି କାପାସିଟି ବିଲ୍ଡିଂ ନାମରେ ମଧ୍ୟ ଏକ ଫଣ୍ଡ ପ୍ରାୟ ୫୦ କୋଟି ଟଙ୍କା ରହୁଛି। ସେହି ଅର୍ଥକୁ ମଧ୍ୟ କେତେଜଣ ସଚିବଙ୍କ ଅନୁମୋଦନ ପରେ ବିଭିନ୍ନ ୱେବ୍‌ସାଇଟ ଆଦି ଖୋଲିବା, ବିଭିନ୍ନ ଟ୍ରେନିଂ କାର୍ଯ୍ୟକ୍ରମ ନାଁରେ ଉଠାଇ ନିଆଯାଉଛି ଯାହା ବାହାରକୁ ଅସଲ ଦୁର୍ନୀତି ଜଣାପଡୁ ନ ଥିବା ସେ କହିଛନ୍ତି।

### ବିନା ଭକ୍ତରେ...

ଗୁରୁବାର ଭୋର୍ ୩ଟା ୨୦ରେ ପହଣ୍ଡି ସରିଥିଲା। ଏହାପରେ କ୍ରମାଗତ ଭାବେ ମହାପ୍ରଭୁଙ୍କ ନୀତିକାନ୍ତି ସୁରୁଖୁରୁରେ ହୋଇଥିଲା। ସକାଳ ୭ଟା ୫୫ ସୁଦ୍ଧା ଜଳଛେକ ବିଜେ, ୮ଟା ୩୫ରେ ଜଳପୂଜା ନୀତି ହୋଇଥିଲା। ପରେ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଯାଇଥିଲା। ପୂର୍ବାହ୍ନ ୯ଟା ୫୦ରେ ମଇଲମ ପରେ ୧୧ଟାରେ ଗଜପତି ମହାରାଜାଙ୍କ ପ୍ରତିନିଧି ନାରାୟଣ ମୁଦିରସ୍ତ ସ୍ନାନମଣ୍ଡପ ଛେରାପହଁରା କରିଥିଲେ। ୧୧ଟା ୨୦ରେ ମହାପ୍ରଭୁ ହାତୀବେଶରେ ସଜ୍ଜିତ ହୋଇ ଦର୍ଶନ ଦେଇଥିଲେ। ପ୍ରତ୍ୟକ୍ଷ ଭାବେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ହାତୀବେଶ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ଆତୁରତା ରହିଥିଲେ ମଧ୍ୟ ପ୍ରଶାସନର କଟକଣା ଓ କୋଭିଡ୍ ଗାଇଡ୍‌ଲାଇନ ଯୋଗୁ ଏଥିରୁ ବଞ୍ଚିତ ହେବାକୁ ପଡ଼ିଛି। ଦୂରଦର୍ଶନରେ ସିଧା ପ୍ରସାରଣ ମାଧ୍ୟମରେ ଭକ୍ତମାନେ ଏହି ବେଶ ଦର୍ଶନ କରି ନିଜକୁ କୃତାର୍ଥ ମନେ କରିଛନ୍ତି। ଏହାପରେ ଅନ୍ୟାନ୍ୟ ନୀତିକାନ୍ତି ପର୍ଯ୍ୟାୟ କ୍ରମେ ଚାଲିଥିଲା। ଚଳିତ ଥର ସାହାଣ ମେଲା ଦର୍ଶନ ବନ୍ଦ ଥିବାରୁ ଉକ୍ତ ସମୟ ଅତିବାହିତ ପରେ ଗୋଟି ପହଣ୍ଡିରେ ଚତୁର୍ଦ୍ଧାବିଗ୍ରହଙ୍କୁ ଅଣସର ପିଣ୍ଡିକୁ ବିଜେ କରାଯାଇଥିଲା। ଶୁକ୍ରବାରଠାରୁ ନବଯୌବନ ଦର୍ଶନ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ପଟିଦିଅଁ ପୂଜା ଓ ଦର୍ଶନ ଆରମ୍ଭ ହେବ।

### ଆଜି ମାଟ୍ରିକ...

କରିଦେଇଥିଲେ। ତେବେ ମାଟ୍ରିକ୍ ପରୀକ୍ଷା ଫଳ ପାଇଁ ଚୂଡ଼ାନ୍ତ ମୂଲ୍ୟାୟନ ପଦ୍ଧତିକୁ ଗତ ମାସରେ ବୋର୍ଡ ଅନୁମୋଦନ କରିଥିଲା। ନବମ ଓ ଦଶମ ଶ୍ରେଣୀର ମାର୍କ ଆଧାରରେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ମୂଲ୍ୟାୟନ ହେବ ବୋଲି କୁହାଯାଇଥିଲା। ଚୂଡ଼ାନ୍ତ ମୂଲ୍ୟାୟନ ପଦ୍ଧତି ଅନୁସାରେ ନବମର ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା ଏବଂ ଦଶମର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପ୍ରାକ୍ଟିସ୍ ପରୀକ୍ଷାରେ ପିଲା ରଖିଥିବା ମାର୍କକୁ ଆଧାର କରି ମୂଲ୍ୟାୟନ କରାଯାଇଥିବା ସୂଚନା ମିଳିଛି।

### ଘରୋଇ ହସ୍ପିଟାଲକୁ...

ରାଜ୍ୟ ସରକାରଙ୍କ ପକ୍ଷରୁ ସେହିସବୁ କେନ୍ଦ୍ରକୁ ମାଗଣାରେ ଟିକା ଯୋଗାଇ ଦିଆଯାଉଥିଲା। ଇତିମଧ୍ୟରେ କେନ୍ଦ୍ର ସରକାର ୧୮ରୁ ୪୪ ବର୍ଷ ବର୍ଗର ସମସ୍ତ ବ୍ୟକ୍ତିଙ୍କୁ ମାଗଣା ଟିକା ଯୋଗାଇ ଦେଉଛନ୍ତି। ତେବେ ସେହି ଟିକା ଘରୋଇ ହସ୍ପିଟାଲକୁ ଯୋଗାଇବାକୁ ବାରଣ କରାଯାଇଛି। ଯଦି କୌଣସି ଘରୋଇ ହସ୍ପିଟାଲ ଟିକାକରଣ କରିବାକୁ ଚାହିଁବେ ତେବେ ସେମାନେ ନିଜେ ଟିକା ଖରିଦ କରିବାକୁ ସଂଶୋଧିତ ଗାଇଡ୍‌ଲାଇନରେ କୁହାଯାଇଛି।

### ଜେଲରେ ଜନ୍...

କୋର୍ଟ ଆମେରିକାକୁ ତାଙ୍କ ପ୍ରତ୍ୟର୍ପଣ ପାଇଁ ଅନୁମତି ଦେଇଥିଲେ। କାଟାଲୋନିଆର ପ୍ରିଜନ ସିଷ୍ଟମ୍ ମୁଖପାତ୍ର ଏହି ବିଷୟ ସ୍ପଷ୍ଟ କରିଛନ୍ତି।

### ମାମଲା କ'ଣ?

ଟେକ୍ ୱାର୍ଲ୍ଡରେ ମେକେଫି ଜଣେ ବିବାଦୀୟ ବ୍ୟକ୍ତିତ୍ୱ ଥିଲେ। ତାଙ୍କ କମ୍ପାନୀ ପ୍ରଥମ କମର୍ସିଆଲ୍ ଆଣ୍ଟିଭାଇରସ୍ ସଫ୍ଟୱେର ଲଞ୍ଚ କରିଥିଲା। ବିଶ୍ୱର ନୂଆ ଇଣ୍ଡଷ୍ଟ୍ରି ଛିଡ଼ା ହେବାରେ ଏହା ସହାୟକ ହୋଇଥିଲା। ପରେ ମେକେଫି ସଫ୍ଟୱେର ଟେକ୍ କମ୍ପାନୀ ଇଣ୍ଟେଲକୁ ବିକ୍ରି କରିଦେଇଥିଲେ। ୨୦୨୦ ଅକ୍ଟୋବରରେ ମେକେଫି ସ୍ପେନ୍‌ରୁ ତୁର୍କୀର ଇସ୍ତାନବୁଲ୍ ଅଭିମୁଖେ ଯାତ୍ରା ପାଇଁ ବାର୍ସିଲୋନା ବିମାନବନ୍ଦରରେ ଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା। ଗିରଫ ହେବା ପରଠାରୁ ସେ ସ୍ପେନ୍‌ରେ ଥିଲେ। ସେ କନ୍‌ସଲଟାଣ୍ଟ ଓ ପବ୍ଲିକ୍ ସ୍ପିକର ଭାବେ ମଧ୍ୟ ଭଲ ଆୟ କରିଥିଲେ। କ୍ରିପ୍ଟୋ କରେନ୍ସିରେ ନିବେଶ କରିବା ଓ ନିଜ ଆତ୍ମଜୀବନୀର ଅଧିକାର ବିକ୍ରି କରି ବିପୁଳ ଅର୍ଥ ଆୟ କରିବା ସତ୍ତ୍ୱେ ସେ ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ଜାଣିଶୁଣି ଟ୍ୟାକ୍ସ ରିଟର୍ନ ଫାଇଲ୍ କରି ନ ଥିଲେ। ଦୋଷ ପ୍ରମାଣିତ ହୋଇଥିଲେ ତାଙ୍କୁ ୩୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଦିଆଯାଇଥାଆନ୍ତା। ଗତ ନଭେମ୍ବରରେ ତାଙ୍କ ପ୍ରତ୍ୟର୍ପଣ ରିକ୍ୱେଷ୍ଟ ଫାଇଲ୍ ହୋଇଥିଲା। ଏହା ଅନୁସାରେ ମେକେଫି ଏହି ୪ ବର୍ଷ ଭିତରେ ବେଆଇନ ଭାବେ ୨ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ଆୟ କରିଥିଲେ। କିନ୍ତୁ ଟ୍ୟାକ୍ସ ରିଟର୍ନ ଫାଇଲ କରି ନ ଥିଲେ। ସ୍ପେନ୍ କୋର୍ଟ ବୁଧବାର ମେକେଫିଙ୍କୁ ଆମେରିକାକୁ ପ୍ରତ୍ୟର୍ପଣ ଲାଗି ଅନୁମତି ଦେଇଥିଲେ।

### କହିଥିଲେ ଅବସୋସ ନାହିଁ

ଜନ୍ ମେକେଫି ୧୯୮୦ରେ ନିଜ ଆଣ୍ଟିଭାଇରସ୍ ସଫ୍ଟୱେରରୁ ବିପୁଳ ଅର୍ଥ ଆୟ କରିଥିଲେ। ଗତ କିଛି ବର୍ଷ ମଧ୍ୟରେ ସେ କ୍ରିପ୍ଟୋକରେନ୍ସିର ଏକପ୍ରକାର ଆତ୍ମଘୋଷିତ ଗୁରୁ ପାଲଟିଯାଇଥିଲେ। ସେ ଦିନକୁ ୨୦୦୦ ଡଲାର ଆୟ କରୁଥିବା ଦାବି କରିଥିଲେ। ଟୁଇଟରରେ ତାଙ୍କର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଫଲୋୟର୍ସ ଅଛନ୍ତି। ଜୁନ୍ ୧୬ରେ ତାଙ୍କର ଏକ ଟୁଇଟ୍ ଆସିଥିଲା। ମେକେଫି ସେଥିରେ କହିଥିଲେ, ଆମେରିକୀୟ କର୍ତ୍ତୃପକ୍ଷଙ୍କୁ ମନେହେଉଛି ଯେ ସେ କ୍ରିପ୍ଟୋକରେନ୍ସି ଲୁଚାଇ ରଖିଛନ୍ତି। କିନ୍ତୁ ପ୍ରକୃତରେ ତାଙ୍କ ପାଖରେ କିଛି ବଞ୍ଚିନାହିଁ। ଅବଶିଷ୍ଟ ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଛି। ତଥାପି କୌଣସି ବିଷୟକୁ ନେଇ ତାଙ୍କର ଅବସୋସ ନାହିଁ।

### କଶ୍ମୀରକୁ ଫେରିବ...

ଓ ଜମ୍ମୁ–କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ଫେରାଇ ଆଣିବା ପାଇଁ ତାଙ୍କ ଦଳ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଆଇନଗତ ଚ୍ୟାଲେଞ୍ଜ ଜାରି ରଖିବ। କଶ୍ମୀରରେ ସୃଷ୍ଟି ହୋଇଥିବା ଅନାସ୍ଥା ଭାବକୁ ତୁରନ୍ତ ଦୂର କରି ଆସ୍ଥାକୁ ପୁନଃ ଅବସ୍ଥାପିତ କରାଯାଉ। ଏଥିପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ରାଜ୍ୟ ପାହ୍ୟା ଫେରାଇବା ଦିଗରେ କାର୍ଯ୍ୟ କରନ୍ତୁ। ଏପରି କି ଜମ୍ମୁ–କଶ୍ମୀର କ୍ୟାଡରର ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କୁ ମଧ୍ୟ ସେମାନଙ୍କ ପୂର୍ବ ସ୍ଥାନକୁ ଫେରିବାକୁ ସୁଯୋଗ ଦିଅନ୍ତୁ। ଆମର ଏହି ଦାବି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛୁ। ଜମ୍ମୁ–କଶ୍ମୀର ହରାଇଥିବା ସ୍ୱତନ୍ତ୍ର ରାଜ୍ୟ ପାହ୍ୟାକୁ ଫେରାଇଦେଇ ଉପତ୍ୟକାବାସୀଙ୍କ ହୃଦୟରେ ବିଶ୍ୱାସ ଜନ୍ମାଇବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟ କରନ୍ତୁ। ସାଢ଼େ ୩ ଘଣ୍ଟା ଧରି ଚାଲିଥିବା ବୈଠକ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଏକାଧିକ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏକ ବିକଶିତ ଓ ପ୍ରଗତିଶୀଳ ଜମ୍ମୁ–କଶ୍ମୀର ପ୍ରତିଷ୍ଠା ନେଇ ଆଲୋଚନା ହୋଇଛି। ଏଥିରେ ଉପତ୍ୟକାର ସର୍ବାଙ୍ଗୀନ ଉନ୍ନତିକୁ ଗୁରୁତ୍ୱ ଦିଆଯାଇଛି। ସେଠାରେ ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ହେଉଛି ଆମର ପ୍ରାଥମିକତା। ସୀମା ପୁନଃ ନିର୍ଦ୍ଧାରଣ ତ୍ୱରିତ ବେଗରେ କରାଯିବ। ଫଳରେ ଜମ୍ମୁ–କଶ୍ମୀରବାସୀ ଏକ ନିର୍ବାଚିତ ସରକାର ପାଇବେ। ଭିନ୍ନ ଭିନ୍ନ ମତର ଲୋକେ ଗୋଟିଏ ଟେବୁଲରେ ବସି ଭାବ ବିନିମୟ କରିବା ହେଉଛି ଭାରତୀୟ ଗଣତନ୍ତ୍ରର ସବୁଠୁ ବଡ଼ ଶକ୍ତି। ଜମ୍ମୁ–କଶ୍ମୀରକୁ ଯୁବପିଢ଼ି ରାଜନୈତିକ ନେତୃତ୍ୱ ଦେବେ। ସେମାନଙ୍କ ଆଶା ଆକାଂକ୍ଷା ପୂରଣକୁ ସୁନିଶ୍ଚିତ କରାଯିବ ବୋଲି ନେତାମାନଙ୍କୁ କୁହାଯାଇଛି। ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଧ୍ୟ ଅନୁରୂପ କଥା କହିଛନ୍ତି। ରାଜ୍ୟ ପାହ୍ୟା ଫେରସ୍ତ ନେଇ ପାର୍ଲାମେଣ୍ଟରେ ଦିଆଯାଇଥିବା ପ୍ରତିଶ୍ରୁତି ପାଇଁ ସୀମା ପୁନଃ ନିର୍ଦ୍ଧାରଣ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ମାଇଲଖୁଣ୍ଟ ହେବ। ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ବୈଠକ ଶେଷ ହୋଇଛି। ଗଣତନ୍ତ୍ର ଓ ସମ୍ବିଧାନକୁ ସୁଦୃଢ଼ କରିବା ଉପରେ ସମସ୍ତେ ନିଜ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଥିଲେ ବୋଲି ଶାହା ଟୁଇଟ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସମେତ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଓ ଜମ୍ମୁ–କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ୮ ପ୍ରମୁଖ ଦଳର ୧୪ ନେତାଙ୍କୁ ସ୍ୱାଗତ କରିଥିଲେ। କଶ୍ମୀରର ୪ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା, ଓମାର ଅବ୍‌ଦୁଲ୍ଲା, ମେହବୁବା ମୁଫ୍ତି ଓ ଗୁଲାମନବୀ ଆଜାଦଙ୍କ ସମେତ ଅନ୍ୟ ୧୦ ନେତା ସର୍ବଦଳୀୟ ବୈଠକରେ ସାମିଲ ହୋଇଥିଲେ। ସେମାନେ ହେଲେ କଂଗ୍ରେସର ତାରା ଚାନ୍ଦ, ଜି.ଏ. ମୀର, ଜମ୍ମୁ–କଶ୍ମୀର ଅପ୍‌ନି ପାର୍ଟିର ଅଲ୍‌ତାଫ୍ ବୁଖାରୀ, ଭାଜପାର ରବୀନ୍ଦ୍ର ରୈନା, ନିର୍ମଳ ସିଂ, କବୀନ୍ଦ୍ର ଗୁପ୍ତା, ସିପିଆଇଏମ୍‌ର ମହମ୍ମଦ ୟୁସୁଫ ତାରିଗାମୀ, ନ୍ୟାଶନାଲ ପାନ୍ଥର୍ସ ପାର୍ଟି ମୁଖ୍ୟ ପ୍ରଫେସର ଭୀମ ସିଂ ଓ ପିପୁଲ୍ସ କନ୍‌ଫରେନ୍ସ ଅଧ୍ୟକ୍ଷ ସଜାଦ ଲୋନ। ଏମାନଙ୍କ ମଧ୍ୟରୁ ତାରା ଚାନ୍ଦ, ପିପୁଲ୍ସ କନ୍‌ଫରେନ୍ସ ନେତା ମୁଜାଫର ହୁସେନ ବେଇଗ୍ ଏବଂ ଭାଜପାର ନିର୍ମଳ ସିଂ ଓ କବୀନ୍ଦ୍ର ଗୁପ୍ତା ହେଉଛନ୍ତି ପୂର୍ବତନ ଉପମୁଖ୍ୟମନ୍ତ୍ରୀ। କେନ୍ଦ୍ରଶାସିତ ଅଞ୍ଚଳର ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ପିଏମ୍‌ଓ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ, ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ଓ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ବୈଠକ ପୂର୍ବରୁ ନିର୍ବାଚନ ଆୟୋଗ କଶ୍ମୀରର ୨୦ ଉପାୟୁକ୍ତଙ୍କ ସହ ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକର ପୁନର୍ଗଠନ ଏବଂ ନୂଆ ଆସନ ସୃଷ୍ଟି ନେଇ ବିଚାରବିମର୍ଶ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ଆସିଲେ ମଧ୍ୟ ଦୃଢ଼ ହସ୍ତରେ ଦମନ କରିବାରେ ସମର୍ଥ ହେବେ। ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, କାରଣ ଏହି ଦିଗ ପ୍ରତି ଧ୍ୟାନ ଦେଲେ ନିଜ ଲୋକମାନେ ସନ୍ଦେହ ପରିସରକୁ ଆସିଯିବେ। ଦ୍ୱିଜାର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଆରକ୍ଷୀ ସମ୍ପର୍କିତ ବିବାଦୀୟ ଘଟଣାର ଅବସାନ ଘଟିବ।

**ବୃଷ** ମାନସିକ ଅସ୍ଥିରତା କାରଣରୁ ପ୍ରତ୍ୟେକ କାର୍ଯ୍ୟାବଳୀର ସମୀକ୍ଷା କରି ପାରିବେ ନାହିଁ। ବ୍ୟବସାୟ, ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି କ୍ଷେତ୍ରରେ ସ୍ଥଗିତ କାମ ହାସଲ କରିବେ। ବହୁତ ଦିନରୁ ଇଚ୍ଛା କରି ମଧ୍ୟ ଆଣି ପାରି ନଥିବା ଜିନିଷଟି ଆଜି ଆଣିପାରନ୍ତି। ଦୂରଯାତ୍ରା ପାଇଁ ପ୍ରସ୍ତୁତି କରି ପାରନ୍ତି ଏବଂ ପରିବହନରେ ସ୍ଥିତି ମାନ୍ଦା ହେବନାହିଁ ।

**ମିଥୁନ** ବନ୍ଧୁଙ୍କ କାମକୁ ମଧ୍ୟ ଅଗ୍ରାଧିକାର ଭିତରେ କରିବାକୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଅର୍ଥଲାଭ ସହ ଯାତ୍ରାରେ ସଫଳତା ପାଇବେ, କିନ୍ତୁ ସମସ୍ୟା ଭିତର ଦେଇ ଯିବାକୁ ପଡିବ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡିପାରେ। ବ୍ୟବସାୟରେ ବ୍ୟସ୍ତ ରହିବେ ମାତ୍ର ବିଶେଷ ବାବଦରେ ଲାଭବାନ ହେବେ।

**କର୍କଟ** କର୍ମକ୍ଷେତ୍ରରେ ଫାଇଲ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ବ୍ୟସ୍ତ ରହିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ବାଧାପ୍ରାପ୍ତ ହୋଇପାରେ। ପର ଉପରେ ନିର୍ଭର କରିବା ଦ୍ୱାରା ପୂର୍ଣ୍ଣ ମାତ୍ରାରେ କାମ ମଧ୍ୟ ହାସଲ ହୋଇ ପାରିବ ନାହିଁ। ଆଶା ପୂରଣ ହେବାରେ ଜଣେ ସହକର୍ମୀ ଆଜି ଅପରାହ୍ନରେ ସାହାଯ୍ୟ କରିବେ।

**ସିଂହ** ଆପଣଙ୍କ ଧୈର୍ଯ୍ୟ, ଯୁକ୍ତିଯୁକ୍ତ କଥା ପରିସ୍ଥିତିକୁ ସମ୍ଭାଳିବାରେ ସାହାଯ୍ୟ କରିବ। ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଭଉଣୀ କିମ୍ବା ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ। ଅନ୍ୟ କାହାରି କଥା ନ ଶୁଣି ନିଜ ମନଇଚ୍ଛା କାମ କରିବା ଫଳରେ କିଛିଟା ସମସ୍ୟାର ସମ୍ମୁଖୀନ ହେବେ।

**କନ୍ୟା** ଦୂରଯାତ୍ରା, କଠିନ ଶ୍ରମ ଓ ଅନିଦ୍ରା ହେତୁ ଶାରୀରିକ ସୁସ୍ଥତା ବ୍ୟାହତ ହେବ। ଶିକ୍ଷା, ଲେଖାପଢ଼ା ତଥା ସନ୍ତାନଙ୍କ କ୍ଷେତ୍ରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲରେ ସମର୍ଥ ହେବେ। ସ୍ଥଗିତ କାମଟିକୁ ଶେଷ କରିବା କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସାମନା କରିବାକୁ ପଡ଼ିବ।

**ତୁଳା** ଆପଣଙ୍କ ସୁବିଧା ଓ ଅସୁବିଧାର ସମୀକ୍ଷା କରି ଘର ଲୋକଙ୍କ ବ୍ୟସ୍ତ ଓ ବିବ୍ରତକୁ ଲକ୍ଷ୍ୟ କରି ମନ ଅଶାନ୍ତ ରହିବ। ସାଧାରଣ କଥାକୁ କେନ୍ଦ୍ର କରି ଅଧସ୍ତନ କର୍ମଚାରୀ ସମସ୍ୟାକୁ ବୃଦ୍ଧି କରିବେ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ସମସ୍ୟା ସୃଷ୍ଟି କରିବ। ଆନୁଷ୍ଠାନିକ କାମ ସକାଶେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବିଛା** ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ମାନସିକ ସ୍ଥିରତା କ୍ଷୁଣ୍ଣ ହେବ। ଅନାବଶ୍ୟକ ଖର୍ଚ୍ଚରୁ ପରିବାରରେ ମତଭେଦ ତୀବ୍ର ହୋଇପାରେ। ସାମାଜିକ ସ୍ତରରେ ସମ୍ପର୍କ ବୃଦ୍ଧି ପାଇଲେ ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ତାହାର ପଥରୋଧ କରିବ। ଶତ୍ରୁମାନେ ସମସ୍ୟା ସୃଷ୍ଟି କଲେ ମଧ୍ୟ ତାହା କାମ ସକାଶେ ଅନ୍ତରାୟ ନ ହୋଇପାରେ।

**ଧନୁ** ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ଅର୍ଥହାନି ଓ ଶରୀର ପୀଡ଼ାରୁ କଷ୍ଟ ପାଇବେ। କର୍ମକ୍ଷେତ୍ରରେ ହେଉ କିମ୍ବା ନିଜ ପରିସରରେ କର୍ମଦକ୍ଷତାରୁ ପ୍ରତିଷ୍ଠିତ ହେବେ। ଆଗାମୀ ଦିନର ମାଙ୍ଗଳିକ କାର୍ଯ୍ୟ କିମ୍ବା ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଆଜି ମୂଲ୍ୟବାନ ଜିନିଷ କ୍ରୟ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରି ପାରନ୍ତି।

**ମକର** ମାନସିକ ଦ୍ୱନ୍ଦ୍ୱ କାରଣରୁ ପ୍ରତ୍ୟେକ କ୍ଷେତ୍ରରେ କ'ଣ କରିବେ କିମ୍ବା କ'ଣ ନ କରିବେ କିଛି ଠିକ୍ କରି ପାରିବେ ନାହିଁ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଖୁସି ରହିବାର ସୁଯୋଗ ପାଇବେ। ସଭାସମିତି, ମାଲିମକଦ୍ଦମାରେ ସଫଳତା ହାସଲ କରିବେ।

**କୁମ୍ଭ** ସମସ୍ୟା ସଙ୍ଗରେ ଲଢ଼େଇ କରି ପରିସ୍ଥିତି ମୁକାବିଲାରେ ସମର୍ଥ ହେବେ। ଯାନ୍ତ୍ରିକ ତ୍ରୁଟି କାରଣରୁ ସାମାନ୍ୟ ବିଳମ୍ବ ହେଲେ ମଧ୍ୟ ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବନ୍ଧୁମାନଙ୍କର ପରୋକ୍ଷ ଶତ୍ରୁତା ହେତୁ କିଛିଟା ବ୍ୟତିକ୍ରମ ଅବଶ୍ୟ ପରିଲକ୍ଷିତ ହେବ।

**ମୀନ** ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଦିନଟି ଏକପ୍ରକାର ଭଲରେ ଅତିବାହିତ ହେବ। ସାଧାରଣ ପରିଶ୍ରମରେ ଏବଂ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ସମସ୍ୟା ଆପଣାଛାଏଁ ସୁଧୁରି ଯିବ। ସମ୍ପର୍କୀୟଙ୍କଠାରୁ ପରାମର୍ଶ ନେବା ଭଲ ହେବ, ଯାହା କି ଆପଣଙ୍କ କାମରେ ଆସିପାରେ। ଆଜିର ପାରିଶ୍ରମିକ ମନ ଲାଖି ନ ହେବା କାରଣରୁ ମନ ବିଷାଦଗ୍ରସ୍ତ ହୋଇପାରେ।

ଆଜି ଆଷାଢ଼ କୃଷ୍ଣ ପ୍ରତିପଦା ଶୁକ୍ରବାର, ଜୁନ୍ ୨୫ ତାରିଖ, ରାଶିନକ୍ଷତ୍ର–ପୂର୍ବାଷାଢ଼ା/ଧନୁ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୨.୧୫ମି. ଗତେ ଘ.୦୨.୫୪ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୬.୦୬ମି. ଗତେ ଘ.୦୬.୫୯ମି. ମଧ୍ୟେ, ଘ.୦୯.୩୭ମି. ଗତେ ଘ.୧୦.୩୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦.୧୦ମି. ଗତେ ଘ.୧୧.୪୯ମି. ମଧ୍ୟେ ରାହୁକାଳ।

# ହାଇକୋର୍ଟରେ ମାମଲା ଖାରଜ

**କୋଭିଡ୍‌ଜନିତ ମୃତ୍ୟୁ ଅଡିଟ୍ ପ୍ରସଙ୍ଗ**

- ମୃତ୍ୟୁ ସମ୍ପର୍କିତ ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶ
- ଜୁଲାଇ ୫ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ,୨୪।୬**

କୋଭିଡ୍‌ଜନିତ ମୃତ୍ୟୁର ଅଡିଟ୍ ପାଇଁ ହୋଇଥିବା ଜନସ୍ୱାର୍ଥ ମାମଲାକୁ ଗୁରୁବାର ହାଇକୋର୍ଟ ମୁଖ୍ୟବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ଏସ୍.କେ. ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। କିନ୍ତୁ ପ୍ରତି ଜିଲାରେ କୋଭିଡ୍‌ରେ କେତେଜଣଙ୍କ ମୃତ୍ୟୁ ଘଟିଛି, ତାହାର ସବିଶେଷ ତଥ୍ୟ ଦେବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ନୟାଗଡ଼ ଜିଲା ଚିକିତ୍ସା ଅଧିକାରୀ ପ୍ରଦାନ କରିଥିବା କୋଭିଡ୍‌ଜନିତ ମୃତ୍ୟୁ ତଥ୍ୟ ଓ ରାଜ୍ୟ ସରକାର ପୋର୍ଟାଲରେ ଦର୍ଶାଯାଇଥିବା ତଥ୍ୟରେ ତାଳମେଳ ରହୁନାହିଁ। ତେଣୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏ ନେଇ ତଦନ୍ତ କରିଛନ୍ତି କି ନାହିଁ ତାହାର ରିପୋର୍ଟ ଆସନ୍ତା ଜୁଲାଇ ୫ରେ ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ଦାଖଲ କରିବାକୁ କୁହାଯାଇଛି।

କୋଭିଡ୍‌ଜନିତ ମୃତ୍ୟୁର ଅଡିଟ୍ ପାଇଁ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ନିଶିକାନ୍ତ ମିଶ୍ର ଗତ ୧୮ ତାରିଖରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ସେ ପିଟିଶନରେ ଦର୍ଶାଇଥିଲେ, ନୂଆପଡା ଜିଲାରେ ଗତ ଏପ୍ରିଲରେ କୋଭିଡ୍ ପଜିଟିଭ ହାର ୩୫ ପ୍ରତିଶତ ଥିଲା। ଅର୍ଥାତ୍ ୩ଜଣରେ ଜଣେ ଆକ୍ରାନ୍ତ ହୋଇଥିଲେ। ସରକାରୀଭାବେ ୪ଜଣ ଦର୍ଶାଯାଇଥିବାବେଳେ ଜିଲାର କୋଭିଡ୍ ହସ୍ପିଟାଲ ପକ୍ଷରୁ ୮୨ଜଣଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ମିଳିଥିଲା। ସେହିପରି ସମ୍ବଲପୁର ଜିଲାରେ କୋଭିଡ୍‌ଜନିତ ମୃତ୍ୟୁ ୧୯୧ବୋଲି କୋଭିଡ୍ ହସ୍ପିଟାଲ ପକ୍ଷରୁ ଜଣାପଡିଥିବାବେଳେ ସରକାରୀ ଭାବେ ୮୨ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ଦ୍ୱିତୀୟ ଲହରରେ ନୟାଗଡ ଜିଲାରେ କୋଭିଡ୍‌ଜନିତ ମୃତ୍ୟୁ ସଂଖ୍ୟା ୯୭ ବୋଲି ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥ୍ୟ ପ୍ରଦାନ କରିଥିବାବେଳେ ରାଜ୍ୟ ସରକାରଙ୍କ ପୋର୍ଟାଲରେ ୫୯ ଆକ୍ରାନ୍ତଙ୍କ ମଧ୍ୟରୁ ୧୪ଜଣଙ୍କ କୋଭିଡ୍‌ଜନିତ ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ତେଣୁ ଏନେଇ ଅଡିଟ କରାଯିବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ।

# ୨୭ ଯାଏ ବର୍ଷା

**ଭୁବନେଶ୍ୱର,୨୪।୬(ବ୍ୟୁରୋ)**

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏଥିସହିତ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ରହିଛି। ଏହାର ପ୍ରଭାବରେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, କଟକ, ନୟାଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ୟେଲୋୱାର୍ନିଂ ଜାରି କରାଯାଇଛି। ୨୬ ତାରିଖରେ ଯାଜପୁର, ଭଦ୍ରକ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ କନ୍ଧମାଳ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଚେତାବନୀ ଦିଆଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ତାଳଚେରରେ ସର୍ବାଧିକ ୩୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ନୟାଗଡ଼ ୭.୫, ପୁରୀ ୨୬, ଭୁବନେଶ୍ୱର ୭.୬, କଟକ ୨.୪ ଏବଂ ଚାନ୍ଦବାଲିରେ ୭.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।




# ପୌରାଞ୍ଚଳ ବଜେଟର ୨୫% ବସ୍ତି ବିକାଶରେ ଖର୍ଚ୍ଚ ହେବ

**ଭୁବନେଶ୍ୱର, ୨୪।୬(ବ୍ୟୁରୋ)**

ରାଜ୍ୟ ସରକାର ପୌର ଆଇନରେ ଆଣିଥିବା ସଂଶୋଧନ ଅନୁଯାୟୀ ପୌରସଂସ୍ଥାଗୁଡ଼ିକୁ ଦିଆଯାଉଥିବା ଅର୍ଥର ୨୫% ବସ୍ତି ଅଞ୍ଚଳ ଭିତ୍ତିଭୂମି ବିକାଶରେ ବ୍ୟୟ କରାଯିବ। ତଦନୁଯାୟୀ ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଦିଆଯାଇଥିବା ଅର୍ଥର ୨୫% ବସ୍ତି ଅଞ୍ଚଳ ବିକାଶରେ ବିନିଯୋଗ କରିବାକୁ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ସମସ୍ତ ପୌର ପ୍ରଶାସକଙ୍କୁ ପତ୍ର ଲେଖିଛନ୍ତି। ଏଥିସହ ତ୍ରୈମାସିକ ଲକ୍ଷ୍ୟଧାର୍ଯ୍ୟ ସହିତ ଏହାକୁ କିଭଳି ବିନିଯୋଗ କରାଯାଉଛି, ତାହାର କଡ଼ାକଡ଼ି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ସମସ୍ତ ମହାନଗର ନିଗମ, ମ୍ୟୁନିସିପାଲିଟି, ଏନ୍‌ଏସିଗୁଡ଼ିକୁ ୨୦୨୦-୨୧ ଏବଂ ୨୦୨୧-୨୨ ବର୍ଷ ପାଇଁ ମଞ୍ଜୁର ହୋଇଥିବା ଅର୍ଥର ତାଲିକା ପୌର ନିର୍ଦ୍ଦେଶକ ତାଙ୍କ ପତ୍ରରେ ସଂଲଗ୍ନ କରିଛନ୍ତି।

# ପରିଚାଳନା ନିର୍ଦ୍ଦେଶକ ଶିବ ଜେନା ଗିରଫ

**ନକଲି ଔଷଧ ବିକ୍ରି ମାମଲା**

**କଟକ ଅଫିସ, ୨୪।୬**

ନକଲି କରୋନା ଔଷଧ ବିକ୍ରି ମାମଲାରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗୁରୁବାର ଔଷଧ ବିତରଣ କମ୍ପାନୀ ମେଡିଲଏଡ ମେଡିକାମେଣ୍ଟ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶିବପ୍ରସନ୍ନ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଧିକ ତଦନ୍ତ ପାଇଁ ଏସ୍‌ଟିଏଫ୍‌ର ଏକାଧିକ ଟିମ୍ ଓଡ଼ିଶା, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗରେ ତଦନ୍ତ ଚାଲୁ ରଖିଛନ୍ତି। ବୁଧବାର ଉପରୋକ୍ତ ଔଷଧ ବିତରଣ କମ୍ପାନୀର ନିର୍ଦ୍ଦେଶିକା ଶୁଭଲକ୍ଷ୍ମୀ ଜେନା, ଗୋଦାମ ଇନ୍‌ଚାର୍ଜ ସତ୍ୟପ୍ରକାଶ ମହାନ୍ତି ଓ ମ୍ୟାନେଜର ପ୍ରୀତିରଞ୍ଜନ ପରିଡ଼ାଙ୍କୁ ଏସ୍‌ଟିଏଫ୍ ଗିରଫ କରି କୋର୍ଟଚାଲାଣ କରିଥିଲା। ଏଥିସହ ଅଭିଯୁକ୍ତ ଓ କମ୍ପାନୀର ବ୍ୟାଙ୍କ ଆକାଉଣ୍ଟରେ ଥିବା ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାକୁ ଜବତ କରିଛି। ଗିରଫଦାରିକୁ ଏଡ଼ାଇବା ପାଇଁ ଶିବପ୍ରସନ୍ନ ମଙ୍ଗଳବାର ଆଗୁଆ ଜାମିନ୍ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରିବ ବୋଲି ଜଣାପଡ଼ିଛି।


ଶିବପ୍ରସନ୍ନ ଜେନା

ସୂଚନାଯୋଗ୍ୟ, ମୁମ୍ବାଇର ମାକ୍ସ ରିଲିଫ୍ ହେଲ୍‌ଥ କେୟାର କମ୍ପାନୀ ହିମାଚଳ ପ୍ରଦେଶ ସୋଲାନରେ ଔଷଧ ପ୍ରସ୍ତୁତି କରୁଥିବା ଦର୍ଶାଇ ନକଲି ଔଷଧ ଯୋଗାଣ କରୁଥିଲା। ଏହି କମ୍ପାନୀର ୨ ନିର୍ଦ୍ଦେଶକଙ୍କୁ ମୁମ୍ବାଇ ପୋଲିସ ପୂର୍ବରୁ ଗିରଫ କରିସାରିଛି। ଏମାନଙ୍କ ନାମରେ ଅନ୍ୟ ରାଜ୍ୟରେ ମଧ୍ୟ ମାମଲା ରୁଜୁ ହୋଇଛି। ଉକ୍ତ କମ୍ପାନୀରୁ କଟକ କନିକା ଛକରେ ଥିବା ମେଡିଲଏଡ ମେଡିକାମେଣ୍ଟ କମ୍ପାନୀ ବହୁ କମ୍ ଦାମରେ ଔଷଧ ଆମଦାନୀ କରୁଥିଲା। ଏପରିକି ଷ୍ଟ୍ରିପ୍ ପିଛା ୬୫ଟଙ୍କାରେ କିଣି ୧୨୯୦ଟଙ୍କା ଲେଖାଏଁ ବିକ୍ରି କରିବାକୁ ଯୋଜନା କରୁଥିବା ତଦନ୍ତବେଳେ ଜଣାପଡ଼ିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୫ ଜୁନ୍, ୨୦୨୧

ସେହି ଦିବ୍ୟଜନନୀ ଆମ ପୃଥିବୀର ଏଇ ଅନ୍ଧକାର ଭିତରକୁ ପ୍ରବେଶ କରିଛନ୍ତି। କାରଣ– ସେ ଏଇ ଅନ୍ଧକାର ଭିତରେ ଆଲୋକ ଜଳାଇବେ। ସେ ମଧ୍ୟ ଏହି ପାର୍ଥିବ ଜୀବନର ମିଥ୍ୟା ଓ ଭ୍ରମପ୍ରମାଦ ଭିତରେ ପ୍ରବେଶ କରିଛନ୍ତି। କାରଣ ସେ ତାକୁ ସତ୍ୟରେ ପରିଣତ କରିବେ। ସେ ମଧ୍ୟ ଏଇ ମୃତ୍ୟୁଲୋକରେ ପ୍ରବେଶ କରିଛନ୍ତି। କାରଣ ସେ ଏହାକୁ ଦିବ୍ୟଜୀବନରେ ରୂପାନ୍ତରିତ କରିପାରନ୍ତି। –ଶ୍ରୀଅରବିନ୍ଦ



# ସଂସ୍ଥାଗତ ଢାଞ୍ଚାରେ ସଂସ୍କାର ଲୋଡ଼ା





ମାରିଆ ଫର୍ନାଣ୍ଡା ଏସ୍ପିନୋସା
ପୂର୍ବତନ ଅଧ୍ୟକ୍ଷା, ୟୁଏନ୍ ସାଧାରଣ ସଭା

ଡାନିଲୋ ଟର୍କ
ପୂର୍ବତନ ରାଷ୍ଟ୍ରପତି, ସ୍ଲୋଭେନିଆ

ବୃହତ୍ ଶକ୍ତି ପ୍ରତିଯୋଗିତା, ସମସ୍ୟା ସୃଷ୍ଟିକାରୀ ବିଦେଶୀ ପ୍ରୀତି ଜାତୀୟତା,ଜୀବନ ଜିଇବାରେ ପ୍ରମୁଖ ଭୂମିକା ନେଉଥିବା ପରିବେଶଗତ ବିପଦ ଏବଂ କୋଭିଡ୍-୧୯ର ଘାତକ ସଂକ୍ରମଣ ଏବେ ବିଶ୍ୱର ସବୁ ଦେଶର ସରକାରଙ୍କ ପାଇଁ ଏକ ଆହ୍ୱାନ ଭାବେ ଉଭା ହୋଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱର ନେତୃବର୍ଗ ଜାତିସଂଘ (ୟୁଏନ୍) ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କୁ କିଛି ପଦକ୍ଷେପ ନେବାକୁ ଚାହିଁଛନ୍ତି। ଗତ ବର୍ଷ ଜାତିସଂଘର ଘୋଷଣାପତ୍ର ୟୁଏନ୍୭୫ର ପ୍ରତିବଦ୍ଧତାରେ ଏକ ମହତ୍ତ୍ୱପୂର୍ଣ୍ଣ ପରିଣାମ ଆଣିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ତାଙ୍କୁ ଦାୟିତ୍ୱ ଅର୍ପଣ କରିଛନ୍ତି। ଏହି ଘୋଷଣାନାମାରେ ଜାତିସଂଘ ସାଧାରଣ ସଭା ଆମେ ଚାହୁଁଥିବା ଏକ ଭବିଷ୍ୟତକୁ ନିଶ୍ଚିତ କରିବାକୁ ସଂକଳ୍ପ ନେଇଥିଲା। ମହାସଚିବଙ୍କର ଏହି ବହୁ ପ୍ରତ୍ୟାଶିତ ରିପୋର୍ଟ'ଆୱାର ଜେନେରାଲ ଏଜେଣ୍ଡା' ବା ଆମର ସାଧାରଣ କାର୍ଯ୍ୟସୂଚୀ ଚଳିତ ବର୍ଷ ସେପ୍ଟେମ୍ବରରେ ଆସିବାକୁ ଅଛି। ଏହାକୁ କାର୍ଯ୍ୟ ସମ୍ପାଦନ କରିବାଠାରୁ ଆରମ୍ଭ କରି ରିପୋର୍ଟର ସୁପାରିଶଗୁଡ଼ିକୁ ଗୁରୁତ୍ୱ ଦେବା ତଥା ବିଚାର କରିବା ଯାଏ ସବୁ କ୍ଷେତ୍ରରେ ତାଙ୍କ ସର୍ବୋତ୍ତମ ବିଚାରକୁ ଗ୍ରହଣ କରିବାରେ ବି ସାହାଯ୍ୟ କରିବ। ଏଣୁ ଜାତିସଂଘର ବିଶ୍ୱ ସମ୍ମିଳନୀରେ ବିଶ୍ୱର ବହୁ ରାଷ୍ଟ୍ରର ସରକାର ସମ୍ମିଳିତ ହେବାର ପ୍ରସ୍ତାବକୁ ଆମେ ସମର୍ଥନ କରୁଛୁ। ଗତବର୍ଷ ସେପ୍ଟେମ୍ବରରେ ସାଧାରଣ ସଭାର ୭୫ତମ ବାର୍ଷିକୀ ବୈଠକରେ ଗୁଟାରସ ସମ୍ବୋଧନ କରିବା ପରଠାରୁ ସେ ଲଗାତର 'ନେଟ୍‌ୱର୍କଡ୍ ମଲ୍‌ଟିଲାଟେରାଲିଜମ' ବା ବିଭିନ୍ନ ଦେଶର ସରକାରଙ୍କ ଦ୍ୱାରା ଏକାଧିକ ପକ୍ଷ ଭାଗ ନେଇ ଯୋଗାଯୋଗ ରକ୍ଷା କରି କାମ କରିବା ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଏଥିରେ ଜାତିସଂଘର ସଦସ୍ୟମାନେ, ଅନ୍ତଃରାଷ୍ଟ୍ରୀୟ ଆର୍ଥିକ ସଂସ୍ଥା,ଆଞ୍ଚଳିକ ସଂଗଠନ, ଟ୍ରେଡିଂ ବ୍ଲକ୍ ଏବଂ ଅନ୍ୟ ସଂସ୍ଥାଗୁଡ଼ିକ ଉତ୍ତମ ସମ୍ପର୍କ ରଖି ଏକାଠି ଅଧିକ ପ୍ରଭାବଶାଳୀ ଢଙ୍ଗରେ କାମ କରିଥାଆନ୍ତି। ଚଳିତ ବର୍ଷ ୨୪ ଏପ୍ରିଲରେ ଇଣ୍ଟରନ୍ୟାଶନାଲ ଡେ ଅଫ୍ ମଲ୍‌ଟିଲାଟେରାଲିଜମ ଆଣ୍ଡ୍ ଡିପ୍ଲୋମାସୀ ଫର୍ ପିସ୍‌ରେ ସେ ଏକ ସମ୍ମିଳିତ ମଲ୍‌ଟିଲାଟେରାଲିଜମ୍‌ର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ । ଏହା ସିଭିଲ ସୋସାଇଟି, ବିଜ୍‌ନେସ, ସ୍ଥାନୀୟ ଏବଂ ଆଞ୍ଚଳିକ ଅଟରିଟି ଏବଂ ଅନ୍ୟମାନଙ୍କୁ ଆକର୍ଷିତ କରିବ ଓ ସେମାନଙ୍କ ସହ ଏହାର କ୍ଷମତାକୁ ଅଧିକ ବ୍ୟାପକ ତଥା ନିରପେକ୍ଷ ଭାବେ ଶେୟାର କରିପାରିବ।

ମଲ୍‌ଟିଲାଟେରାଲ ସିଷ୍ଟମ୍ ଉପରେ ଲଗାତର ଚାପ ରହିଛି। ବିଶ୍ୱର ଜରୁରୀ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଜାତିସଂଘ ଏହାର ୧୯୩ ଟି ଦେଶର ସରକାର ବ୍ୟତୀତ ଅନ୍ୟମାନଙ୍କ କୌଶଳ ଏବଂ ସଂସାଧନଗୁଡ଼ିକୁ ଉପଯୋଗ କରିବା ଦରକାର ବୋଲି ଗୁଟେରସ ଡାକରା ଦେଇଥିଲେ। କିନ୍ତୁ ଏହା ସମୟୋଚିତ ହୋଇପାରିଲା ନାହିଁ। ଏହା ସତ୍ତ୍ୱେ କୋଭିଡ୍-୧୯ ମହାମାରୀ ପ୍ରଭାବ ହ୍ରାସ ପାଇବାର ନୂଆ ଆଶା ଏବଂ ନୀତି ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥାରେ ପୁନଃ ନିବେଶ କରିବାକୁ ବିଶ୍ୱ ନେତାଗଣଙ୍କ ସ୍ୱର ବଢୁଛି। କିନ୍ତୁ ଏ କ୍ଷେତ୍ରରେ ଆହୁରି ଅନେକ କିଛି କରିବାକୁ ବାକି ରହିଛି। ନିର୍ଦ୍ଦିଷ୍ଟ ଭାବେ ମଲ୍‌ଟିଲାଟରାଲିଜମ୍‌କୁ ବ୍ୟାପକ ଭାବେ ଗ୍ରହଣ କରାଯିବା ଉଚିତ। ଜନସାଧାରଣଙ୍କ ଆବେଗ ବଢୁଥିବା ଏବଂ ନୀତି ଓ ବିଶ୍ୱ ସହଭାଗିତା ଦିଗରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡ଼ିକୁ ଦୁର୍ବଳ କରିଦେବାକୁ କେତେଜଣ ନେତା ପ୍ରୟାସ କରୁଛନ୍ତି। ସେମାନଙ୍କ ବାକ୍‌ପଟୁତାର ପ୍ରଭାବକୁ ପ୍ରତିହତ କରିବା ପାଇଁ ମଲ୍‌ଟିଲାଟେରାଲିଜମ୍‌ର ଆବଶ୍ୟକତା ଢେର ରହିଛି। ବହୁସମୟରେ ଏହି ନେତାମାନେ ସେମାନଙ୍କ ଦେଶର ସମସ୍ୟାଗୁଡ଼ିକ ପାଇଁ ଅନ୍ୟମାନଙ୍କୁ ଦୋଷ ଦେଇ ଜନସାଧାରଣଙ୍କ ଆବେଗଗୁଡ଼ିକୁ ନିଜ ସ୍ୱାର୍ଥ ଲାଗି ଉପଯୋଗ କରନ୍ତି । ପୂର୍ବରୁ ରହିଥିବା ଅସ୍ୱଷ୍ଟ ସିଦ୍ଧାନ୍ତ ଓ ନୀତିଗତ ଲକ୍ଷ୍ୟ ପ୍ରତି ପୁନଃ ପ୍ରତିବଦ୍ଧତା ଦେଖାଇଲେ ତାହା ଦ୍ୱାରା ମଲ୍‌ଟିଲାଟେରାଲ ସିଷ୍ଟମ୍‌ରେ ବିଶ୍ୱରେ ବୃଦ୍ଧିପାଉଥିବା ଏହି ଚାପଗୁଡ଼ିକୁ ଦୂର କରଯାଇପାରିନାହିଁ। ବରଂ ଏକ ନୂଆ ପ୍ରତିବଦ୍ଧତା ନେଇ ଆଗକୁ ବଢିବାକୁ ହେବ।

ସୌଭାଗ୍ୟବଶତଃ ଏକ ନୂଆ ପ୍ରକାରର ସଂଯୋଜିତ ଓ ସମ୍ମିଳିତ ମଲ୍‌ଟିଲାଟେରାଲିଜମ ପାଇଁ ୟୁଏନ୍ ମହାସଚିବ ଆହ୍ୱାନ ଦେଇଛନ୍ତି। ଏହା ବିଶ୍ୱ ଶାସକୀୟ ମାନଦଣ୍ଡ, ନୀତି, ଅନୁଷ୍ଠାନ ଏବଂ କାର୍ଯ୍ୟାବଳୀ ଉପରେ ଏକ ଉତ୍ତମ ଓ ପରିଣାମୀ ପୁନଃବିଚାରକୁ ଉତ୍ସାହିତ କରୁଛି। ଏହି ସଂସ୍କାରଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଏକ ନକ୍ସା ପ୍ରସ୍ତୁତ କରିବାକୁ ହେବ। ଏଥିରେ ବିଭିନ୍ନ ଦେଶର ସରକାର ମଧ୍ୟରେ ସମ୍ପର୍କକୁ ବ୍ୟାପକ କରିବା ସହ ଏବଂ ବହୁ ଅଂଶୀଦାରର ପ୍ରାରମ୍ଭିକ ପ୍ରୟାସକୁ ସାମିଲ କରିବା ଆବଶ୍ୟକ,ଯାହା ୨୦୨୩ ବିଶ୍ୱ ଶିଖର ସମ୍ମିଳନୀରେ ଶେଷ ହେବ । ଏଭଳି ସମ୍ମେଳନ ଜାତିସଂଘ ବ୍ୟବସ୍ଥାକୁ ଏବକାର ଆହ୍ୱାନଗୁଡ଼ିକ ଉପରେ ପଦକ୍ଷେପ ନେବା ଜାରି ରଖିବା ଓ ଶାନ୍ତି ଏବଂ ସୁରକ୍ଷା ସମ୍ପର୍କିତ ସୁଯୋଗ, ସ୍ଥାୟୀ ବିକାଶ ଏବଂ ମାନବ ଅଧିକାରଗୁଡ଼ିକୁ ଏହା ସାହାଯ୍ୟ କରିବ। ବିଶ୍ୱର ବିଭିନ୍ନ ସରକାରୀ ଏବଂ ବେସରକାରୀ ଗ୍ରୁପ୍‌ଗୁଡ଼ିକର କୌଶଳକୁ ଆକର୍ଷିତ କରି ଏହି ସମ୍ମିଳନୀ ବିଶ୍ୱର ବିଭିନ୍ନ ଦେଶର ସରକାରଙ୍କ ବ୍ୟବସ୍ଥାକୁ ଯଦି ଆବଶ୍ୟକ ହୁଏ ପରିବର୍ତ୍ତନ କରିବାକୁ ଚାହିଁବ। ଏହା ଅନୁଷ୍ଠାନ, ରାଜନୀତି ଏବଂ ଲୋକଙ୍କ ମଧ୍ୟରେ ଏକ ନୂଆ ସହଯୋଗାତ୍ମକ ସୁସମ୍ବନ୍ଧ ବା ବୁଝାମଣାକୁ ଠିକ୍ ସ୍ଥାନରେ ପହଞ୍ଚାଇବାକୁ ଚାହିଁବ। ୟୁଏନ୍ ୭୫ ପରେ ନିକଟରେ ଷ୍ଟିମ୍‌ସନ ସେଣ୍ଟର ରିପୋର୍ଟ ପ୍ରକାଶ କରିଛି ଯେ, ସମ୍ମିଳିତ, ସଂଯୋଜିତ ଏବଂ ପ୍ରଭାବୀ ବିଶ୍ୱସ୍ତରୀୟ ଶାସନ ବ୍ୟବସ୍ଥା ପାଇଁ ଏକ ନୂଆ ନକ୍ସା ପୁଣି ନୂତନ ରଣନୀତି ପାଇଁ ସବୁ କିଛି ଯୋଗାଇ ଦେଇଛି।

ମଲ୍‌ଟିଲାଟେରାଲିଜମ ଏବଂ ସିଭିଲ୍ ସୋସାଇଟି ନେଟ୍‌ୱର୍କ, ଜାତିସଂଘ ପାଇଁ ଆମେ ଆବଶ୍ୟକ କରୁଥିବା ମେଣ୍ଟ ନିମନ୍ତେ ବୁଝାମଣାକୁ ଆଗକୁ ନେବ। ମିଳିତ ଭାବେ ଅଭିଯାନର ନେତୃତ୍ୱକୁ ସହଯୋଗ କରିବ। ଏହା ମଧ୍ୟ ଏହି ଅତ୍ୟାବଶକ ପ୍ରୟାସର ସଂକଳ୍ପକୁ ପୂରଣ କରିବା ଲାଗି ନୂଆ ଚିନ୍ତାଧାରା ଏବଂ କୂଟନୈତିକ କୌଶଳକୁ ସାହାଯ୍ୟ କରିବ। କୋଭିଡ୍-୧୯ ଯୋଗୁ ଦେଖାଦେଇଥିବା ସାମାଜିକ ଓ ଅର୍ଥନୈତିକ ସମସ୍ୟାକୁ ଦୃଷ୍ଟିରେ ରଖି କ୍ଲବ୍ ଡେ ମାଡ୍ରିଦ ପ୍ରସ୍ତାବ ଦେଇଛି ଯେ, ସ୍ଥାୟୀ ବିକାଶ ପାଇଁ ୨୦୩୦ର ଏଜେଣ୍ଡାରେ ସାମାଜିକ ବ୍ୟବସ୍ଥାର ବିଭିନ୍ନ ଭାଗକୁ ପୁନର୍ଜୀବିତ କରିବାକୁ ଜାତିସଂଘ ମହାସଚିବଙ୍କ 'ଆୱାର କମନ ଏଜେଣ୍ଡା ରିପୋର୍ଟ' କହିଛି। ଲୋକମାନଙ୍କ ଆବଶ୍ୟକତାକୁ ଧ୍ୟାନ ଦେବା ଏବଂ ସ୍ୱାସ୍ଥ୍ୟ ସେବା,ଶିକ୍ଷା, ସାମାଜିକ ସୁରକ୍ଷା ଏବଂ ଉପଯୁକ୍ତ କାର୍ଯ୍ୟ ଉପରେ ଏକ ମଜଭୁତ ଏବଂ ସଂଗଠିତ ପ୍ରତିକ୍ରିୟା ଯୋଗାଇ ଦେବାର ଆବଶ୍ୟକତା ଅଧିକ ରହିଛି। ଜାତିସଂଘର ନିରନ୍ତର ପ୍ରାସଙ୍ଗିକତାକୁ ନିଶ୍ଚିତ କରିବା ଲାଗି ଏହା ଦରକାର। ଜରୁରୀ ଆବଶ୍ୟକତା ସମାଧାନ କରିବା ବ୍ୟତୀତ ଜାତିସଂଘ ମଧ୍ୟ ମହିଳା ଏବଂ ପୁରୁଷର ଓ ଛୋଟ ବଡ଼ ଦେଶଗୁଡ଼ିକର ସମାନାଧିକାରର ସୁରକ୍ଷା ଜରି ରଖିବା ଉଚିତ। ମହିଳା ନେତ୍ରୀମାନଙ୍କ ଗ୍ରୁପ ଦ୍ୱାରା ପ୍ରକାଶିତ 'ମଲ୍‌ଟିଲାଟେରାଲିଜମ ବାଇ ଓମ୍ୟାନ' ଷ୍ଟେଟ୍‌ମେଣ୍ଟରେ ଘୋଷଣା କରାଯାଇଥିବାରୁ ଏହା ଉପରେ ଧ୍ୟାନ ହେବା ଦରକାର। ବାସ୍ତବରେ ଜାତିସଂଘକୁ ଏକ ବିଶ୍ୱସ୍ତରୀୟ ସଂଗଠନ ବୋଲି ଆମେ ବିଶ୍ୱାସ କରୁଥିଲେ ମଧ୍ୟ ଏହା କେବେ ବି ସବୁ ଲୋକ ଓ ଦେଶ ପାଇଁ ଅଧିକ ଗୁରୁତ୍ୱ ପୂର୍ଣ୍ଣ ହୋଇ ନାହିଁ। ଏଣୁ ଏହା ଏବେ ତା' ଚିନ୍ତାଧାରାର ନବୀକରଣ କରିବା ଦରକାର। ବିଶ୍ୱ ପରିବେଶ ବା ପରିସ୍ଥିତିକୁ ପରିବର୍ତ୍ତନ କରିବାକୁ କଠୋର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ସରକାର ଭିତରୁ ହେଉ ବା ବାହାରୁ ଏହାର ସମର୍ଥକଙ୍କୁ ଉତ୍ସାହିତ କରିବା ମଧ୍ୟ ଉଚିତ।

୨୬ଜୁନ୍‌ରେ ୟୁଏନ୍ ଚାର୍ଟର ଡେ' ବା ଜାତିସଂଘ ବିଶେଷାଧିକାର ଦିବସ ପାଳନ କରିବାକୁ ବିଶ୍ୱ ପ୍ରସ୍ତୁତ ହେଉଥିବାରୁ ଆମେ ସେପ୍ଟେମ୍ବରର ଉଚ୍ଚ ସ୍ତରୀୟ ସାଧାରଣ ପରିଷଦର ବାର୍ଷିକ ବୈଠକରେ ବିଶ୍ୱସ୍ତରୀୟ ନେତାମାନଙ୍କୁ ଏକାଠି ହେବାକୁ ଅନୁରୋଧ କରୁଛୁ। ସରକାରଗୁଡ଼ିକ ମଧ୍ୟରେ ଥିବା ସମର୍ପିତ ପ୍ରକ୍ରିୟାକୁ ସମର୍ଥନ କରିବା ସହ ଜାତିସଂଘ ବ୍ୟବସ୍ଥାର ସଂସ୍ଥାଗତ ଢାଞ୍ଚାରେ ସଂସ୍କାର ଓ ମଜଭୁତ କରିବାକୁ ହେବ। ଏହା ସହ ବିଦ୍ୱାନ,ସାମାଜିକ କାର୍ଯ୍ୟକର୍ତ୍ତା, ନୀତିନିର୍ଦ୍ଧାରକ, ଚିକିତ୍ସକମାନଙ୍କୁ ସଂଗଠିତ କରି ଅନ୍ତଃରାଷ୍ଟ୍ରୀୟ ସମୁଦାୟ ଦ୍ୱାରା ଆମେ ଭବିଷ୍ୟତରେ ଯାହା ଚାହୁଁଛେ ତାହା ବାସ୍ତବରେ ହୋଇପାରିବ ବୋଲି ଜାତିସଂଘ ନିଶ୍ଚିତ କରିପାରିବ।

# ମହାମାରୀରେ ଶିକ୍ଷକଙ୍କ ଭୂମିକା



କଳ୍ପନା ସାହୁ

ଛାତ୍ରୀଛାତ୍ରମାନେ ଏହି ମହାମାରୀ ସମୟରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପରୀକ୍ଷା ବାତିଲ ହେବା, ଫଳାଫଳର ଅନିଶ୍ଚିତତା ଓ କ୍ୟାରିୟରର ଆଶଙ୍କା ଛାତ୍ରୀଛାତ୍ରଙ୍କର ମନୋବଳକୁ ଦୋହଲାଇ ଦେଇଛି। ଏହା ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ଉପରେ ଯଥେଷ୍ଟ ପ୍ରଭାବ ପକାଇଛି। ଶିକ୍ଷାନୁଷ୍ଠାନ ଅଠର ମାସରୁ ଅଧିକ ସମୟ ବନ୍ଦ ରହିବା ଫଳରେ ଛାତ୍ରୀଛାତ୍ରମାନେ ସାଙ୍ଗସାଥୀଙ୍କ ସହ ଯୋଗାଯୋଗର ସମ୍ପର୍କ କରିପାରୁନାହାନ୍ତି। ସେମାନେ ଏ କି ଅନିଶ୍ଚିତତାର ସମ୍ମୁଖୀନ ହେଉଛନ୍ତି। ପରସ୍ପର ସହ କଥାବାର୍ତ୍ତା, ଭାବର ଆଦାନ ପ୍ରଦାନର ଅଭାବ ଯୋଗୁଁ ଛାତ୍ରୀଛାତ୍ରମାନେ ସର୍ବଦା ଉଦାସ ରହୁଛନ୍ତି। ଏହା ସେମାନଙ୍କର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶରେ ପ୍ରଭାବ ପକାଉଛି। ଏ ଦିଗରେ ଶିକ୍ଷକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରମାନେ ଶିକ୍ଷକମାନଙ୍କ ସହିତ ୮ ଘଣ୍ଟାରୁ ଅଧିକ ସମୟ ଅତିବାହିତ କରନ୍ତି। ଏହି ସମୟଟି ଏକ ଗୁଣାତ୍ମକ ଓ ଅର୍ଥପୂର୍ଣ୍ଣ ସମ୍ପର୍କକୁ ଗଢ଼ିବା ପାଇଁ ଯଥେଷ୍ଟ। ଏହି ସମୟରେ ଜଣେ ଶିକ୍ଷକ ଶିକ୍ଷାର୍ଥୀଙ୍କ ସହ ମନସ୍ତାତ୍ତ୍ୱିକ ସମ୍ପର୍କ ଗଢ଼ିଥାଏ। ଉପଯୁକ୍ତ ଯୋଗାଯୋଗ, ଆବଶ୍ୟକ ତଥ୍ୟ ଓ ଜ୍ଞାନ ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ମନରେ ବିଶ୍ୱାସ ଓ ଆତ୍ମନିର୍ଭର ଭାବ ସୃଷ୍ଟି କରିପାରିବେ। ଏଥିପାଇଁ ଶିକ୍ଷକମାନଙ୍କୁ ନିଜ ତରଫରୁ ଅଧିକ ସମୟ, ଉତ୍ସାହ ଓ ଆଗ୍ରହ ଦେଖାଇବା ଉଚିତ। ଆଜିର ଡିଜିଟାଲ ଓ ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଛାତ୍ରମାନଙ୍କ ଦୃଷ୍ଟି ଆକର୍ଷଣ କରି ସେମାନଙ୍କୁ ବୁଝେଇବା ଏକ ବଡ଼ ଆହ୍ୱାନ। ଏହି ସମୟରେ ଶିକ୍ଷକଙ୍କର ପଞ୍ଚ ଇନ୍ଦ୍ରିୟ ସକ୍ରିୟ ଭୂମିକା ନିଏ। ଉଦାହରଣ ସ୍ୱରୂପ ଆଖି ଯୋଗାଯୋଗ, ଶାରୀରିକ ଭାଷା, ଅଙ୍ଗଭଙ୍ଗୀ, ସ୍ମିତହସ ଆଦି ଉପାଦାନ ପଢ଼ିବା ସମୟରେ ଅତ୍ୟନ୍ତ ଜରୁରୀ। ଅନ୍‌ଲାଇନ ବା ଭର୍ଚୁଆଲ ଶ୍ରେଣୀରେ ଶିକ୍ଷକ ଓ ଛାତ୍ରର ଯୋଗାଯୋଗ ଅତ୍ୟନ୍ତ ଜରୁରୀ। ଯଦି ଶିକ୍ଷକ ଜଣେ ଦକ୍ଷ ବ୍ୟକ୍ତି ଓ ଭଲ ଯୋଗାଯୋଗକାରୀ, ତାହାହେଲେ ଛାତ୍ରୀଛାତ୍ରମାନେ ଶ୍ରେଣୀରେ ମନଯୋଗ ଦେଇ ଶୁଣିବେ। ଏହାସହିତ ଶିକ୍ଷକ ନିଜ ଛାତ୍ରୀଛାତ୍ରଙ୍କ ମନରେ ବିଶ୍ୱାସ ଜନ୍ମେଇବା ଏକ କଳା ବା ଦକ୍ଷତା ଅଟେ। ତେଣୁ ସଫଳ ଶିକ୍ଷକ ହେବାକୁ ହେଲେ ପିଲାମାନଙ୍କର ଆଶା ଓ ଆକାଂକ୍ଷାକୁ ସନ୍ତୁଳିତ କରି ସେମାନଙ୍କୁ ସମାଜବର୍ତ୍ତୀ ଓ ମାନ ଉପଯୋଗୀ କରି ତିଆରି କରିବାକୁ ପଡ଼ିବ। ସେମାନଙ୍କର ମାନସିକ ଚାପକୁ ଅତି ନିକଟରେ ପଢ଼ି ସେମାନଙ୍କ ମନରେ ଆଶାର ସଞ୍ଚାର ଓ ଆଲୋକ ଦେଖାଇବାକୁ ପଡ଼ିବ। ଶିକ୍ଷକମାନଙ୍କୁ ପିଲାମାନଙ୍କ ସହ ଯୋଗାଯୋଗ କଲାବେଳେ କେବଳ ସେମାନଙ୍କର ମାନସିକ ଓ ଆବେଗିକ ସ୍ଥିତିକୁ ମଧ୍ୟ ଅନୁଧ୍ୟାନ କରିବା ଉଚିତ। ଏପରି ପରିପ୍ରେକ୍ଷୀରେ ଶିକ୍ଷାର୍ଥୀମାନଙ୍କର ମାନସିକ ଓ ବୌଦ୍ଧିକ ଚାପର ହ୍ରାସ ଘଟିବ। ଶିକ୍ଷକମାନଙ୍କର ଯୋଗଦାନ ମୋଟାମୋଟି ଭାବରେ ତିନୋଟି ଭାଗରେ ବିଭକ୍ତ କରାଯାଇପାରିବ।

ଛାତ୍ରୀଛାତ୍ରମାନଙ୍କ ପାଇଁ ପାଠ୍ୟଖସଡ଼ା ତିଆର କରିବା ଶିକ୍ଷାବିତ୍‌ର ଏକ ମୁଖ୍ୟକାର୍ଯ୍ୟ। ଖସଡ଼ା ତିଆରି କଲାବେଳେ ଦେଖିବାକୁ ହେବଯେ ଏହା ସେମାନଙ୍କ ଉପରେ ଗୋଟିଏ ବୋଝ ନା ଏହି ପାଠ୍ୟକ୍ରମ ସେମାନଙ୍କୁ ପଢ଼ିବାରେ ଆନନ୍ଦ ଓ ଉତ୍ସାହ ଆଣିଦେଇଛି। ଏହି ଶିକ୍ଷାଶାସ୍ତ୍ର ସମ୍ବନ୍ଧୀୟ ତଥ୍ୟ ସେମାନଙ୍କୁ ପରିସ୍ଥିତିକୁ ଜାଣିବା ଓ ସମସ୍ୟାର ସମାଧାନ କରିବା ଦିଗରେ ସାହାଯ୍ୟ କରିବା ଉଚିତ। ଏହି ପାଠ୍ୟଖସଡ଼ା ସେମାନଙ୍କ ମନରେ ଭୟ, ଆଶଙ୍କା ପରିବର୍ତ୍ତେ ଆଶା, ଉଦ୍ଦୀପନା ଓ ଆତ୍ମବିଶ୍ୱାସ ଆଣିବା ଉଚିତ।

ଛାତ୍ରୀଛାତ୍ରମାନେ ନିଜର ବୌଦ୍ଧିକ ଓ ମାନସିକ ଚାପ ଯେପରି ଗୁରୁ ସହିତ ବାଣ୍ଟିପାରିବେ, ସେମାନଙ୍କୁ ନିଜର ମନକଥା ଖୋଲି କହିପାରିବେ, ଗୁରୁମାନଙ୍କୁ ସେପରି ବାତାବରଣ ସୃଷ୍ଟି କରିବା ଉଚିତ। ଏହି ସାମାଜିକ ସମ୍ପର୍କରେ ଶିକ୍ଷାବିତ୍‌ମାନେ ନିଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଓ ସେମାନଙ୍କ ଦକ୍ଷତାକୁ ବାହାର କରିବା ଉଚିତ। ସମାଲୋଚନା ବା ଦୋଷଦେବା ପରିବର୍ତ୍ତେ ଶିକ୍ଷାବିତ୍‌ମାନେ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବା ଉଚିତ। ପିଲାମାନେ ନିର୍ଭୀକ ଭାବରେ ଶିକ୍ଷକମାନଙ୍କ ସହିତ ଯୋଗାଯୋଗ ଓ ସମ୍ପର୍କ ରଖିପାରିବେ।

ଜ୍ଞାନଗତ ଅବଦାନ ଏକ ଉଚ୍ଚସ୍ତରୀୟ ଯୋଗଦାନ। ଯେଉଁ ଶିକ୍ଷା ଦେଲେ ପିଲାମାନେ ଏକ ଅର୍ଥପୂର୍ଣ୍ଣ ଜୀବନ ଓ ସଂକଳ୍ପର ଲକ୍ଷ୍ୟ ଦିଗରେ ଗତି କରିବେ ତାହାକୁ ଜ୍ଞାନଗତ ନିଯୋଗ କୁହାଯାଏ। କେବଳ ପୁସ୍ତକ ପାଠ୍ୟଖସଡ଼ା ମଧ୍ୟରେ ସୀମିତ ନ ରହି ପିଲାମାନଙ୍କୁ ସମାଜ ଉପଯୋଗୀ, ସ୍ୱାସ୍ଥ୍ୟ ଉପଯୋଗୀ ଓ ପରିସ୍ଥିତିର ମୁକାବିଲା କରିବା ପାଇଁ ଦକ୍ଷତା ଦିଆଯିବା ଉଚିତ। ସେମାନେ ଜ୍ଞାନର ଯେପରି ପ୍ରସାର କରି ନୂତନ କୌଶଳ ବା ପଦ୍ଧତି ଆବିଷ୍କାର କରିପାରିବେ, ଏହି ମହାମାରୀରୁ ନିଜକୁ ରକ୍ଷା କରି ନିଜ ପରିବାର, ସମାଜ ଓ ଦେଶ ପ୍ରତି କିଛି କରିବାର ପ୍ରବୃତ୍ତି ଧାରଣ କରିପାରିବେ, ଶିକ୍ଷକମାନଙ୍କର ଭୂମିକା ଏ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ସହକାରୀ ପ୍ରଫେସର, ମାନବ ସମ୍ବଳ ପରିଚାଳନା
ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
Email: kalpana@xshrm.edu.in

## ଏଇ ଭାରତରେ

ଫେକ୍ ନ୍ୟୁଜ୍‌ର ପ୍ରଭାବ ଏବେ ଟିକାକରଣ ଉପରେ ପଡୁଛି। ଅନେକେ ଟିକା ନେବା ଲାଗି ଅମଙ୍ଗ ହେଉଛନ୍ତି। ତେବେ ଫେକ୍ ନ୍ୟୁଜ୍‌ର ପ୍ରଭାବକୁ ପ୍ରତିହତ କରିବା ପାଇଁ ମହାରାଷ୍ଟ୍ରର ଜଣେ ସ୍କୁଲ ଶିକ୍ଷକ ରତନ ଚତୁର୍ବେଦୀ ଅଣ୍ଟା ଭିଡ଼ିଛନ୍ତି। ସୁର୍‌ଗଣା ବ୍ଲକ୍‌ରେ ରତନ ଜିଲା ପରିଷଦ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ବୟସ ୪୮ ବର୍ଷ। ସେ ଲୋକମାନଙ୍କୁ ଏକୁଟିଆ ଟିକାକରଣର ସତ୍ୟାସତ୍ୟ ବୁଝାଉଛନ୍ତି। ଟିକାର ଉପକାରିତା ତଥା କୋଭିଡ୍ ମହାମାରୀର ଭୟାଭୟତା ଉପରେ ସଚେତନ କରୁଛନ୍ତି। ଏବେ ସୁଦ୍ଧା ସେ ୧୦,୦୦୦ ଲୋକଙ୍କୁ ଟିକାକରଣରେ ସାମିଲ କରିବାକୁ ସକ୍ଷମ ହୋଇ ପାରିଛନ୍ତି। ରତନ ସୁର୍‌ଗୁଣା ବ୍ଲକର ୧୦ଟି ଗାଁରେ ଏଭଳି ଅଭିଯାନ ଚଳାଇଛନ୍ତି। ଏପରିକି ଦୁର୍ଗମ ଅଞ୍ଚଳରେ ଥିବା ପଡ଼ା ଗାଁଗୁଡ଼ିକୁ ଚାଲି ଚାଲି ଯାଇ ଲୋକମାନଙ୍କୁ ସଚେତନ କରୁଛନ୍ତି। ତାଙ୍କ ବ୍ଲକର ୧.୭୮ ଲକ୍ଷ ଲୋକଙ୍କୁ ଟିକାକରଣ କରିବା ତାଙ୍କ ଲକ୍ଷ୍ୟ ବୋଲି କହନ୍ତି ରତନ। ରତନ ସକାଳୁ ଉଠି ଏହି କାର୍ଯ୍ୟରେ ବାହାରି ଯାଆନ୍ତି। ଲୋକଙ୍କୁ ବୁଝାଇବା ପରେ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରି ଲୋକମାନଙ୍କୁ ଟିକାକରଣ କେନ୍ଦ୍ରରେ ପହଞ୍ଚାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଜୁନ୍ ୧୯୯୬

- ଆମେରିକା ଅଲିମ୍ପିକ ଟ୍ରାୟଲ ପ୍ରତିଯୋଗିତାରେ ୨୦୦ ମିଟର ଦୂରତ୍ୱକୁ ୧୯.୬୬ ସେକେଣ୍ଡରେ ଅତିକ୍ରମ କରି ମାଇକେଲ ଜନ୍‌ସନ୍‌ଙ୍କ ବିଶ୍ୱ ରେକର୍ଡ।
- ୟୁରିଆ ଯୋଗାଣ ପାଇଁ ନ୍ୟାସନାଲ ଫର୍ଟିଲାଇଜର ଲିଃ ସହ ଚୁକ୍ତିବଦ୍ଧ ହୋଇ ପରେ ଧୋକ୍କା ଦେଇଥିବା ତୁରସ୍କର କାର୍ସନ କମ୍ପାନୀର ଜେନେଭାସ ପିକେଟ ବ୍ୟାଙ୍କ ଆକାଉଣ୍ଟକୁ ସୁଇଜରଲାଣ୍ଡ କର୍ତ୍ତୃପକ୍ଷ ଜବତ କରିଛନ୍ତି।
- ସିପିଆଇ ସଂପାଦକ ପଦବୀରେ ଦୀର୍ଘ ୧୫ ବର୍ଷ ରହିବା ପରେ ଲୋକନାଥ ଚୌଧୁରୀ ଅବ୍ୟାହତି ନେବାରୁ ତାଙ୍କ ସ୍ଥାନରେ ଅବନି କୁମାର ବରାଳଙ୍କୁ ନିଯୁକ୍ତି ଦିଆଯାଇଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | | 8 | | 9 |
| | | 2 | 1 | | 5 | 6 | | |
| 9 | | | | | | | | |
| | | | | 3 | | | | 1 |
| | | | | | | | | |
| 7 | | | 9 | 4 | 6 | 2 | 3 | |
| | | | | | 7 | | | |
| 4 | 1 | | 2 | | | 9 | 8 | 7 |
| 6 | | | | 8 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 7 | 6 | 1 | 2 | 4 | 8 | 5 |
| 2 | 5 | 1 | 4 | 9 | 8 | 7 | 6 | 3 |
| 6 | 8 | 4 | 5 | 7 | 3 | 9 | 2 | 1 |
| 8 | 6 | 3 | 1 | 5 | 9 | 2 | 4 | 7 |
| 5 | 4 | 2 | 8 | 3 | 7 | 1 | 9 | 6 |
| 7 | 1 | 9 | 2 | 6 | 4 | 3 | 5 | 8 |
| 4 | 9 | 5 | 3 | 8 | 1 | 6 | 7 | 2 |
| 1 | 2 | 8 | 7 | 4 | 6 | 5 | 3 | 9 |
| 3 | 7 | 6 | 9 | 2 | 5 | 8 | 1 | 4 |

ଗତକାଲିର ଉତ୍ତର

# ଜୀବନର ସାତରଙ୍ଗ



ରଞ୍ଜନ କୁମାର ଦାସ

ଏବେ ଏସି ନ ଲଗେଇଲେ ରହିହଉନି। ଆମ ପିଲାଦିନେ କୋଉ ଏସି ଥିଲା ? କୁଲର ବି ନ ଥିଲା। କଦବା କାହାଘରେ ସିଲିଂ ଫ୍ୟାନ୍ ବା ଟେବୁଲ ଫ୍ୟାନ୍ ଥିଲା। ଝାଳ ମାରିବା ପାଇଁ ବିଞ୍ଚଣା ହିଁ ଏକମାତ୍ର ସାହାରା ଥିଲା। କେହି କେହି ବେଣାଚେରର ପରଦା ଝୁଲେଇ ଘରକୁ ଥଣ୍ଡା ରଖୁଥିଲେ। ଗାଁ ଗହଳରେ ଯାହାର ଚାଳଘର ଥିଲା ସିଏ ବରଂ ଟିକେ ଥଣ୍ଡାରେ ରହୁଥିଲା। ଅନ୍ୟଥା କୋଠାଘରେ ଯିଏ ରହୁଥିଲେ ଦିନସାରା ସେ ଘର ଭିତରେ ଗରମ ଓ ଗୁଲୁଗୁଲି ଭିତରେ ସିଝିବାକୁ ପଡୁଥିଲା। କେବେକେବେ ଲାଇନ୍ କଟିଗଲେ, ପାଖ କୋଉ ଗଛମୂଳ କି ତୋଟା ଭିତରେ ଯାଇ ସମୟ କଟେଇବାକୁ ପଡୁଥିଲା। ଉପରବେଳା କୂଅରୁ ପାଣି, ବୋହି ବୋହି ଛାତ ଉପରେ ଢାଳି ତାକୁ ଶୀତଳ କରାହେଉଥିଲା। ଟିକେ ଥଣ୍ଡା ହେଲାପରେ ରାତିରେ ଲୋକେ ଛାତ ଉପରେ ଶୀତଳ ଚନ୍ଦ୍ରକିରଣରେ ଓ ପାହାନ୍ତି ପ୍ରହରର ସୁଲୁସୁଲିଆ ପବନରେ ଟିକେ ଭଲରେ ଶୋଉଥିଲେ। ରାତିରେ ଖୋଲା ଆକାଶ ତଳେ ଶୋଇବାର ମଜା ଅଲଗା ପ୍ରକାରର। ସେ ନିଦ ଆଉ ଏବେର ଏସି ଘରର ନିଦ ଭିତରେ ବହୁତ ପାର୍ଥକ୍ୟ। ସେ ନିଦ ଥିଲା ନିଶ୍ଚିନ୍ତ ନିଦ। ଏବେକାର ନିଦ ଛାଇଛାଇକା।

ସେତେବେଳେ ଏତେ ବେଶି ସୁବିଧା ସୁଯୋଗ ନ ଥିଲା। ପ୍ରାଚୁର୍ଯ୍ୟ ନ ଥିଲା। ଆକାଂକ୍ଷା ହୁଏତ ଥିଲା, ମାତ୍ର ଏତେ ଆକାଶଛୁଆଁ ନ ଥିଲା। ଖୋଜିବାର ଓ ପାଇବାର ନିରନ୍ତର ପ୍ରଚେଷ୍ଟା ଥିଲା। ତା'ଭିତରେ ବିଫଳତା ବି ଥିଲା, ମାତ୍ର ତାହା ଆତ୍ମାକୁ ଅତୃପ୍ତ କରି ହା ହୁତାଶମୟ କରୁ ନ ଥିଲା। ବ୍ୟସ୍ତତା ବି ଥିଲା, ତଥାପି ତା'ଭିତରେ ସମୟ ବି ମିଳୁଥିଲା ବ୍ୟକ୍ତିଗତ ରାଗ ଅନୁରାଗ, ଇଚ୍ଛା ଅନିଚ୍ଛା ସବୁ କଥାକୁ ସମ୍ମାନ ଦେବାକୁ । ଡନ୍‌ଲପ ଗଦି କାହା ଘରେ ଥିଲା ? ପ୍ରାୟତଃ କନ୍ଥା, ନ ହେଲେ କଦବା କାହାଘରେ ତୁଳାଗଦି। ସେଥିରେ ଯୋଉଁ ନିଦ ହଉଥିଲା ଏବେ ସେ ନିଦ ଆଉ ନାହିଁ। ଅହରହ ପ୍ରତିଯୋଗିତାରେ ଜୀବନ ଦୌଡୁଚି ଆଗକୁ ଆଗକୁ। ରାତିରେ ନିଦରେ ଶୋଇଲାବେଳେ ବି ମନେ ପଡ଼ିଯାଉଚି କାଲି କ'ଣ କରିବାକୁ ହେବ, କାହାକୁ ଭେଟିବାକୁ ହେବ, କ'ଣ ହାସଲ କରିବାକୁ ହେବ। ବାସ୍ ସେଇଠୁ ନିଦ ହଜି ଯାଉଚି। ଆଉ ଫେରିବାର ନାଆଁ ଧରୁନି!

ଯୋଗାଯୋଗର ମାଧ୍ୟମ ସବୁ ସେତେ ଦ୍ରୁତ୍ ନ ଥିଲା ସେତେବେଳେ। ବ୍ୟକ୍ତିଗତ ଯୋଗାଯୋଗ ପାଇଁ ଚିଠିପତ୍ର ହିଁ ଏକମାତ୍ର ମାଧ୍ୟମ ଥିଲା। ଗୋଟେ ଜାଗାରୁ ଆଉ ଗୋଟେ ଜାଗାକୁ ଚିଠି ମାଧ୍ୟମରେ ମନୋଭାବ ପ୍ରେରଣ କଲେ, ପହଞ୍ଚିବାକୁ ଲାଗୁଥିଲା ପାଞ୍ଚ ସାତ ଦିନ। ଏବେ ତ ଫେସ୍‌ବୁକ୍, ହ୍ୱାଟ୍‌ସଆପ, ଫୋନ କଲ୍ ମାଧ୍ୟମରେ ଅନ୍ୟ ଜଣକ ପାଖରେ ପାଞ୍ଚ ସେକେଣ୍ଡରୁ କମ୍‌ରେ ବି ପହଞ୍ଚିହଉଚି। ତଥାପି କ'ଣ ସମ୍ପର୍କ ସବୁ ପୂର୍ବାପେକ୍ଷା ଅଧିକ ନିବିଡ଼ ଓ ସାନ୍ଦ୍ର ହେଇଚି ? ଗୋଟିଏ ଘରେ ଥିବା ଦୁଇଟି ଲୋକ ମଧ୍ୟ ପରସ୍ପର ପାଖରେ ଅଚିହ୍ନା ! କାହା ମନ କଥା କେହି ଜାଣୁନାହାନ୍ତି। ଜାଣିଲେ ବି ତାକୁ ସୁଧାରିବାକୁ ଯତ୍ନବାନ ନୁହନ୍ତି। ମନର କଥା ମନ ଭିତରେ ରହିଯାଉଚି। କେହି କାହାର ମନକଥା ବୁଝିବାକୁ ଚେଷ୍ଟିତ ନୁହନ୍ତି। ପାରସ୍ପରିକ ସମ୍ପର୍କ ସବୁ କ୍ରମେ କ୍ରମେ ଶୀଥିଳ ହେଇଯାଉଚି। ଘର ସବୁ ଭାଙ୍ଗିଯାଉଚି ଅକାଳରେ।

ସ୍ତ୍ରୀ ଲୋକମାନେ ଆଗେ ଘରର ସବୁକାମ କରୁଥିଲେ। ପାହାନ୍ତାରୁ ଉଠି ଘରଦ୍ୱାର ଝାଡୁମାରି ଗୋବର ପାଣି ପକେଇ, ଚୁଲି ଲିପି, ଗୋରୁଙ୍କୁ କୁଣ୍ଡାଚୋକଡ଼ ଖୁଏଇ ଦିନ ଆରମ୍ଭ କରୁଥିଲେ। ଗଦାଗଦା ଲୁଗା ବୋହିକି ନଈ ବା ପୋଖରୀକୁ ନେଇ ଯାଉଥିଲେ ସଫା କରିବାକୁ। ରୋଷେଇ ପାଇଁ ପାଣି ଆଣିବାକୁ ଯିବାକୁ ପଡୁଥିଲା ମାଇଲ୍ ମାଇଲ୍। ଘରେ ୱାଶିଂ ମେଶିନ୍ ନ ଥିଲା କି ନ ଥିଲା ଗ୍ରାଇଣ୍ଡର ମିକ୍ସର, ମାଇକ୍ରୋୱେଭ, ଗ୍ୟାସ୍ ଚୁଲା। ସେମାନେ ଶିଳରେ ମସଲା ବାଟୁଥିଲେ, ଢିଙ୍କିରେ ଧାନ କୁଟୁଥିଲେ, ବଡ଼ବଡ଼ କାଠ ଚୁଲିରେ ଧାନ ସିଝଉଥିଲେ, ତାକୁ ଶୁଖଉଥିଲେ। ଯୌଥ ପରିବାରରେ ବହୁ ଲୋକଙ୍କ ପାଇଁ ଏକାବେଳେ ରୋଷେଇ କରୁଥିଲେ। ସମସ୍ତେ ଖାଇସାରିଲା ପରେ ଖାଉଥିଲେ। ଘର ଦୁଆର ସଫାକରି ବାସନକୁସନ ମାଜି ଶେଷରେ ଶୋଉଥିଲେ। ଦିନ ସାରା କାମ ହିଁ କାମ। ସେଥିରେ ପୁଣି ବାରିବଗିଚା କାମ, ଛୁଆଙ୍କ ଯତ୍ନ। ବ୍ୟକ୍ତିଗତ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ସମୟ କମ୍ ଥିଲା। ମାତ୍ର କ୍ଳାନ୍ତି ତାଙ୍କୁ ଅବସନ୍ନ କରୁ ନ ଥିଲା। ଏତେ ସବୁ ଭିତରେ ବି ସେମାନେ ଖୁସି ରହିପାରୁଥିଲେ। କଉଡ଼ି ଖେଳୁଥିଲେ, ଲୁଡୁ ଖେଳୁଥିଲେ, ରଜରେ ଦୋଳି ଖେଳୁଥିଲେ, ପାନ ଖାଉଥିଲେ, ଅଳତା ଲଗଉଥିଲେ। ଜଣେ ଅନ୍ୟ ଜଣଙ୍କର ମୁଣ୍ଡ କୁଣ୍ଡେଇ ଦଉଥିଲା, ତେଲ ଲଗେଇ ଦଉଥିଲା। ମାତ୍ର ଏବେର ନାରୀ ସବୁ ସୁଖସ୍ୱାଚ୍ଛନ୍ଦ୍ୟର ସାମଗ୍ରୀ ହାତ ପାଆନ୍ତାରେ ପାଇବା ସତ୍ତ୍ୱେ, ଆର୍ଥିକ ସୁରକ୍ଷା, ଶିକ୍ଷାଗତ ସମସ୍ତ ଯୋଗ୍ୟତା ଓ ସାମର୍ଥ୍ୟ ସତ୍ତ୍ୱେ ଖୁସି ନୁହେଁ କାହିଁକି ? କୋଉ ଅଭାବ ତାକୁ ଭିତରୁ କୋରି ଖାଇଯାଉଚି ?

ଆଗେ ଗୋଟେ ଗୋଟେ ଘରେ ଚାରି ଛଅ ଛୁଆ ରହୁଥିଲେ। ବଡ଼ ବଡ଼ ପରିବାରରେ ଘରକଥା ବୁଝୁବୁଝୁ ମାଆମାନଙ୍କର ସମୟ ନ ଥିଲା ଛୁଆଙ୍କ କଥା ବୁଝିବାକୁ। ବାପାମାନେ ତାଙ୍କ ଚାଷବାସ କାମରେ ବ୍ୟସ୍ତ ରହି ଛୁଆଙ୍କ କଥା ବି ବୁଝିପାରୁ ନ ଥିଲେ। ଛୁଆ କିଏ ଯାଇ ନଈ ପୋଖରୀରେ ବୁଡ଼ି କଇଁଫୁଲ ତୋଳିଲାଣି ତ କିଏ ଯାଇ ବରଗଛ ଓହଳରେ ଝୁଲି ଡାଳମାଙ୍କୁଡ଼ି ଖେଳିଲାଣି ସେ କଥା ବୁଝିବାକୁ କାହାର ସମୟ ନ ଥିଲା। କିଏ ସ୍କୁଲ ଗଲା ନ ଗଲା ସେକଥା ବି କେହି ବୁଝିବାକୁ ବି ସମୟ ନ ଥିଲା। ପିଲାବେଳଟି ମୁଖ୍ୟତଃ ଅବହେଳିତ ଭାବେ କଟୁଥିଲା। ଛୁଆମାନଙ୍କର ନିଜ କଥା କହିବାର ଅଧିକାର ବି ନ ଥିଲା। ଏବେ ତ ଘରେ ଘରେ ଗୋଟିଏ କିମ୍ବା ଦୁଇଟି ଛୁଆ। ବାପା-ମାଆଙ୍କ ନୟନମଣି। ସିଏ କ'ଣ ଖାଇବ, କ'ଣ ପିନ୍ଧିବ, କୋଉଠି ଶୋଇବ, ସବୁ ତା' ଇଚ୍ଛାରେ ହେଉଚି। ଘରେ ରୋଷେଇ ବି ଛୁଆଙ୍କ ଇଚ୍ଛାରେ ହେଉଚି। ତାଙ୍କ ଡ୍ରେସ ପୋଷାକର ରଙ୍ଗ ଓ ଡିଜାଇନ୍ କ'ଣ ହେବ ସେକଥା ଛୁଆଏ ନିଜେ ସ୍ଥିର କରୁଛନ୍ତି। କୋଉ ଫଙ୍କ୍‌ସନ୍‌କୁ ଯିବେ ନ ଯିବେ ସେମାନେ ସ୍ଥିର କରୁଛନ୍ତି। ବାପା-ମାଆ ଅନେକ ସମୟରେ ନାଚାର। ଛୁଆ ଯାହା ଚାହୁଁଛନ୍ତି ବାପା-ମାଆ ଛୁଆର ମନ ନ ଭାଙ୍ଗି ସବୁ ଆଣି ତା' ପାଦତଳେ ଗଦେଇ ଦଉଛନ୍ତି। ତଥାପି ଆଜିର ଛୁଆ ଟେନ୍‌ସନ୍‌ରେ। ପନ୍ଦର କୋଡ଼ିଏ ବର୍ଷର ପିଲାଙ୍କର ବି ଡାଇବେଟିସ୍, ବ୍ଲଡ୍‌ପ୍ରେସର ବାହାରି ପଡୁଚି।

ବେଳେବେଳେ ଲାଗେ ସବୁ ପ୍ରାଚୁର୍ଯ୍ୟ ସତ୍ତ୍ୱେ ଆମେ ଆମ ପ୍ରାଣପ୍ରାଚୁର୍ଯ୍ୟକୁ ହଜେଇ ବସିଚେ। ବିଭୋରପଣକୁ ହରେଇ ସାରିଚେ। ସନ୍ତୁଷ୍ଟ ହେବାର ମାନସିକତା ଆମର କ୍ଷତବିକ୍ଷତ। ପ୍ରକୃତି ସହ ଆମେ ସଂଯୁକ୍ତ ହୋଇପାରୁନୁ। ସମ୍ପର୍କ ସବୁକୁ ଆମେ ଅନୁଭବ ଓ ଉପଭୋଗ କରିପାରୁନୁ। ସ୍ୱାର୍ଥ ପଛରେ ଧାଉଁ ଧାଉଁ ସ୍ୱ ସହ ସଂଯୁକ୍ତ ନ ହେଇ, ସ୍ୱ ଠାରୁ ଦୂରେଇ ଯାଉଚୁ। ସ୍ୱଭାବଟି ନଷ୍ଟ ହେଇଯାଉଚି। ନିଜକୁ କେବେ ଉପଲବ୍ଧ କରିବାର ସମୟ ଟିକକ ବାହାର କରିପାରୁନୁ। ଜହ୍ନରାତିକୁ, ଶୀତଳ ପବନକୁ, ଫୁଲର ପାଖୁଡ଼ାକୁ, ସୋରିଷ କ୍ଷେତକୁ, ଝରଣାର ଝର୍ଝରକୁ, ନଦୀର କୁଳୁକୁଳୁ ଗୀତକୁ, ମୟୂରର ନାଚକୁ, କୋଇଲିର ଗୀତକୁ ମନଭରି ଉପଭୋଗ କରିପାରୁନୁ। ସିମେଣ୍ଟ କଂକ୍ରିଟର ଦୁନିଆ ଭିତରେ ବନ୍ଦୀ ହେଇ ରହିଯାଇଛୁ। ପୃଥିବୀକୁ କେବେ ନିଜର ବୋଲି ଭାବିବାର ମହାର୍ଘ ଚେତନାକୁ ଅନ୍ତରଙ୍ଗ କରିପାରୁନୁ। ମଗ୍ନ ହେବାର ଲଗ୍ନ ଆମଠାରୁ ଯେତେ ଦୂରେଇ ଦୂରେଇ ଯାଉଚି, ଆମେ ନିଜକୁ ସେତେବେଳେ ଅପୂର୍ଣ୍ଣ, ଅସମ୍ପୂର୍ଣ୍ଣ ଅନୁଭବ କରୁଛୁ। ଉଚ୍ଛୁଳି ପଡିବାର ପୂର୍ବାବସ୍ଥା ହେଲା ଛଳ ଛଳ ହେବା। ତେଣୁ ଖୁସିରେ ଜୀବନ ଉଚ୍ଛୁଳି ପଡୁ ବୋଲି ଆଶା କରିବା ପୂର୍ବରୁ ଜୀବନକୁ ଛଳଛଳ, ଢଳଢଳ କରିବାର ଆବଶ୍ୟକତା ଅବଶ୍ୟମ୍ଭାବୀ। ନିସ୍ତରଙ୍ଗ ଜୀବନ ଅପେକ୍ଷା ଜୀବନରେ ଢେଉ ଟିକେଟିକେ ଆସିଲେ ଛୋଟ ଛୋଟ ହେଉ ପଛେ ତା'ର ଲହରିରେ ଜୀବନ ଅଧିକ ପ୍ରାଣବନ୍ତ ହେବ। ସେ ଢେଉ ଟିକକ ପାଇଁ କେବେ ସୂର୍ଯ୍ୟଟେ ଦରକାର ତ କେବେ ଚନ୍ଦ୍ର। କେବେ ପୂର୍ଣ୍ଣିମା ଦରକାର ତ କେବେ ଅମାବାସ୍ୟା। ଅନ୍ଧାରଠାରୁ ଆଲୁଅ ଯାଏ ଜୀବନର ସାତରଙ୍ଗ ସବୁ ଦରକାର। ତାହାଲେ ଯାଇ ଜୀବନ ଇନ୍ଦ୍ରଧନୁମୟ ହେବ।

ନିର୍ଦ୍ଦେଶକ, ସଂସ୍କୃତି ବିଭାଗ
ମୋ: ୯୪୩୭୨୮୬୫୧୨

## ପାଠକ ଶ୍ରେଷ୍ଠ ବିଚାରକ

### ଏକ୍‌ମୋ ଚଳାଇବ କିଏ

ମହାଶୟ,

କୋଭିଡ୍‌ରେ ଗୁରୁତର ରୋଗୀଙ୍କ ଶେଷ ଆଶା ଏକ୍‌ମୋ ଚିକିତ୍ସା । କରୋନା ପରେ ନଷ୍ଟ ହୋଇଯାଉଥିବା ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡ ଠିକ୍‌ରେ କାମ କରୁ ନ ଥିଲେ ଏହି ମେଶିନ ଆବଶ୍ୟକ ପଡ଼େ। ଏହି ମେଶିନ କେତେ ସମୟ ଧରି ବ୍ୟବହାର ହେବ ରୋଗୀଙ୍କ ଅବସ୍ଥା ଉପରେ ନିର୍ଭର କରେ। ଅମ୍ଳଜାନ ବାହାରୁ ଦିଆଗଲେ ଫୁସ୍‌ଫୁସ୍ ଶରୀରକୁ ଯୋଗାଇବାରେ ବିଫଳ ହେଲେ ଭେଣ୍ଟିଲେଟର ଲାଗିବା ପରେ ବି ଶରୀରରୁ ଅଙ୍ଗାରକାମ୍ଳ ନିର୍ଗତ ନ ହେଲେ ଯେତେବେଳେ ବିଫଳ ହୁଏ, ସେତେବେଳେ ଏକ୍‌ମୋ ମେଶିନ ବ୍ୟବହାର ହୁଏ। ଆମ ରାଜ୍ୟରେ ଏକ୍‌ମୋର ଅଭାବ ଯୋଗୁ ଏୟାରଲିଫ୍ଟ ଦ୍ୱାରା ରୋଗୀଙ୍କୁ ବାହାର ରାଜ୍ୟକୁ ପଠାଯାଉଛି। ସରକାର କଟକ ଏସସିବିରେ ୬ଟି ଏକ୍‌ମୋ ୟୁନିଟ ସ୍ଥାପନ କରିବା ପାଇଁ ଯୋଜନା କରିଛନ୍ତି। କିନ୍ତୁ ଏକ୍‌ମୋ ଚଳାଇବା ପାଇଁ ଆବଶ୍ୟକୀୟ ମାନବ ସମ୍ବଳ ନାହିଁ। ତେଣୁ ସରକାରଙ୍କ ପକ୍ଷରୁ ସ୍ଥାୟୀ ନିଯୁକ୍ତି ନିମନ୍ତେ ପଦକ୍ଷେପ ନେବା ନିହାତି ଆବଶ୍ୟକ।

– କ୍ରିଷ୍ଣାରାଣୀ ସେଠୀ, ମାଲକାନଗିରି, କାଳିମେଳା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅର୍ଥହୀନ ବୋଲି ମଣେ ବୁଦ୍ଧିହୀନ ମାନବ ସନ୍ତାନ
ନୟନର ପଥେ ତା'ର ଏ ଭୁବନେ ନାହିଁ ଯା'ର ସ୍ଥାନ,
ନ ବୁଝେ କମ୍ପିତ କରେ ସଧୀର ତରଙ୍ଗ
ମହା ନୀଳିମାର ସର୍ବ ଅଙ୍ଗ।

-(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ହେଲେ ଚନ୍ଦ୍ରକାନ୍ତ ନାୟକ**

କଟକ ଅଫିସ- ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଭାବେ ଚନ୍ଦ୍ରକାନ୍ତ ନାୟକ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଯୁଗ୍ମ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ତାଙ୍କର ପଦୋନ୍ନତି ହେବା ପରେ ତାଙ୍କ ସ୍ଥାନରେ ଅଶୋକ କୁମାର ଷଡଙ୍ଗୀଙ୍କୁ ଅବସ୍ଥାପିତ କରାଯାଇଛି। ଷଡଙ୍ଗୀ ଏଥିସହିତ ପୂର୍ବପରି ଜିଲା ସୂଚନା ଓ ଲୋକ ସମ୍ପର୍କ ଦାୟିତ୍ୱରେ ରହିବେ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# କଂଗ୍ରେସର କ୍ଷମତାଲୋଭୀ ପ୍ରକୃତି



ପ୍ରକାଶ ଜାଭଡେକର

ଭାରତୀୟ ଗଣତନ୍ତ୍ରର ସବୁଠୁ କଳାଦିନ- ଜରୁରିକାଳୀନ ପରିସ୍ଥିତିକୁ ଇତିମଧ୍ୟରେ ୪୬ ବର୍ଷ ବିତିସାରିଛି। ଜରୁରୀ ପରିସ୍ଥିତି ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଏହାର ଘାତକ ପ୍ରଭାବ କେବଳ ଭାରତୀୟଙ୍କ ପାଇଁ ନୁହେଁ, ବରଂ ଆଇନର ଶାସନ, ସାଧାରଣତନ୍ତ୍ର ତଥା ସାମ୍ବିଧାନିକତାରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ପାଇଁ ଏକ କଳାଦିବସ ହୋଇ ରହିବ।

ଜରୁରିକାଳୀନ ପରିସ୍ଥିତି ସମୟରେ ଆମ ଗଣତାନ୍ତ୍ରିକ ରାଷ୍ଟ୍ର ଉପରେ ଅନେକ ପ୍ରକାରର ଘାତକ ଆକ୍ରମଣ ହୋଇଥିଲା। ଆମ ସମ୍ବିଧାନ ଏବଂ ଆମର ସାମ୍ବିଧାନିକ ସଂସ୍ଥାଗୁଡ଼ିକ ପ୍ରତି ଏହା ପହଞ୍ଚାଇଥିବା କ୍ଷତିର ପ୍ରମାଣ ଆଜି ମଧ୍ୟ ରହିଛି। ମୌଳିକ ଅଧିକାର କଥା ଛାଡ଼ନ୍ତୁ, ଏପରିକି ନାଗରିକମାନଙ୍କଠାରୁ ସେମାନଙ୍କ 'ବଞ୍ଚିବାର ଅଧିକାର' ମଧ୍ୟ ଛଡ଼ାଇ ନିଆଯାଇଥିଲା।

ଯଦିଓ, ଏସବୁର ଅନେକ ତଥ୍ୟ ପ୍ରମାଣ ବର୍ତ୍ତମାନ ସୁଦ୍ଧା ମହଜୁଦ ରହିଛି, ତଥାପି ସମସ୍ୟା ହେଉଛି ଯେଉଁ ମାନସିକତା କାରଣରୁ ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁ ହୋଇଥିଲା, ସେହି ମାନସିକତା ଆଜି ମଧ୍ୟ କଂଗ୍ରେସର ଶୀର୍ଷ ପଦବୀଧାରୀଙ୍କ ନିକଟରେ ଦେଖିବାକୁ ମିଳୁଛି ଏବଂ ଏହା ଆହୁରି ସୁଦୃଢ଼ ହେବାରେ ଲାଗିଛି।

ଯେତେବେଳେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ କେରଳ ଓ ପଞ୍ଜାବ ସରକାରଙ୍କୁ ଭଙ୍ଗ କରିଥିଲେ, ସେହି ସମୟରେ ମଧ୍ୟ ଏପରି ମାନସିକତା ଦେଖିବାକୁ ମିଳିଥିଲା।

୧୯୬୦ରେ ଭାରତ ଓ ଚାଇନା ମଧ୍ୟରେ ଯୁଦ୍ଧକୁ ନେଇ ଆୟୋଜିତ ଏକ ବିତର୍କରେ ଯେତେବେଳେ ନେତୃତ୍ୱ ପ୍ରତି ପ୍ରଶ୍ନ ଉଠିଲା, ଅନ୍ୟ କେହି ନୁହନ୍ତି, ବରଂ ନିଜେ ପ୍ରଧାନମନ୍ତ୍ରୀ କହିଲେ ଯେ, ଚାଇନା ବିରୋଧରେ ପ୍ରସ୍ତୁତି ଉପରେ ପ୍ରଶ୍ନ କରିବାର ଅର୍ଥ ହେଉଛି ଦେଶର ନୈତିକ ମନୋବଳକୁ ଦୁର୍ବଳ କରିବା। ପଣ୍ଡିତ ଜବାହରଲାଲ ନେହେରୁଙ୍କ ସମୟରୁ ହିଁ ଅନ୍ୟମାନଙ୍କ ତୁଳନାରେ 'ଗୋଟିଏ ପରିବାରକୁ ଗୁରୁତ୍ୱ' ଦେବାର ପରମ୍ପରା ଆରମ୍ଭ ହୋଇସାରିଥିଲା ; ୧୯୫୯ରେ ଇନ୍ଦିରା ଗାନ୍ଧୀଙ୍କୁ କଂଗ୍ରେସ ସଭାପତି ପଦବୀରେ ଅବସ୍ଥାପିତ କରାଯିବାରୁ ହିଁ ଏହା ଆରମ୍ଭ ହୋଇଥିଲା। ଏହା ବାରମ୍ବାର ଘଟି ଚାଲିଥିଲା। ନେହେରୁ-ଗାନ୍ଧୀ ପରିବାର ଆଗରେ ମଥାନତ କରୁନଥିବା ଜାତୀୟ ଓ ଆଞ୍ଚଳିକ ନେତାମାନଙ୍କୁ ଦଳରେ ଅପମାନିତ କରାଗଲା ଏବଂ ସମ୍ପୂର୍ଣ୍ଣ ଦଳ ଗୋଟିଏ ପରିବାରର ସମ୍ପତ୍ତି ପାଲଟିଗଲା। ମୋରାରଜୀ ଦେଶାଇ, କେ. କାମରାଜ, ଅତୁଲ୍ୟ ଘୋଷ, ଚରଣ ସିଂ, ଦେବୀ ଲାଲ, ବାବୁ ଜଗଜ୍ଜୀବନ ରାମ, ଏପରି ଅନେକ ନେତାଙ୍କୁ କୋଣଠେସା କରାଗଲା ଏବଂ ଦଳରେ ଗୋଟିଏ ପରିବାରର ରାଜୁତି ପାଇଁ ମାର୍ଗ ପ୍ରଶସ୍ତ କରାଗଲା। ଘଟଣାକ୍ରମେ ଦେଶରେ ଗୋଟିଏ ଦଳର ଶାସନ ଆଧିପତ୍ୟ ବିସ୍ତାର ଲାଗି ଉଦ୍ୟମ କରାଗଲା।

ଏକଥା ସମସ୍ତେ ଜାଣନ୍ତି ଯେ, ସୋନିଆ ଗାନ୍ଧୀଙ୍କ ପାଇଁ ବାଟ ଖୋଲିବା ଲାଗି ସୀତାରାମ କେଶରୀଙ୍କୁ କିଭଳି ଭାବେ ବିତାଡ଼ିତ କରାଯାଇଥିଲା। ସେହିପରି ସମସ୍ତ ଅଧିକାର ଥିଲେ ସୁଦ୍ଧା କଂଗ୍ରେସ ସଭାପତି ନିର୍ବାଚନ ଲଢ଼ିବାର ପରିଣାମ ଜିତେନ୍ଦ୍ର ପ୍ରସାଦଙ୍କୁ ମଧ୍ୟ ଭୋଗିବାକୁ ପଡ଼ିଥିଲା। ସେହି ସମାନ ଧାରାରେ ବର୍ତ୍ତମାନ ରାହୁଲ ଗାନ୍ଧୀଙ୍କ ପାଇଁ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହେଉଥିବା ପ୍ରତ୍ୟେକ ଯୁବନେତାଙ୍କୁ କଂଗ୍ରେସ ଦଳରେ ଅପମାନିତ ହେବାକୁ ପଡୁଛି। ନେହେରୁ-ଗାନ୍ଧୀ ପରିବାରର ଅଖଣ୍ଡ କ୍ଷମତା ଲୋଭ ଗଣତାନ୍ତ୍ରିକ ଭାବେ ନିର୍ବାଚିତ ପ୍ରତ୍ୟେକ ନେତାଙ୍କ ପାଇଁ ଅପମାନଜନକ ପରିସ୍ଥିତି ସୃଷ୍ଟି କରୁଛି। କେନ୍ଦ୍ରରେ କଂଗ୍ରେସ ସରକାର ଥିବା ସମୟରେ ରାଜ୍ୟଗୁଡ଼ିକରେ ୮୦ରୁ ଅଧିକ ଥର ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା। ତେଣୁ ରାଜଭବନଗୁଡ଼ିକ ବସ୍ତୁତଃ କଂଗ୍ରେସ ଦଳର ମୁଖ୍ୟାଳୟ ଭାବେ ଉପଯୋଗ କରାଯିବା ଏକ ସ୍ୱାଭାବିକ ପ୍ରତିଫଳନ ଥିଲା। ଏପରିକି ନିକଟ ଅତୀତରେ ୟୁପିଏ ସରକାରଙ୍କ ସମୟରେ ମଧ୍ୟ ଏହା ଦେଖିବାକୁ ମିଳିଥିଲା।

କେନ୍ଦ୍ରରେ ମଧ୍ୟ କଂଗ୍ରେସର 'ପଦବୀ ପଛରେ କ୍ଷମତା ଆଭିମୁଖ୍ୟ' ଦେଖିବାକୁ ମିଳିଥିଲା, ଯାହାକି ଏହି ଦଳର 'ବାହ୍ୟ ସମର୍ଥନ'ରେ ଗଠନ ହୋଇଥିବା ଏକକ ମେଣ୍ଟ ସରକାରକୁ ସମ୍ପୂର୍ଣ୍ଣ ଅବଧି ପୂରଣ କରିବାକୁ ଦେଇନଥିଲା।

କଂଗ୍ରେସର କ୍ଷମତା ଲୋଭ ଏତେ ସୁଦୂରପ୍ରସାରୀ ଥିଲା ଯେ, ଏହା ନ୍ୟାୟପାଳିକାକୁ ମଧ୍ୟ ସ୍ପର୍ଶ କରିଥିଲା। ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ 'ଅଧସ୍ତନ ନ୍ୟାୟପାଳିକା' ଚାହିଁଥିଲା ଏବଂ ଏପରିକି ଏହାକୁ ଗଠନ କରିବା ଲାଗି ମଧ୍ୟ ଆଗେଇଥିଲା। ବିଚାରପତିଙ୍କୁ ହଟାଇ ତୋଷାମଦକାରୀମାନଙ୍କୁ ନିଯୁକ୍ତି ଦେବା, ଏହାକୁ ଅମାନ୍ୟ କରିବା କାରଣରୁ ଜଷ୍ଟିସ୍ ଏଚ୍. ଆର୍. ଖାନ୍ନାଙ୍କ ଭଳି ବିଚାରପତିଙ୍କୁ ଦଣ୍ଡିତ କରିବା, ବହରୁଲ ଇସ୍‌ଲାମଙ୍କ ଭଳି ଲୋକ କଂଗ୍ରେସ ଦଳର ରାଜନୈତିକ ପଦବୀ ଏବଂ ନ୍ୟାୟପାଳିକା ନିଯୁକ୍ତି ପଦବୀରେ ରହି ଦ୍ୱୈତ କ୍ଷମତା ଉପଭୋଗ ଆଦି ମାମଲା ଭାତହାଣ୍ଡିରୁ ଗୋଟିଏ ଗୋଟିଏ ଚିପିବା ଭଳି କେତେକ ଉଦାହରଣ।

ସୋନିଆ ଗାନ୍ଧୀଙ୍କ ସମୟରେ ବାରମ୍ବାର ମୁଖ୍ୟ ବିଚାରପତିମାନଙ୍କୁ ବଦଳି କରାଯାଇଥିଲା, ଯାହାକୁ ବିଚାରପତିଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିବା ଲାଗି ଏକ ସୁଚିନ୍ତିତ ପଦକ୍ଷେପ ବୋଲି ସ୍ୱର୍ଗତ ଅରୁଣ ଜେଟ୍‌ଲୀ ବର୍ଣ୍ଣନା କରିଥିଲେ।

ସର୍ବନିମ୍ନ ସ୍ଥିତିକୁ ଖସି ଆସିଥିଲେ ସୁଦ୍ଧା କଂଗ୍ରେସ ଦଳର ଏହି ଏକଛତ୍ରବାଦୀ ପ୍ରବୃତ୍ତି ଏବେସୁଦ୍ଧା ରହିଛି। ଅଦାଲତ ମାଧ୍ୟମରେ ହୀନ ରାଜନୈତିକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ଲାଗି କଂଗ୍ରେସ ଦଳର ଉଦ୍ୟମକୁ ସଫଳ ହେବାକୁ ନ ଦେବା କାରଣରୁ ଜଣେ ପ୍ରଧାନ ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ଲାଗି ରାହୁଲ ଗାନ୍ଧୀ ଚେଷ୍ଟା କରିଥିଲେ।

ରାହୁଲ ଗାନ୍ଧୀଙ୍କ ଭଳି କ୍ରମାଗତ ନିର୍ବାଚନୀ ବିଫଳତା ଭୋଗୁଥିବା ନେତୃତ୍ୱ ପ୍ରତି ଯେଉଁମାନେ ଅସହମତ, ସେମାନଙ୍କୁ କୋଣଠେସା କରି ଦିଆଯାଇଥାଏ ; ଯାହାକି ନିକଟରେ ଏବେ 'ଜି-୨୩' ମାମଲାରେ ଦେଖିବାକୁ ମିଳିଛି। ପଞ୍ଜାବ ଓ ରାଜସ୍ଥାନରେ ନିଜ ଦଳର କ୍ଷମତାଶାଳୀ ଆଞ୍ଚଳିକ ନେତାମାନଙ୍କର ପ୍ରଭାବ ହ୍ରାସ କରିବା ଲାଗି ନେହେରୁ-ଗାନ୍ଧୀ ପରିବାର ଅନ୍ତରୀଣ ରାଜନୈତିକ ଗୋଟି ଚାଳନା କରିଥାଏ। 'ପ୍ରଥମ ପରିବାର'ଠାରୁ ସେମାନଙ୍କ ଅପେକ୍ଷା ଶ୍ୱାନମାନଙ୍କୁ ଅଧିକ ଗୁରୁତ୍ୱ ମିଳୁଛି ବୋଲି କହି କଂଗ୍ରେସ ଦଳର ବିଧାୟକମାନେ ଦଳ ପରିତ୍ୟାଗ କରୁଥିବା ଦେଖିବାକୁ ମିଳୁଛି।

କଂଗ୍ରେସର ଏପରି ମନ୍ଦ ସ୍ୱଭାବଠାରୁ ସମ୍ପୂର୍ଣ୍ଣ ବିପରୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରକୁ ସର୍ବୋପରି ରଖିଥାଆନ୍ତି। ଭାଜପାର ରାଜନୈତିକ ପରମ୍ପରା କାରଣରୁ ତାଙ୍କ ନିକଟରେ ଏହି ଗୁଣ ଆସିଛି, ଯାହାକି କ୍ଷମତା ଦେଇଥାଏ ; କିନ୍ତୁ ଗଣତାନ୍ତ୍ରିକ ମୂଲ୍ୟବୋଧ ବିରୋଧରେ ଯିବାକୁ ଶିଖାଇ ନ ଥାଏ।

କଂଗ୍ରେସ ସର୍ବଦା କ୍ଷମତାକୁ ଅଧିକ ଗୁରୁତ୍ୱ ଦେଇଥାଏ, କିନ୍ତୁ ଅନ୍ୟପଟେ ପ୍ରଧାନମନ୍ତ୍ରୀ ମୋଦି ଜମ୍ମୁ ଓ କଶ୍ମୀରରେ ଡିଡିସି ନିର୍ବାଚନ ପାଇଁ ବାଧା ସୃଷ୍ଟି କରୁଥିବା ଏକ ମେଣ୍ଟ ସହଯୋଗୀଠାରୁ ଦୂରେଇ ଯାଇଥିଲେ। ରାଜନୈତିକ କ୍ଷମତା ଅପେକ୍ଷା ତୃଣମୂଳ ସ୍ତରର ଗଣତନ୍ତ୍ରକୁ ଗୁରୁତ୍ୱ ଦେବାର ଏହା ଏକ ଉଦାହରଣ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସହଯୋଗୀ ସଂଘୀୟ ବ୍ୟବସ୍ଥା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା ହାସଲ କରାଯାଇ ଜିଏସ୍‌ଟି ପରିଷଦ ଗଠନ କରାଯାଇଛି, ଯେଉଁଥିରେ ରାଜ୍ୟଗୁଡ଼ିକୁ ସମାନ ଗୁରୁତ୍ୱ ପ୍ରଦାନ କରାଯାଇଛି। ସିବିଆଇ ନିଯୁକ୍ତି ସଂକ୍ରାନ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିରୋଧୀ ଦଳ ନେତାଙ୍କ ଅଂଶ ଗ୍ରହଣକୁ ସୁନିଶ୍ଚିତ କରିବା ଲାଗି ନିୟମରେ ସଂଶୋଧନ କରାଯାଇଛି।

ରାଜନୈତିକ ବିରୋଧୀଙ୍କ ପ୍ରତି କଂଗ୍ରେସର ବ୍ୟବହାରକୁ ସମସ୍ତେ ଜାଣନ୍ତି। ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଅଟଳ ବିହାରୀ ବାଜପେୟୀଙ୍କ ଭଳି ଶୀର୍ଷସ୍ତରୀୟ ନେତାମାନଙ୍କୁ ଅପମାନଜନକ ସମ୍ବୋଧନ କରାଯାଉଥିଲା। ଅନ୍ୟପକ୍ଷରେ, ସଂସଦରେ ଗୁଲାମ ନବୀ ଆଜାଦ୍‌ଙ୍କୁ ବିଦାୟ ଦିଆଯିବା ସମୟରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ବକ୍ତବ୍ୟ ରଖିବା ବେଳେ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ, ଯାହାକି ଭାଜପାର ମୂଲ୍ୟବୋଧ ପ୍ରତି ରେଖାଙ୍କିତ କରିଥାଏ।

କଂଗ୍ରେସର ସ୍ୱେଚ୍ଛାଚାରୀ, କ୍ଷମତାଲୋଭୀ ପ୍ରକୃତି ଏବଂ କଂଗ୍ରେସ ବିରୋଧୀ ଶକ୍ତିଙ୍କ ଗଣତାନ୍ତ୍ରିକ ଦୃଷ୍ଟିକୋଣ ମଧ୍ୟରେ ରହିଥିବା ପାର୍ଥକ୍ୟକୁ କେହି ଭୁଲିଯିବା ଉଚିତ ନୁହେଁ।

ଦେଶରେ ଜରୁରୀ ପରିସ୍ଥିତି ଲାଗୁ କରିଥିବା କଂଗ୍ରେସର ସେହି ବିଶେଷତ୍ୱ ଆଜି ମଧ୍ୟ ଜୀବିତ ଅଛି ଏବଂ ବୃଦ୍ଧି ପାଉଛି। କେବଳ ଏତିକି ଯେ, କେନ୍ଦ୍ରରେ ସେମାନଙ୍କର ରାଜନୈତିକ କ୍ଷମତା ନାହିଁ। ଶାସନରେ ଏବେ ସେମାନଙ୍କଠାରୁ ଭଲ ଲୋକମାନେ ରହିଛନ୍ତି।

**- କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ**

# ଏସ୍‌ପିସିବିର ଲୋକଦେଖାଣିଆ ତଦନ୍ତ

ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.),୨୪।୬

ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ନିର୍ଦ୍ଦେଶ ଅନୁସାରେ କଳିଙ୍ଗନଗର ବ୍ରାହ୍ମଣୀ ରିଭର୍ସ ପେଲେଟ ଲିଃ(ବିଆର୍‌ପିଏଲ୍) କାରଖାନାରେ ଗୁରୁବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ତଦନ୍ତ କରାଯାଇଛି। ଏହି ତଦନ୍ତରେ ଏସ୍‌ପିସିବି ପକ୍ଷରୁ ପରିବେଶବିତ୍ ହିରଣ୍ୟ କୁମାର ନାୟକ ଓ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ସାମିଲ ହୋଇଥିଲେ। ରାଜ୍ୟ ସଭା ସଦସ୍ୟ ତଥା ବିଆର୍‌ପିଏଲ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଅଶ୍ୱିନୀ ବୈଷ୍ଣବ ଏବଂ ଅଭିଯୋଗକାରୀ ଅଶ୍ୱିନୀ

## ବିଆର୍‌ପିଏଲ୍ ବିରୋଧରେ ଏନ୍‌ଜିଟି ମାମଲା

ଧଳ ଓ ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଏହି ତଦନ୍ତ ଟିମ୍ କାରଖାନାର ସାରଙ୍ଗପୁର ଗ୍ରାମ ପଟକୁ ଯେଉଁ ବର୍ଜ୍ୟଜଳ ଛଡାଯାଉଛି ବୋଲି ଅଭିଯୋଗ ହୋଇଥିଲା ସେ ଦିଗକୁ ଯାଇ ନ ଥିଲେ । କେବଳ କାରଖାନା ଭିତରେ ତଦନ୍ତ ସୀମିତ ରହିଥିଲା। ଏହାସହ ବିଆର୍‌ପିଏଲ୍ ଓ ଇଡ୍‌କୋ ପାଇପ୍ ଲାଇନ୍‌ର ସଂଯୋଗ ସ୍ଥଳ ଦେଖିଥିବାବେଳେ ସେଠାରୁ କୌଣସି ଜଳ ନମୁନା ସଂଗ୍ରହ ନ କରି ଫେରି ଯାଇଥିଲେ । ମୋଟାମୋଟି ଭାବେ ଏହି ତଦନ୍ତ ଲୋକଦେଖାଣିଆ ଥିଲା ବୋଲି କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଏହାସହ ତଦନ୍ତ ସମୟରେ ଜଣେ ରାଜ୍ୟ ସଭା ସଦସ୍ୟଙ୍କ ଉପସ୍ଥିତି ତଦନ୍ତ ଓ ରିପୋର୍ଟ ପ୍ରସ୍ତୁତିକୁ ନିଶ୍ଚିତ ଭାବେ ପ୍ରଭାବିତ କରିବ ବୋଲି ସମିତି ଆଶଙ୍କା ପ୍ରକାଶ କରିଛି। ତେଣୁ ଏନ୍‌ଜିଟିରେ ଉପଯୁକ୍ତ ତଦନ୍ତ ରିପୋର୍ଟ ଦାଖଲ ନ କଲେ ପୁଣି ଏକ ନିରପେକ୍ଷ ତଦନ୍ତ କରିବାକୁ ପ୍ରାର୍ଥନା କରାଯିବ ବୋଲି ଅଭିଯୋଗକାରୀ କହିଛନ୍ତି।

ସୂଚନାଯୋଗ୍ୟ, ବିଆର୍‌ପିଏଲ୍ କାରଖାନାର ବର୍ଜ୍ୟଜଳ ବାହାରକୁ ଛାଡି ଗଣ୍ଡାନାଳାକୁ ପ୍ରଦୂଷଣ କରୁଥିବା ନେଇ ଏନ୍‌ଜିଟିରେ ଏକ ମାମଲା(ନଂ.୧୪୯/୨୦୧୭/ଇଜେଡ) ରୁଜୁ ହୋଇଥିଲା। ଏହାପରେ ଏନ୍‌ଜିଟିର ନିର୍ଦ୍ଦେଶ ଅନୁଯାୟୀ ଏସ୍‌ପିସିବି ପକ୍ଷରୁ ତା.୨୪।୧୦।୨୦୧୭ରେ ଏକ ଯାଞ୍ଚ ରିପୋର୍ଟ ଦାଖଲ ହୋଇଥିଲା। ପରବର୍ତ୍ତୀ ସମୟରେ ତତ୍କାଳୀନ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ୨୦୧୮ ଜୁଲାଇ ପ୍ରଥମ ସପ୍ତାହରେ ବିଆର୍‌ପିଏଲ୍‌ର ବିଷାକ୍ତ ବର୍ଜ୍ୟଜଳ ଗଣ୍ଡାନାଳାରେ ମିଶୁଛି ବୋଲି ରିପୋର୍ଟ ଦାଖଲ କରିଥିଲେ। ଏହି ରିପୋର୍ଟକୁ ନେଇ ସମିତି ପକ୍ଷରୁ ଏନ୍‌ଜିଟିରେ ପୁଣିଥରେ ନିରପେକ୍ଷ ତଦନ୍ତ କରିବାକୁ ଅନୁରୋଧ କରାଯାଇଥିଲା। ଗୁରୁବାର ତଦନ୍ତ ସଂକ୍ରାନ୍ତରେ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି,ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ତଦନ୍ତ ହୋଇଛି। ତଦନୁସାରେ ରିପୋର୍ଟ ଦାଖଲ କରାଯିବ।

## ସଂସ୍କୃତି ଗବେଷକ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର୨୪।୬ (ବ୍ୟୁରୋ)

ଜଗନ୍ନାଥ ସଂସ୍କୃତି ଗବେଷକ କୃଷ୍ଣଚନ୍ଦ୍ର ପଟ୍ଟନାୟକ (୯୧)ଙ୍କ ଗୁରୁବାର ପରଲୋକ ଘଟିଛି। ପୁରୁଣା ଭୁବନେଶ୍ୱର ଖରାଖିଆ ବୈଦ୍ୟନାଥ ନିବାସୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଏକାଧାରରେ ଥିଲେ ଜଣେ ପ୍ରଶାସକ, ସାହିତ୍ୟିକ, ଗବେଷକ ଓ ସାମାଜିକକର୍ମୀ। ସେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ଉପରେ ବହୁ ଗବେଷଣାତ୍ମକ ପୁସ୍ତକ ରଚନା କରି ଚର୍ଚ୍ଚିତ ହୋଇଥିଲେ।



ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସହ ବହୁସମ୍ମାନରେ ସମ୍ମାନିତ ହୋଇଥିଲେ। ପାରଳାଖେମୁଣ୍ଡିର ମୂଳବାସିନ୍ଦା କୃଷ୍ଣଚନ୍ଦ୍ର ଓଡଗାଁ ରଘୁନାଥ ଟ୍ରଷ୍ଟ ସହିତ ଜଡିତ ଥିଲେ। ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ ଛୋଟ ପରିବାର, ରତ୍ନମାଳ, ସର୍ବ ଧର୍ମର ମୂଳଭିତ୍ତି ସନାତନ ଧର୍ମ, ଦ୍ୱିତୀୟ ଶ୍ରୀକ୍ଷେତ୍ର ଓଡଗାଁ ଶ୍ରୀ ଶ୍ରୀ ରଘୁନାଥ ଜୀଉ, ଇଂଲିଶ ପୁସ୍ତକ 'ଭଏସ୍ ଅଫ୍ କନ୍‌ସାଇନ୍ସ- ଏ କଲଚର୍ ସ୍ପିରିଚୁଆଲ' ଅନ୍ୟତମ। ସ୍ୱର୍ଗତ ପଟ୍ଟନାୟକଙ୍କ ଶେଷକୃତ୍ୟ ପୁରୁଣା ଭୁବନେଶ୍ୱରସ୍ଥିତ କାଳିଗଡ଼ିଆ ଶ୍ମଶାନରେ ସମ୍ପନ୍ନ ହୋଇଥିବାବେଳେ ବଡ଼ ପୁଅ ନାଗେଶ୍ୱର ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

## 'ବୋଉ ଲୋ କି କହିବି' ଗୀତିକାରଙ୍କ ପରଲୋକ

ନିଶ୍ଚିନ୍ତକୋଇଲି,୨୪।୬(ସ୍ୱ.ପ୍ର.)

ସତୁରି ଦଶକର ଓଡ଼ିଆ ଚଳଚ୍ଚିତ୍ର 'ମେଘ'ର ଲୋକପ୍ରିୟ ଗୀତ 'ବୋଉ ଲୋ କି କହିବି ନୂଆ ଭାଉଜଙ୍କ କଥା'ର ଗୀତିକାର ତଥା କୋଇଲି କବି ଭାବେ ପରିଚିତ ଗୌରଚନ୍ଦ୍ର ସାମନ୍ତରାୟ (୮୫)ଆଉନାହାନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ପଞ୍ଚାୟତ ପଞ୍ଚସରଙ୍ଗବଳରାମପୁରସ୍ଥିତ ନିଜ ବାସଭବନରେ ଗୁରୁବାର ତାଙ୍କ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଲୋକପ୍ରିୟ ଗୀତିନାଟ୍ୟ ପାଇଁ ବହୁ ଅନୁଷ୍ଠାନ ଓ ସରପଡା ଗ୍ରାମପଞ୍ଚାୟତ ତରଫରୁ ଗୌରଚନ୍ଦ୍ରଙ୍କୁ ଦ୍ୱିତୀୟ ଗଣକବି ଭାବେ ମଧ୍ୟ ସମ୍ମାନିତ କରାଯାଇଥିଲା। ସେ ୫୦୦ରୁ ଊର୍ଦ୍ଧ୍ୱ ଗୀତ, ୪୭ଟି ଗୀତିନାଟ୍ୟ ରଚନା କରିଥିଲେ। ତାଙ୍କ ରଚିତ ଗୀତିନାଟ୍ୟ ଗୁରୁସର୍ବତ୍ର ପୂଜ୍ୟତେ, ସରଗେ ପଡ଼ିଛି ହୁରି, ଚିତ୍ରୋତ୍ପଳାରେ ମହାପୁରୁଷ ଅଚ୍ୟୁତାନନ୍ଦ, ପଦ୍ମବନରେ ରାଜହଂସ ସର୍ବବିଦିତ ହୋଇଥିଲା। ୨୦ସେପ୍ଟେମ୍ବର ୧୯୩୭ରେ ଗୌରଚନ୍ଦ୍ର ପଞ୍ଚସରଙ୍ଗବଳରାମପୁରରେ ଜନ୍ମଗ୍ରହଣ କରିଥିଲେ। ୧୯୫୫ରୁ ସେ ସାରସ୍ୱତ ସାଧନା ଆରମ୍ଭ କରିଥିଲେ। ୧୯୬୫ରୁ ୧୯୯୫ ପର୍ଯ୍ୟନ୍ତ ଶିକ୍ଷକତା କରିଥିଲେ। କନିଷ୍ଠ ପୁତ୍ର ସୁଧାଂଶୁ ସାମନ୍ତରାୟ ତାଙ୍କୁ ମୁଖାଗ୍ନି ଦେଇଥିଲେ।



ଗୌରଚନ୍ଦ୍ର ସାମନ୍ତରାୟ

# ବର୍ଷା ଆସିଲେନି, ଶୁଣାଣି ଘୁଞ୍ଚିଲା

**କଟକ ଅଫିସ,୨୪।୬:** ଓଲିଉଡ ଷ୍ଟାର ଦମ୍ପତି ବର୍ଷା ପ୍ରିୟଦର୍ଶିନୀ ଓ ଅନୁଭବ ମହାନ୍ତିଙ୍କ ପାରିବାରିକ ବିବାଦ ମାମଲା କଟକ ପରିବାର ଅଦାଲତରେ ଚାଲିଛି। ଗୁରୁବାର ଶୁଣାଣି ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ଅନୁଭବ ପରିବାର ଅଦାଲତଙ୍କ ମଧ୍ୟସ୍ଥତା କେନ୍ଦ୍ରକୁ ଆସିଥିବାବେଳେ ବର୍ଷା ହାଜର ହୋଇନାହାନ୍ତି। ବର୍ଷାଙ୍କ ଅନୁପସ୍ଥିତି ଯୋଗୁ ଅଦାଲତ ଶୁଣାଣିକୁ ଅନ୍ୟଏକ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି। ଏନେଇ ଅନୁଭବ ଗଣମାଧ୍ୟମକୁ କହିଛନ୍ତି, ବର୍ଷା ଜାଣିଶୁଣି କୋର୍ଟକୁ ଆସୁନାହାନ୍ତି। ସେ ମାମଲାର ଅନ୍ତ ଘଟୁ ବୋଲି ଚାହୁନାହାନ୍ତି। ଏ ସମ୍ପର୍କରେ ବର୍ଷାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନାଯୋଗ୍ୟ, ଅନୁଭବ ପାରିବାରିକ ବିବାଦକୁ ନେଇ ଦିଲ୍ଲୀ ପଟିଆଲା ହାଉସ୍ କୋର୍ଟରେ ମାମଲା ରୁଜୁ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ବର୍ଷା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପଟିଆଲା ହାଉସ କୋର୍ଟରୁ କଟକ ପରିବାର ଅଦାଲତକୁ ଏହି ମାମଲା ସ୍ଥାନାନ୍ତର କରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# 'ରେଡିଓ ଶ୍ରୀକ୍ଷେତ୍ର'ର ଲୋଗୋ ଉନ୍ମୋଚିତ



ନୂଆଦିଲ୍ଲୀ,୨୪।୬

ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ପ୍ରଥମ ଏବଂ ଏକମାତ୍ର ୱେବ୍ ରେଡିଓ 'ରେଡିଓ ଶ୍ରୀକ୍ଷେତ୍ର'ର ଲୋଗୋ ଗୁରୁବାର ନୂଆଦିଲ୍ଲୀସ୍ଥିତ ହଉଜ୍‌ଖାସ ଜଗନ୍ନାଥ ମନ୍ଦିରରେ ଉନ୍ମୋଚିତ ହୋଇଯାଇଛି। ସ୍ନାନମଣ୍ଡପରେ ଏହି ଲୋଗୋକୁ ଜଗନ୍ନାଥଙ୍କୁ ଅର୍ପଣ କରାଯାଇଥିଲା। ଜୁଲାଇ ୧୦ରେ ମହାପ୍ରଭୁଙ୍କ ପବିତ୍ର ନବଯୌବନ ଦର୍ଶନ ଦିନ ଏହି ରେଡିଓର ଶୁଭାରମ୍ଭ ହେବ ବୋଲି ଏହାର ପରିଚାଳକ ତଥା ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ସୂଚନା ଦେଇଛନ୍ତି। ଏହି ଉତ୍ସବରେ ଶ୍ରଦ୍ଧାସୁମନ କ୍ରିଏଟିଭ ଆର୍ଟସର ଅଧ୍ୟକ୍ଷ ବିଜୟକେତନ ବାରିକ, ନୀଳାଚଳ ସେବା ସଂଘର ସମ୍ପାଦକ ରବୀନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ପଙ୍କଜ ମହାନ୍ତି, ଦିଲ୍ଲୀ ସାରସ୍ୱତ ସଂଘର ସମ୍ପାଦକ ସଂଗ୍ରାମ ଧର, ବିଘ୍ନହର୍ତ୍ତା ଫିଲ୍ମସର ନିର୍ଦ୍ଦେଶକ ଭାନୁ ଅଗ୍ନିହୋତ୍ରି, ଷ୍ଟାର ଆଡଭର୍ଟାଇଜିଙ୍ଗର ଅନିଲ ରସ୍ତୋଗୀ ଏବଂ ଦୁଷ୍ମନ୍ତ ମଲ୍ଲିକ ଉପସ୍ଥିତ ଥିଲେ। ଏହି ୱେବ ରେଡିଓରେ କେବଳ ଜଗନ୍ନାଥଙ୍କ କଥା, ଗାଥା ସମ୍ପର୍କରେ ପ୍ରଚାର କରାଯିବ ବୋଲି ପରିଚାଳକ କହିଛନ୍ତି।

**ଏସ୍.ଇ. ରେଳପଥ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର-୮୩୩୧୦୨ଙ୍କ ଦ୍ୱାରା ନିମ୍ନଲିଖିତ ସାମଗ୍ରୀଗୁଡ଼ିକ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି ଏବଂ ଏଗୁଡ଼ିକୁ ତା୨୨।୦୭।୨୦୨୧ରିଖ ୧୪.୦୦ ଘଟିକାରେ ଖୋଲାଯିବ । **ଟେଣ୍ଡର ନଂ.:** ଆଇଏଫ୍୨୧୫୦୯୬ । **ସାମଗ୍ରୀର ବର୍ଣ୍ଣନା:** ଇଲେକ୍ଟ୍ରିକ୍ ୱେଲ୍‌ଡିଂ ମେଶିନ, ୬୩୦ ଆମ୍ପସ (ରେକ୍ଟିଫାୟର ଟାଇପ୍) । ବୈଷୟିକ ବିନିର୍ଦ୍ଦିଷ୍ଟତା ଏହି ଟେଣ୍ଡର ଆନେକ୍ସର-ଏ ଅନୁଯାୟୀ । **କନ୍‌ସାଇନି:** ଓଡ଼ିଶା ରାଜ୍ୟର ଏସ୍‌ଏସ୍‌ଇ (ସିଆଣ୍ଡଡବ୍ଲ୍ୟୁ)/ ବିଏନ୍‌ଡିଏମ୍ - ୮୫ ଗୋଟି, ଝାଡ଼ଖଣ୍ଡ ରାଜ୍ୟର ଏସ୍‌ଏସଇ (ସି ଆଣ୍ଡ ଡବ୍ଲ୍ୟୁ)/ଏଡିଟିପି - ୪୦ ଗୋଟି, ଝାଡ଼ଖଣ୍ଡ ରାଜ୍ୟର ଏସ୍‌ଏସଇ(ସି ଆଣ୍ଡ ଡବ୍ଲ୍ୟୁ)/ଡିପିଏସ୍ - ୨୫ ଗୋଟି । **ଟେଣ୍ଡର ମୂଲ୍ୟ:** ₹୧,୪୧,୬୦,୦୦୦/-। **ଖୋଲାଯିବା ତାରିଖ:** ତା୨୨।୦୭।୨୦୨୧ରିଖ ୧୪.୦୦ ଘଟିକାରେ । ଏହା ଏକ ଇ-ଟେଣ୍ଡର । ଟେଣ୍ଡରଦାତାଙ୍କୁ **www.ireps.gov.in** ପରିଦର୍ଶନ କରିବାକୁ ହେବ । ବିବରଣୀ ଓ ଟେଣ୍ଡର ଦାଖଲ ପାଇଁ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ସାମଗ୍ରୀ ଓ ସେବା ଲଗିନ୍‌ରେ ଲଗ୍ ଇନ୍ କରିବାକୁ ହେବ । କୌଣସି ମାନୁଆଲ ଅଫର/ଟେଣ୍ଡର ଗ୍ରହଣ କରାଯିବ ନାହିଁ। (PR-137)

**DEBTS RECOVERY TRIBUNAL CUTTACK**
C-71,Sector-7,CDA,Cuttack-753014,Odisha
NOTICE UNDER SECTION 17 OF SECURITIZATION ACT R/W PROVISIONS OF THE DEBTS RECOVERY TRIBUNAL ACT AND THE DEBTS RECOVERY TRIBUNAL (PROCEDURE)RULES, 1993 AS AMENED FROM TIMES TO TIME.

Dairy No : 334/2021 Exh.No: 225
MS SAHU CONSTRUCTION VS STATE BANK OF INDIA

To,
1. RAJESH KUMAR AGARWAL
AT-JAGATPUR INDUSTRIAL ESTATE JAGATPUR,CUTTACK,ORISSA-754021
2. ANUSUYA DEVI AGARWAL
AT-JAGATPUR INDUSTRIAL ESTATE JAGATPUR,CUTTACK,ORISSA-754021

An application under Section 17(1) of the Securitization & Reconstruction of Financial Assets & Enforcement of Security Interest Act, 2002 has been filed before this Tribunal on 22/06/2021 in the court of Presiding Officer / Registrar. ( A copy of application is enclosed) Show cause as to why the relief prayed for should not be granted. You are required to file reply, if any, in your defence in the paper book form in two complete sets and produce all the documents and affidavit in your support in the Tribunal personally or through your duly authorized agent or legal practitioner and appear before this Tribunal on 29/06/2021 at 10.30 A.M. failing which the application shall be heard and decided in your absence. Your are further directed to supply advance copy of the reply to the SA to the Counsel for the Applicant.

By order of Tribunal
Signature of the Officer Authorised Person

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.
SBP-ELECT-2020-T-118 & 119

**କାର୍ଯ୍ୟର ନାମ :** 1.(T/119)- ସମ୍ବଲପୁର ମଣ୍ଡଳରେ ବିଦ୍ୟୁତ୍ ଯୋଗାଣ ସଂସ୍ଥାପନର ବୃଦ୍ଧିକରଣ, ଉନ୍ନୟନ ଏବଂ ରୂପାନ୍ତରଣ । 2.(T/118)- ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼-ଥେରୁବାଲି ସେକ୍ସନରେ ରେଲୱେ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକର କ୍ଷତିଗ୍ରସ୍ତ/ପୋତି ହୋଇଯାଇଥିବା (Buried) ଆର୍ଥିଙ୍ଗଗୁଡ଼ିକର ପୁନଃସ୍ଥାପନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1.(T/119) ପାଇଁ 1,13,17,044.30 ଏବଂ 2.(T/119) ପାଇଁ 6,84,000.00 ।

କାର୍ଯ୍ୟ ଶେଷ ହେବା ଅବଧି : 1.(T/119) ପାଇଁ 12 (ବାର)ମାସ ଏବଂ 2.(T/118) ପାଇଁ ୦୬ (ଛଅ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.07.2021 ରିଖ 1615 ଘଟିକା (1 ପାଇଁ) ଏବଂ ତା.13.07.2021 ରିଖ 1600 ଘଟିକା (2 ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଉଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (ଉଦ୍ୟୋଗ)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ), ସମ୍ବଲପୁର
PR-163/M/21-22

See Career Appointment on every Wednesday & Saturday




**DISTRICT OFFICE, SUNDARGARH**
**(Social Welfare Section)**
**TENDER CALL NOTICE**

Sealed tenders are invited from the intending firms for printing and supply of revised Nua Arunima Work Book I and II. The tender documents should reach in the Office of the District Social Welfare Officer, Sundargarh which shall conform to the terms and conditions only by Registered Post / Speed Post on or before 07.07.2021 by 11.30 A.M. and the tender will be opened and finalized at 12.30 P.M. on the same day.

The detail of application form of the tender containing general bid information and terms and conditions available in the District website www.sundargarh.nic.in which can be downloaded from 23.06.2021 to 06.07.2021, hoisted vide Notice No.1416 Dt.22.06.2021 of DSWO, Sundargarh.

By order of Collector, Sundargarh
**Sd./- District Social Welfare Officer, Sundargarh**

**The Odisha Small Industries Corporation Ltd.**
(A Government of Odisha Undertaking)
(*An ISO:9001:2008 certified Govt. Company*)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-490 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.2710 Dt.23.06.2021

The Managing Director, OSIC Ltd. invites tender from appropriate class of registered contractors as per OPWD code for the work, "**Construction of Anwesha Hostel Boundary wall and Road at Rourkela and Kerai,Sundergarh & Construction of Anwesha Hostel Boundary wall and Road at Banarpal, Angul**" The detailed separate tender notice and separate tender paper can be downloaded from the website www.osicltd.in from **Dt.30.06.2021** and shall be submitted through Speed post/Registered post only so as to reach this office latest by **2:00 PM** on **Dt.14.07.2021** Authority reserves the right to accept or reject any or all tenders without assigning any reason thereof.

OIPR-14073/11/0018/2122 Sd/-MANAGING DIRECTOR

**GOVERNMENT OF ODISHA**
E-mail ID: sectcrb_2006@yahoo.co.in, Tel./Fax: 0671-2301751/2302751
**1st Corrigendum to Bid Identification No. S.E.Ctc. (R&B) 6/2021-22**
**Tender Reference - S.E.Ctc. (R&B) 6/2021-22**

No. B-168: The Bid availability period and date of opening of the tenders have been modified as follows:

| Sl. No. | Bid Identification No. | Bid availability Period as per Tender Notice | Revised Bid availability Period | Bid Opening Date as per Tender Notice | Revised Opening Date |
|---|---|---|---|---|---|
| 1 | S.E.Ctc. (R&B) 6/2021-22 | 09.06.2021 to 16.00 hours of 24.06.2021 | 23.06.2021 to 16.00 hours of 07.07.2021 | 25.06.2021 at 11.00 hours | 08.07.2021 at 11.00 hours |

Further details can be seen from the website http://tendersorissa.gov.in.
Sd./- T.P. Mishra, Superintending Engineer, Cuttack (R&B) Circle
OIPR-34012/11/0012/2122

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, RAIRANGPUR (MAYURBHANJ)**
E-mail ID: eerwrairangpur@yahoo.com
Letter No.3292/ Date: 21.6.21
**"e" Procurement Notice for Road Works**
**Bid Identification No.-RWDRRP-04/2021-22**

No.O-366:- 1. Name of the work: Periodical maintenance for Chadhipahadi to Gorumahisani road. 2. Estimated cost: From Rs.95.58 lakhs (approximately). 3. Class of contractor: 'B' & 'A' Class (of Odisha P.W.D.) or relevant class of works licence. 4. Period of completion: 03 (Three calendar months). 5. Tender paper cost: Rs.10,000.00.
The details are as follows.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o Executive Engineer, Rural Works Division, Rairangpur | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| E.E.R.W. Division, Rairangpur | RWDRRP-4/2021-22 | Dt.01.07.2021 at 11.00 A.M. | Dt.15.07.2021 upto 5.00 P.M. | Dt.14.07.2021 upto 5.00 P.M. | Dt.16.07.2021 at 11.30 A.M. | Dt.20.07.2021 at 11.30 A.M. |

Further details can be seen from the website www.tendersodisha.gov.in.
OIPR-25107/11/0007/2122 Sd./- Er. D. Behera, Executive Engineer, R.W. Division, Rairangpur

No. B-167
GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**CUTTACK (R&B) CIRCLE, CUTTACK**
E-mail ID: sectcrb_2006@yahoo.co.in, Tel./Fax: 0671-2301751/2302751
**('e' - PROCUREMENT NOTICE)**
**Bid Identification No. S.E.Ctc. (R&B) 9/2021-22**

1. The Superintending Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage Rate basis bid in Double Cover System in ONLINE MODE from eligible contractors for Road & Building works as mentioned below.
2. No. of Work : 2 Nos.
3. Nature of Work : Building Work
4. Class of Contractor : 'B', 'A' & Special Class
5. Tender Paper Cost : Rs.10000/- (Online)
6. Available of Bid documents in the website : From 05.07.2021 to 16.00 hours of 20.07.2021
7. Date of Opening of Bid : Dt.22.07.2021 at 11.00 hours
8. The bidders have to particiapte in ONLINE bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- T.P. Mishra
Superintending Engineer
Cuttack (R&B) Circle
OIPR-34012/11/0011/2122

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୫ ଜୁନ୍, ୨୦୨୧

ଟୟକେଥନ୍ ୨୦୨୧ର ଉଦ୍ଦେଶ୍ୟ ହେଉଛି ଦେଶରେ ଖେଳଣା ବଜାରକୁ ପ୍ରୋତ୍ସାହନ ଦେବା, ଯଦ୍ୱାରା ଏହି ମାର୍କେଟ ଉପରେ ଭାରତର ଆଧିପତ୍ୟ ରହିବ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ୮୫ ଦେଶରେ ଡେଲ୍‌ଟା ଭାରିଆଣ୍ଟ

**ନୂଆଦିଲ୍ଲୀ, ୨୪।୬:** ୮୫ ଦେଶରେ ଡେଲ୍‌ଟା ଭାରିଆଣ୍ଟ ଚିହ୍ନଟ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ପ୍ରଥମେ ଭାରତରେ ଦେଖାଯାଇଥିବା ଭୂତାଣୁର ଏହି ରୂପ ଆଲ୍‌ଫା ଭାରିଆଣ୍ଟଠାରୁ ଅଧିକ ସଂକ୍ରାମକ ବୋଲି ଡବ୍ଲ୍ୟୁଏଚ୍‌ଓର କୋଭିଡ୍-୧୯ ୱିକ୍ଲି ଏପିଡେମିଓଲୋଜିକାଲ ଅପ୍‌ଡେଟ୍‌ରେ ଦର୍ଶାଯାଇଛି।

### 'ସବୁ ମୋଦି ଚୋର' ମନ୍ତବ୍ୟ: କୋର୍ଟରେ ରାହୁଲ ହାଜର

**ନୂଆଦିଲ୍ଲୀ, ୨୪।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ମାନହାନି ମାମଲାରେ ଫସିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ସୁରଟର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର ହୋଇଛନ୍ତି। ବିଚାରପତି ଏ. ଏନ୍. ଡାଭେ ତାଙ୍କୁ ବୟାନ ରେକର୍ଡ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୧୯ ସାଧାରଣ ନିର୍ବାଚନବେଳେ କର୍ଣ୍ଣାଟକରେ ଏକ ସଭାରେ ରାହୁଲ କହିଥିଲେ, ମୋଦି ସାଙ୍ଗିଆଧାରୀ ସମସ୍ତ ବ୍ୟକ୍ତି ଚୋର। ଏହାର ଉଦାହରଣ ଦେବାକୁ ଯାଇ ସେ ପଳାତକ ନୀରବ ମୋଦି ଓ ଲଳିତ ମୋଦିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ନାମକୁ ଯୋଡ଼ିଥିଲେ। ସୁରଟର ଭାଜପା ବିଧାୟକ ପୂର୍ଣ୍ଣେଶ ମୋଦି ରାହୁଲଙ୍କ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୧ରେ ହେବ।

### କୋଭାକ୍ସିନ୍‌କୁ ଡବ୍ଲ୍ୟୁଏଚ୍‌ଓ ମଞ୍ଜୁରୀ ପାଇଁ ମୋଦିଙ୍କୁ ଚିଠି




**କୋଲକାତା, ୨୪।୬(ଆଇଏଏନ୍‌ଏସ୍):** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଉପଯୁକ୍ତ ଅନୁମୋଦନ ବିନା କେନ୍ଦ୍ର ସରକାର କୋଭାକ୍ସିନ୍ ଟିକାକୁ ବ୍ୟବହାରିକ ମଞ୍ଜୁରୀ ଦେଇଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି। ଏଥିସହିତ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଉକ୍ତ ସ୍ୱଦେଶୀ ଟିକାର ଡବ୍ଲ୍ୟୁଏଚ୍‌ଓ ମଞ୍ଜୁରୀ ଲାଗି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। କୋଭାକ୍ସିନ୍‌କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁମତି ଦେଇ ନ ଥିବାରୁ ଏହି ଟିକା ନେଇଥିବା ଲୋକେ ବିଦେଶ ଯିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟିକାକରଣ ଅଭିଯାନ ଆରମ୍ଭରୁ କୋଭାକ୍ସିନ ଓ କୋଭିଶିଲ୍ଡ ଟିକା ସବୁ ରାଜ୍ୟ ଓ ଘରୋଇ ହସ୍ପିଟାଲଗୁଡ଼ିକୁ ଯୋଗାଇ ଦିଆଯାଉଛି। ଉଚ୍ଚଶିକ୍ଷା ପାଇଁ ସାରା ଦେଶରୁ ଛାତ୍ରୀଛାତ୍ର ପ୍ରତିବର୍ଷ ବିଦେଶ ଯାଇଥାନ୍ତି। ଅଧିକାଂଶ ଛାତ୍ରୀଛାତ୍ର କୋଭାକ୍ସିନ୍ ନେଇଥିବାରୁ ସେମାନଙ୍କ ଟିକା ପ୍ରମାଣପତ୍ରକୁ ବିଦେଶରେ ଗ୍ରହଣ କରାଯାଉନାହିଁ। ଏବେ ସେମାନେ ପାଠ ପଢ଼ିବା ପାଇଁ ସମସ୍ୟାର ସମ୍ମୁଖୀନହୋଇଥିବା ମମତା ଉଲ୍ଲେଖ କରିଛନ୍ତି।

### ଇସ୍ରାଏଲ ଦୂତାବାସ ବିସ୍ଫୋରଣ: ୪ କଶ୍ମୀରୀ ଛାତ୍ର ଗିରଫ

**ନୂଆଦିଲ୍ଲୀ, ୨୪।୬:** ଇସ୍ରାଏଲ ଦୂତାବାସ ନିକଟରେ ଜାନୁୟାରୀ ୨୯ରେ ଘଟିଥିବା ବିସ୍ଫୋରଣ ମାମଲାରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଗୁରୁବାର ଜମ୍ମୁ କଶ୍ମୀରର ୪ ଛାତ୍ରଙ୍କୁ ଗିରଫ କରିଛି। ସେମାନେ ହେଲେ କାର୍‌ଗିଲ ନିକଟସ୍ଥ ଥଙ୍ଗ୍ ଗ୍ରାମର ନାଜିର ହୁସେନ, ଜୁଲ୍ ଫିକର ଅଲି ୱାଜିର, ଆଇଆଜ ହୁସେନ ଓ ମୁଜାମ୍ମିଲ ହୁସେନ। ଅଭିଯୁକ୍ତମାନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଦିଲ୍ଲୀ ଅଣାଯାଇଛି।

### ଲଶ୍କର, ଜେଇଏମ୍ ବିରୋଧରେ ଏସ୍‌ସିଓ କାର୍ଯ୍ୟାନୁଷ୍ଠାନ ଲାଗି ଚାପ

**ନୂଆଦିଲ୍ଲୀ, ୨୪।୬(ପି.ଟି.):** ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ଏବଂ ଜୈଶ-ଇ-ମହମ୍ମଦ (ଜେଇଏମ୍) ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଯୋଜନା ପ୍ରସ୍ତୁତ କରିବାକୁ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ଚାପ ପକାଇଛନ୍ତି। ଆତଙ୍କବାଦୀ ଆକ୍ରମଣର ଅପରାଧୀମାନଙ୍କୁ ତୁରନ୍ତ ଆଇନର କାଠଗଡ଼ାକୁ ଆଣିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଡୋଭାଲ ବୁଧବାର ତାଜିକିସ୍ତାନ ରାଜଧାନୀ ଦୁଶାନବେରେ ଏସ୍‌ସିଓର ଶୀର୍ଷ ସୁରକ୍ଷା ଅଧିକାରୀଙ୍କୁ ସାକ୍ଷାତ୍ କରିବା ଅବସରରେ ଜାତିସଂଘ ସଂକଳ୍ପକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା ଓ ଆତଙ୍କବାଦୀ ସଂଗଠନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଆହ୍ୱାନ ଦେଇଥିଲେ।

## କେନ୍ଦ୍ରକୁ ହାଇକୋର୍ଟ ନୋଟିସ

### ନୂଆ ଆଇଟି ନିୟମ

କେନ୍ଦ୍ର ସରକାରଙ୍କ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ, ଓଟିଟି ଏବଂ ଡିଜିଟାଲ ନ୍ୟୁଜ୍ ୱେବସାଇଟଗୁଡ଼ିକ ପାଇଁ ଜାରି କରାଯାଇଥିବା ନୂଆ ଗାଇଡ୍‌ଲାଇନର ସାମ୍ବିଧାନିକ ବୈଧତାକୁ ଡିଜିଟାଲ ନ୍ୟୁଜ୍ ପବ୍ଲିଶର୍ସ ଆସୋସିଏଶନ(ଡିଏନ୍‌ପିଏ) ଏବଂ ଖବରଦାତା ମୁକୁନ୍ଦ ପଦ୍ମନାଭନ୍ ମାଡ୍ରାସ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୂଚନା ପ୍ରଯୁକ୍ତିବିଦ୍ୟା (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ରୁଲ୍‌ସ-୨୦୨୧ର ଦୁରୁପଯୋଗ କରି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୧୫ ଦିନ ମଧ୍ୟରେ ତଥ୍ୟ ମାଗିଥିବା ସେମାନେ ଦର୍ଶାଇଥିଲେ। ଏହାସହ ଉକ୍ତ ଗାଇଡ୍‌ଲାଇନକୁ ଅଭିବ୍ୟକ୍ତି ସ୍ୱାଧୀନତା ଓ ପ୍ରେସ୍ ଫ୍ରିଡମ୍ ପାଇଁ ବିପଦ ବୋଲି ପିଟିଶନ୍‌ରେ ଉଲ୍ଲେଖ କରିଥିଲେ। ମୁଖ୍ୟ ବିଚାରପତି ସଞ୍ଜୀବ ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ଉକ୍ତ ଆଇନର ଧାରା ୧୮ ସମ୍ପର୍କରେ ୧୫ ଦିନ ମଧ୍ୟରେ ଜବାବ ଦାଖଲ ପାଇଁ ନୋଟିସ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୩ ସପ୍ତାହ ପରେ ହେବ।

## ଟୁଇଟର ଇଣ୍ଡିଆ ଏମ୍‌ଡି ଆଶ୍ୱସ୍ତ

### ଗାଜିଆବାଦ ମାମଲା



ଟୁଇଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ମନୀଷ ମାହେଶ୍ୱରୀଙ୍କୁ କର୍ଣ୍ଣାଟକ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ହାଇକୋର୍ଟ ଉତ୍ତରପ୍ରଦେଶ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଗାଜିଆବାଦରେ ଜଣେ ବୃଦ୍ଧ ମୁସଲମାନଙ୍କ ଉପରେ ଆକ୍ରମଣକୁ ସେ ଟୁଇଟ୍ କରିଥିବାରୁ ୟୁପି ପୋଲିସ ଗତ ସପ୍ତାହରେ ତାଙ୍କ ବିରୋଧରେ ଏତଲା ଦାଏର କରିଥିଲା। ଆଗୁଆ ଜାମିନ ପାଇଁ ମାହେଶ୍ୱରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗାଜିଆବାଦରେ ଅବଦୁଲ ସମାଦ ନାମକ ବୃଦ୍ଧଙ୍କୁ କେତେଜଣ ଯୁବକ ମାଡ଼ ମାରିବା ସହ ଜୟ ଶ୍ରୀରାମ ଏବଂ ବନ୍ଦେ ମାତରମ୍ କହିବା ଲାଗି ବାଧ୍ୟ କରିଥିଲେ। ଏହା ଉପରେ ଟୁଇଟ୍ କରିବା ଓ ଗଣମାଧ୍ୟମରେ ଭିଡିଓ ପୋଷ୍ଟ କରି ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ପାଇଁ ଉଦ୍ୟମ କରିଥିବା ଅଭିଯୋଗରେ ପୋଲିସ ମନୀଷଙ୍କ ସମେତ ୩ ଖବରଦାତା ଏବଂ କେତେଜଣ କଂଗ୍ରେସ ନେତାଙ୍କ ବିରୋଧରେ ଏତଲା ଦାଏର କରିଥିଲା।

# ଜୁଲାଇ ୩୧ ସୁଦ୍ଧା ଦ୍ୱାଦଶ ଶ୍ରେଣୀ ଫଳ

## ପ୍ରକାଶ କରିବାକୁ ରାଜ୍ୟ ବୋର୍ଡକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୪।୬(ପି.ଟି.)**



ଜୁଲାଇ ୩୧ ସୁଦ୍ଧା ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ଇଣ୍ଟରନାଲ ଆସେସ୍‌ମେଣ୍ଟ ଫଳ ଘୋଷଣା କରିବା ପାଇଁ ସୁପ୍ରିମକୋର୍ଟ ଗୁରୁବାର ସମସ୍ତ ରାଜ୍ୟ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ବୋର୍ଡ ସେମାନଙ୍କ ଛାତ୍ରୀଛାତ୍ରଙ୍କ ପାଇଁ ନିଜସ୍ୱ ମୂଲ୍ୟାୟନ ପଦ୍ଧତି ଆପଣାଇବାକୁ ଅଦାଲତ ସୁଯୋଗ ଦେଇଛନ୍ତି। କରୋନା ମହାମାରୀ ଯୋଗୁ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ ହୋଇଥିଲା ବେଳେ ସାରା ଦେଶରେ ସମାନ ମୂଲ୍ୟାୟନ ଯୋଜନା କାର୍ଯ୍ୟକାରୀ କରିବା ଲାଗି ନିର୍ଦ୍ଦେଶ ଦେବାକୁ ଖଣ୍ଡପୀଠ ମନା କରିଦେଇଥିଲେ। ତେବେ ରାଜ୍ୟ ଶିକ୍ଷା ବୋର୍ଡଗୁଡ଼ିକ ସେମାନଙ୍କ ମୂଲ୍ୟାୟନ ସୂତ୍ର ୧୦ ଦିନ ମଧ୍ୟରେ ପ୍ରସ୍ତୁତ କରି ବିଜ୍ଞପିତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବୋର୍ଡ ସ୍ୱୟଂକ୍ରିୟ ହୋଇଥିବାରୁ ସେମାନେ ନିଜ ମୂଲ୍ୟାୟନ ଯୋଜନା ପ୍ରସ୍ତୁତ କରିବେ ବୋଲି ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଦିନେଶ ମାହେଶ୍ୱରୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ।

ମହାମାରୀ ଯୋଗୁ ବୋର୍ଡ ପରୀକ୍ଷା ନ କରାଇବା ପାଇଁ ନିର୍ଦ୍ଦେଶ ଦେବାକୁ ହୋଇଥିବା ଆବେଦନର ଶୁଣାଣି କରି ଖଣ୍ଡପୀଠ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଆସାମ ସରକାର ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ବାତିଲ କରିଥିବା ଓ ଇଣ୍ଟରନାଲ ଆସେସ୍‌ମେଣ୍ଟ ମାର୍କ ପାଇଁ ପ୍ରସ୍ତୁତ କରିଥିବା ସୂତ୍ର ସମ୍ପର୍କରେ ଅଦାଲତଙ୍କୁ ସତ୍ୟପାଠ ମାଧ୍ୟମରେ ଜଣାଇଥିଲେ। ସମାନ ମୂଲ୍ୟାୟନ ସୂତ୍ର ପାଇଁ ହରିୟାଣା ସ୍କୁଲ୍ ଶିକ୍ଷା ବୋର୍ଡ ପକ୍ଷରୁ ଦାବି କରାଯାଇଥିବାବେଳେ ଖଣ୍ଡପୀଠ ଏହାକୁ ଗ୍ରହଣ କରି ନ ଥିଲେ। ପ୍ରତ୍ୟେକ ବୋର୍ଡ ନିଜ ନିଜର ମୂଲ୍ୟାୟନ ଯୋଜନା ପ୍ରସ୍ତୁତ କରିବାକୁ ପୂର୍ବରୁ ସ୍ପଷ୍ଟ କରିଦିଆଯାଇଥିବା ଖଣ୍ଡପୀଠ କହିଥିଲେ। ଜୁନ୍ ୨୨ରେ ସର୍ବୋଚ୍ଚ ଅଦାଲତ ସିବିଏସ୍‌ଇ ଏବଂ ସିଆଇଏସ୍‌ସିଇର ମୂଲ୍ୟାୟନ ପଦ୍ଧତି ଉପରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ। ୨୮ ରାଜ୍ୟ ମଧ୍ୟରୁ ୬ଟି ବୋର୍ଡ ପରୀକ୍ଷା କରାଇଥିବାବେଳେ ୧୮ ରାଜ୍ୟ ପରୀକ୍ଷା ବାତିଲ କରିଛନ୍ତି।

### ବୋର୍ଡ ପରୀକ୍ଷା ବାତିଲ କଲା ଆନ୍ଧ୍ର

ସୁପ୍ରିମକୋର୍ଟଙ୍କ ତାଗିଦ୍ ପରେ ଆନ୍ଧ୍ରପ୍ରଦେଶ ସରକାର ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ କରିଦେଇଛନ୍ତି। ରାଜ୍ୟ ସରକାର ବୁଧବାର ସର୍ବୋଚ୍ଚ ଅଦାଲତରେ ସତ୍ୟପାଠ ଦାଖଲ କରି ବୋର୍ଡ ପରୀକ୍ଷାର ନିର୍ଭରଯୋଗ୍ୟ ବିକଳ୍ପ ନାହିଁ ବୋଲି କହିବା ସହ ଏଥିପାଇଁ ସତର୍କତା ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ। ତେବେ କୋଭିଡ୍‌ରେ କାହାର ମୃତ୍ୟୁ ହେଉନାହିଁ ବୋଲି ରିପୋର୍ଟ ଦେଲେ ପରୀକ୍ଷା ପାଇଁ ଅନୁମତି ଦିଆଯିବ ବୋଲି ଅଦାଲତ କହିବା ପରେ ସରକାର ବାଧ୍ୟ ହୋଇ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି।

ଆସାମ, ପଞ୍ଜାବ, ତ୍ରିପୁରା ଏବଂ ଆନ୍ଧ୍ରପ୍ରଦେଶ ଏପର୍ଯ୍ୟନ୍ତ ପରୀକ୍ଷା ବାତିଲ କରି ନ ଥିବା ଗତ ୧୭ ତାରିଖରେ ସୁପ୍ରିମକୋର୍ଟଙ୍କୁ ଜଣାଇ ଦିଆଯାଇଥିଲା।

## ଗଙ୍ଗାରେ ଜଳସ୍ତର ବଢ଼ିବାରୁ ପଦାକୁ ଆସିଲା ଗଣସମାଧି



**ଲକ୍ଷ୍ନୌ, ୨୪।୬**

ମୌସୁମୀ ବର୍ଷାରେ ଗଙ୍ଗାନଦୀର ଜଳସ୍ତର ବଢ଼ିବାରୁ ଉତ୍ତରପ୍ରଦେଶର ପ୍ରୟାଗରାଜ ସହରରେ ଗଣ କବରସ୍ଥାନ ଲୋକଲୋଚନକୁ ଆସିଛି। କୋଭିଡ୍ ମୃତ୍ୟୁସଂଖ୍ୟା ଲୁଚାଇବା ପାଇଁ ଗଙ୍ଗାନଦୀ କୂଳ ବାଲିରେ ମୃତଦେହଗୁଡ଼ିକୁ ପୋତି ଦିଆଯାଇଥିଲା। ଏବେ ବର୍ଷାପାଣି ମାଡ଼ିଯିବାରୁ ବାଲି ଖସିଯାଇ ଶବ ଭାସୁଛି। ଫଳରେ କର୍ତ୍ତୃପକ୍ଷଙ୍କ କାରନାମା ପଦାରେ ପଡ଼ିଯାଇଛି। ଏବେ କର୍ତ୍ତୃପକ୍ଷ ପାଣିରୁ ଏହି ମୃତଦେହଗୁଡ଼ିକୁ ବାହାର କରିବା ବ୍ୟବସ୍ଥା କରିଛନ୍ତି। ସ୍ଥାନୀୟ ଖବରଦାତା ପ୍ରୟାଗରାଜର ବିଭିନ୍ନ ଘାଟରୁ ଭାସୁଥିବା ମୃତଦେହଗୁଡ଼ିକର ଭିଡିଓ ଓ ଫଟୋ ସଂଗ୍ରହ କରିଛନ୍ତି। କାହା ହାତରେ ସର୍ଜିକାଲ ଗ୍ଲୋଭ୍ସ ରହିଛି ତ କାହା ନାକରେ ଅକ୍ସିଜେନ୍ ନଳୀ ଲାଗିଥିବା ଦେଖିବାକୁ ମିଳିଛି। ୨୪ ଘଣ୍ଟାରେ ୪୦ ମୃତଦେହ ସତ୍କାର କରାଗଲାଣି। ଅନ୍ୟ ସବୁ ମୃତଦେହକୁ ରୀତିନୀତି ଅନୁଯାୟୀ ସତ୍କାର କରାଯିବ ବୋଲି ମ୍ୟୁନିସିପାଲ୍ କର୍ପୋରେଶନ ପକ୍ଷରୁ କୁହାଯାଇଛି।

## ୧୮ ପୋଲିସ ଅଧିକାରୀଙ୍କ ନାଁରେ ସିବିଆଇ ମାମଲା

**ଥିରୁଭାନନ୍ତପୁରମ, ୨୪।୬**



ଏସ୍. ନମ୍ବିନାରାୟଣ

ଇସ୍ରୋ ଗୁପ୍ତଚର ମାମଲାରେ ସିବିଆଇ ଗୁରୁବାର କେରଳ ପୋଲିସ ଓ ଗୋଇନ୍ଦା ବ୍ୟୁରୋର ୧୮ ପୂର୍ବତନ ଅଧିକାରୀଙ୍କ ବିରୋଧରେ ଥିରୁଭାନନ୍ତପୁରମ୍ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ କୋର୍ଟରେ ଏଫ୍‌ଆଇଆର ରୁଜୁ କରିଛି। ସେମାନଙ୍କ ମଧ୍ୟରୁ ୨ ପୋଲିସ ଅଧିକାରୀଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚିବା ଏବଂ ଜାଲ୍ ଦସ୍ତାବିଜ୍ ପ୍ରସ୍ତୁତ କରିବା ଅଭିଯୋଗ ରହିଛି। ଇସ୍ରୋ ବୈଜ୍ଞାନିକ ପଦ୍ମ ବିଭୂଷଣ ଏସ୍. ନମ୍ବିନାରାୟଣଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଯିବା ପଛରେ ପୋଲିସ ଅଧିକାରୀଙ୍କ ଷଡଯନ୍ତ୍ରର ତଦନ୍ତ ପାଇଁ ଗତ ବର୍ଷ ସୁପ୍ରିମକୋର୍ଟ ୩ ଜଣିଆ କମିଟି ଗଠନ କରିଥିଲେ। କମିଟି ରିପୋର୍ଟ ପରେ ଅଦାଲତ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତଙ୍କ ମଧ୍ୟରେ ଗୁଜରାଟର ପୂର୍ବତନ ଡିଜିପି ଆର୍. ବି. ଶ୍ରୀକୁମାରଙ୍କ ସମେତ ଏସ୍. ବିଜୟନ, ଥମ୍ପି ଏସ୍. ଦୁର୍ଗାଦତ୍ତ, କେ. କେ. ଜୋସୀ ରହିଛନ୍ତି। ଇସ୍ରୋର ତଥ୍ୟକୁ ନେଇ ଗୁପ୍ତଚରଗିରି ମାମଲାରେ ୧୯୯୪ରେ ତାଙ୍କୁ ଗିରଫ କରାଯାଇଥିଲା। ମିଥ୍ୟା ଅଭିଯୋଗରେ ଜେଲ ପଠାଯିବା ସହ ଅପମାନିତ କରାଯାଇଥିବାରୁ କେରଳ ସରକାରଙ୍କଠାରୁ ସେ ୧.୯୦ କୋଟି ଟଙ୍କା କ୍ଷତିପୂରଣ ପାଇଛନ୍ତି।

## ଦିଲ୍ଲୀରେ ବୈଠକ, ପାକ୍‌ରେ ହଇଚଇ

**ନୂଆଦିଲ୍ଲୀ/ଇସ୍‌ଲାମାବାଦ,୨୪।୬**



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏଜିଡି ମୁଖ୍ୟ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ସମେତ ଅନ୍ୟ ନେତାମାନଙ୍କୁ ସର୍ବଦଳୀୟ ବୈଠକକୁ ସ୍ୱାଗତ କରୁଛନ୍ତି।

୨୩ ମାସ ତଳେ ଯାହାଙ୍କୁ ଗୃହବନ୍ଦୀ ରଖିଥିଲେ ଏବେ ସେହି ନେତାମାନଙ୍କ ସହ ଟେବୁଲ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନୂଆଦିଲ୍ଲୀରେ ମୋଦି କଶ୍ମୀରୀ ନେତାଙ୍କ ସହ ବୈଠକ କରୁଥିବାବେଳେ ପାକିସ୍ତାନରେ ହଲ୍‌ଚଲ ଦେଖିବାକୁ ମିଳିଥିଲା। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ରାଜନୈତିକ ସ୍ୱୀକୃତି ପ୍ରଦାନ ପାଇଁ ମୋଦି ରଣନୀତି ପ୍ରସ୍ତୁତ କରିଥିବା ପାକିସ୍ତାନୀ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଡନ୍ ଖବରକାଗଜ କହିଛି, ଉକ୍ତ ବୈଠକ ମୋଦିଙ୍କ କଠୋରପନ୍ଥୀ ନୀତିର ବିପରୀତ। ଏହି ଉଦ୍ୟମରୁ କଶ୍ମୀରବାସୀ କିଛି ଲାଭ ପାଇବେ ନାହିଁ। ଭାରତ ସମର୍ଥକ କଶ୍ମୀରୀ ନେତା ଏଥିରୁ କିଛି ଫାଇଦା ପାଇପାରନ୍ତି। ସେହିପରି ଏକ୍ସପ୍ରେସ୍ ଟ୍ରିବ୍ୟୁନ୍ ଲେଖିଛି, ପାକ୍ ସିନେଟରେ ବୁଧବାର ଏକ ପ୍ରସ୍ତାବ ଗୃହୀତ ହୋଇଛି। ଏଥିରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଫେରାଇଦେବା ପାଇଁ ଭାରତ ଆଗରେ ଦାବି କରାଯାଇଛି। ପାକିସ୍ତାନର ଶାସକ ପିଟିଆଇ ଏମ୍‌ପି ଡ. ଜର୍କା ତୈମୁର ଏହି ସଂକଳ୍ପନାମା ଆଗତ କରିଥିଲେ। ଇତିମଧ୍ୟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ମୁଖ୍ୟାଳୟକୁ ଯାଇ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପକ୍ଷେ ସର୍ବଦଳୀୟ ବୈଠକ ବିରୋଧରେ ଜମ୍ମୁରେ କଶ୍ମୀରୀ ପଣ୍ଡିତମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

### ମୋଦିଙ୍କ ବିରୋଧରେ ବିକ୍ଷୋଭ, ମେହବୁବାଙ୍କୁ ଗିରଫ ଦାବି

ସେହିପରି ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କୁ ଗିରଫ ଦାବିରେ ଶିବସେନା ଓ ଡୋଗ୍ରା ଫ୍ରଣ୍ଟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଭାଜପା-ଆର୍‌ଏସ୍‌ଏସ୍‌ର ଗୋଟିଏ ଗୋଷ୍ଠୀ ଉକ୍ତ ବୈଠକକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି।

## ଉହାନ ଲାବ୍ ପ୍ରଘଟ ସୂତ୍ର ବିଶ୍ୱସନୀୟ ହେଲା କିପରି

**ୱାଶିଂଟନ, ୨୪।୬**

କରୋନା ମହାମାରୀ ସାରା ବିଶ୍ୱରେ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଲାଣି। ତେବେ ଏହି ଭୂତାଣୁର ମୂଳ ଉତ୍ସ ଏବେ ବି ରହସ୍ୟାବୃତ ହୋଇ ରହିଛି। ଉହାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଡବ୍ଲ୍ୟୁଆଇଭି)ରୁ ଭୂତାଣୁର ଉତ୍ପତ୍ତି ହୋଇଥିବା ଚିନ୍ତାଧାରା ଗତ କିଛି ମାସ ହେଲା ପୁଣି ନୂଆ ପ୍ରତ୍ୟୟ ହାସଲ କରିଛି। ଏହାର କାରଣ ହେଲା ଭୂତାଣୁର ପ୍ରାକୃତିକ ଉତ୍ସ ଖୋଜିବା ପ୍ରୟାସ ବିଫଳ ଏବଂ ଲାବରେଟୋରିରୁ ଲିକ୍ ହୋଇଥିବା ନେଇ ପ୍ରଥମରୁ ଯେଉଁ ପ୍ରଚାର ହେଉଥିଲା, ସେଥିରେ ଜୈବଅସ୍ତ୍ର ଭାବେ ଭୂତାଣୁକୁ ଜାଣିଶୁଣି ସୃଷ୍ଟି କରାଯାଇଥିବାର କଳ୍ପନାଜଳ୍ପନା ଯୋଡ଼ି ହୋଇଗଲା। ଚାଇନା ପ୍ରଥମେ ସତ ଲୁଚାଇଥିଲା। ପରେ ଉହାନ ଲାବ୍‌ରୁ ପ୍ରମାଣ ନଷ୍ଟ କରିବା ପାଇଁ ଉଦ୍ୟମ କରିଥିଲା, ଯାହା ବୈଜ୍ଞାନିକଙ୍କ ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଥିଲା।

ଗବେଷଣାଗାରରୁ ଭୂତାଣୁ ସୃଷ୍ଟି ହୋଇଥିବା ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ପ୍ରଚାର କରିବାକୁ ଚାହିଁଥିଲେ ହେଁ ଗୋଇନ୍ଦା ତଥ୍ୟ ସ୍ପଷ୍ଟ ନ ଥିଲା। ଏଠାରେ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଓ ଏହାର ଘଟଣାକ୍ରମ ଉପସ୍ଥାପନ କରାଯାଇଛି, ଯାହା ଭୂତାଣୁର ଉତ୍ସକୁ ପୁନଃ ନିର୍ଦ୍ଧାରଣ କରିଛି। ବିଜ୍ଞାନଭିତ୍ତିକ ବିଶ୍ୱସନୀୟତା ସୃଷ୍ଟି କରିବାକୁ କେତେଜଣ ବିଶେଷଜ୍ଞ ଉଦ୍ୟମ ଆରମ୍ଭ କରିଥିଲେ। ଫଳରେ କରୋନା ଭୂତାଣୁ ସୃଷ୍ଟି ହେବା ପୂର୍ବରୁ ଲାବରେଟୋରି କାର୍ଯ୍ୟର ପ୍ରକୃତ ତଦନ୍ତ କରିବା ଲାଗି ଆହ୍ୱାନ ଦିଆଗଲା।






**୨୦୧୯ ଡିସେମ୍ବର ୩୦:** ଅଜଣା କାରଣରୁ ଉହାନ ସହରର ହୁଆନାନ୍ ସିଫୁଡ୍ ହୋଲସେଲ୍ ମାର୍କେଟରେ ନିମୋନିଆ ସୃଷ୍ଟି ହେଉଥିବା ନେଇ ସେଠାର ମ୍ୟୁନିସିପାଲ ହେଲ୍‌ଥ କମିଶନ ଉହାନରେ ଥିବା ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍‌କୁ ଏକ ଜରୁରୀ ନୋଟିସ ପଠାଇଥିଲେ।

**୨୦୨୦ ଜାନୁୟାରୀ ୫:** ଚାଇନା ଭୂତାଣୁ ସୃଷ୍ଟି କରିଛି ବୋଲି ଏକ ଟୁଇଟ୍ କରାଯାଇଥିଲା। ୧୮ ବର୍ଷ ପୂର୍ବେ ଚାଇନା ଏହିଭଳି ସାର୍ସ ମାମଲାକୁ ଲୁଚାଇ ରଖି ପାଖାପାଖି ୩୦୦ ହଂକଂ ଲୋକଙ୍କ ମୃତ୍ୟୁର କାରଣ ପାଲଟିଥିଲା ବୋଲି ଏଥିରେ ଉଲ୍ଲେଖ ଥିଲା।

**ଜାନୁୟାରୀ ୨୩:** ଉହାନ ଲାବ୍‌ରୁ ଭୂତାଣୁ ବାହାରି ସଂକ୍ରମଣର କାରଣ ହୋଇପାରେ ବୋଲି ୨୦୧୭ରେ ଆମେରିକାର ଜୈବନିରାପତ୍ତା ବିଶେଷଜ୍ଞମାନେ ସତର୍କ କରାଇଥିଲେ ବୋଲି ଏକ ଖବରକାଗଜରେ ପ୍ରକାଶ ପାଇଥିଲା।

**ଜାନୁୟାରୀ ୨୬:** ଚାଇନାର ଜୈବଅସ୍ତ୍ର କାର୍ଯ୍ୟକ୍ରମ ସହ ସମ୍ପୃକ୍ତ ଲାବ୍‌ରୁ କରୋନାଭୂତାଣୁ ସୃଷ୍ଟ ବୋଲି ୱାଶିଂଟନ ଟାଇମ୍ସରେ ପ୍ରକାଶ ପାଇଥିଲା। ଏହା ପରେ ଚାଇନା ବାହାରେ ବୈଜ୍ଞାନିକମାନେ ସାର୍ସ-ସିଓଭି-୨ ଭୂତାଣୁ ଉପରେ ଅଧ୍ୟୟନ ଆରମ୍ଭ କରିଥିଲେ।

**ଜାନୁୟାରୀ ୩୦:** ଚାଇନାର ଉହାନ ସୁପର ଲାବରେଟୋରି ସୃଷ୍ଟ ସବୁଠୁ ଭୟଙ୍କର ଭୂତାଣୁ ବିଶ୍ୱ ମହାମାରୀ ସୃଷ୍ଟି କରିପାରେ ବୋଲି ସିନେଟ ଆର୍ମଡ ସର୍ଭିସେସ୍ କମିଟିକୁ ଟମ୍ କଟନ କହିଥିଲେ।

**ଫେବୃୟାରୀ ୩:** କରୋନା ଭୂତାଣୁ ବାଦୁଡ଼ିଠାରୁ ଆସିଥିବା ଡବ୍ଲ୍ୟୁଆଇଭି ଗବେଷକମାନେ ନେଚର ପତ୍ରିକାରେ ଏକ ରିପୋର୍ଟ ପ୍ରକାଶ କରିଥିଲେ।

**ଫେବୃୟାରୀ ୬:** ମାରାତ୍ମକ କରୋନା ଭୂତାଣୁ ସମ୍ଭବତଃ ଉହାନ ଲାବ୍‌ରୁ ସୃଷ୍ଟି ହୋଇଥିବା ଦକ୍ଷିଣ ଚାଇନା ୟୁନିଭର୍ସିଟି ଅଫ୍ ଟେକ୍‌ନୋଲୋଜିର ମଲିକୁଲାର ବାୟୋମେକାନିକ୍ସ ଗବେଷକ ବୋଟାଓ ଶିଆଓ କହିଥିଲେ। ଏଥିପାଇଁ ଲାବ୍‌ରେ ପୂର୍ବରୁ ହୋଇଥିବା ନିରାପତ୍ତା ଜନିତ ଦୁର୍ଘଟଣା ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ଚାଇନା କର୍ତ୍ତୃପକ୍ଷଙ୍କ ଚାପ ଯୋଗୁ କିଛି ସପ୍ତାହ ପରେ ସେ ଏହି ନିବନ୍ଧକୁ ପ୍ରତ୍ୟାହାର କରିନେଇଥିଲେ।

**ଫେବୃୟାରୀ ୧୯:** ଏକ ୨୭ ଜଣିଆ ବୈଜ୍ଞାନିକ ଟିମ୍ ବନ୍ୟପ୍ରାଣୀଠାରୁ ଉକ୍ତ ଭୂତାଣୁ ଆସିଥିବା ଦାବି କରିଥିଲେ।

**ମାର୍ଚ୍ଚ ୨୭:** ଲାବରେଟୋରିରେ ଅସୁରକ୍ଷିତ କାର୍ଯ୍ୟ ଯୋଗୁ ଦୁର୍ଘଟଣାବଶତଃ ନୂଆ କରୋନା ଭୂତାଣୁ ବାହାରକୁ ଆସିଥିବା ପ୍ରତିରକ୍ଷା ଗୋଇନ୍ଦା ସଂସ୍ଥା ଆକଳନ କରିଥିଲା।

**ମେ' ୩:** ବିଶ୍ୱକୁ ସଂକ୍ରମିତ କରିବାର ଇତିହାସ ଚାଇନା ନାଁରେ ରହିଛି। ନିମ୍ନମାନର ଲାବରେଟୋରି ଚଳାଇବା ମଧ୍ୟ ସେମାନଙ୍କ ପାଇଁ ନୂଆ ନୁହେଁ ବୋଲି ଆମେରିକାର ତତ୍କାଳୀନ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ କହିଥିଲେ।

**ଜୁଲାଇ ୪:** କୋଭିଡ୍-୧୯ ସହ ୯୬ ପ୍ରତିଶତ ମେଳ ଖାଉଥିବା ଭୂତାଣୁ ୨୦୧୨ରେ ଚାଇନାର ଏକ ପରିତ୍ୟକ୍ତ ତମ୍ବା ଖଣିରୁ ମିଳିଥିବା ନେଇ ଟାଇମ୍ସ ଅଫ୍ ଲଣ୍ଡନରେ ରିପୋର୍ଟ ପ୍ରକାଶ ପାଇଥିଲା। ବାଦୁଡ଼ିଠାରୁ ଆସିଥିବା ଏହି ଭୂତାଣୁକୁ ୨୦୧୩ରେ ସଂଗ୍ରହ କରାଯାଇ ଡବ୍ଲ୍ୟୁଆଇଭିରେ ଗଚ୍ଛିତ ରଖାଯାଇ ଅଧ୍ୟୟନ କରାଯାଇଥିଲା।

**୨୦୨୧ ଜାନୁୟାରୀ ୪:** ଲାବରେଟୋରିରୁ ଭୂତାଣୁ ଆସିଥିବାର ଅଧିକ ପ୍ରମାଣ ରହିଛି ବୋଲି ନିକୋଲସନ ମେକର ନ୍ୟୁୟର୍କ ପତ୍ରିକାରେ ଏକ ସମୀକ୍ଷା ରିପୋର୍ଟ ପ୍ରକାଶ କରିଥିଲେ।

**ଜାନୁୟାରୀ ୧୫:** ଟ୍ରମ୍ପ ପ୍ରଶାସନ କ୍ଷମତାରୁ ଯିବା ପୂର୍ବରୁ ପରରାଷ୍ଟ୍ର ବିଭାଗ ଉହାନ ଲାବ୍ ସମ୍ପର୍କରେ ଏକ ଫ୍ୟାକ୍ଟ ଶିଟ୍ ପ୍ରକାଶ କରିଥିଲା। କୋଭିଡ୍-୧୯ ଭଳି ଭୂତାଣୁ ଉପରେ ଅଧ୍ୟୟନ ସମ୍ପର୍କିତ ତଥ୍ୟ ଡବ୍ଲ୍ୟୁଆଇଭି ଲୁଚାଇଥିବା ଏଥିରେ କୁହାଯାଇଥିଲା।

**ଫେବୃୟାରୀ ୧୧:** ଲାବରେଟୋରିରୁ ଭୂତାଣୁ ବାହାରକୁ ଆସିଥିବା କଥାକୁ ଅସ୍ୱୀକାର କରାଯାଇପାରିବ ନାହିଁ ବୋଲି ଡବ୍ଲ୍ୟୁଏଚ୍‌ଓ ମହାସଚିବ ଟେଡ୍ରୋସ ଆଧାନମ ଘେବ୍ରେୟେସସ୍ କହିଥିଲେ।

## ଜୟଦେବ ଠିକାଦାର ସଂଘର ସ୍ମୃତିସଭା

ବାଲିଅନ୍ତା, (ଡି.ଏନ୍.ଏ.): ସୁମନ୍ତ ଲେଙ୍କା ଥିଲେ ଜଣେ ସ୍ନେହୀ ଓ ମେଳାପି ମଣିଷ ଥିଲେ। ସେ କେବଳ ଜଣେ ଯୁବ ଠିକାଦାର ନ ଥିଲେ, ଜଣେ ଭଲ ସଂଗଠକ, ସମବାୟ କର୍ମୀ ମଧ ଥିଲେ। ତାଙ୍କର ଅକାଳମୃତ୍ୟୁ ଯୋଗୁ ବାଲିଅନ୍ତା, ବାଲିପାଟଣାବାସୀ ଜଣେ ଭଲ ମଣିଷକୁ ହରାଇଲା ବୋଲି ବକ୍ତାମାନେ କହିଛନ୍ତି। ବୁଧବାର ଜୟଦେବ ଠିକାଦାର ସଂଘ ପକ୍ଷରୁ ସୁମନ୍ତଙ୍କ ବିୟୋଗରେ ଏକ ସ୍ମୃତିସଭା ବାଲିଅନ୍ତାସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିଶ୍ୱରଞ୍ଜନ ପାତ୍ର, ସମ୍ପାଦକ ପ୍ରଦୀପ୍ତ ଜେନାମଣୀ, କୋଷାଧ୍ୟକ୍ଷ ପ୍ରଦୀପ ସୁନ୍ଦରାୟ, କରୁଣାକର ଦାସ, ନୃସିଂହ ଜେନା, ପ୍ରଫୁଲ୍ଲ ପରିଡ଼ା, ରବୀନ୍ଦ୍ର ରାଉତରାୟ ପ୍ରମୁଖ ଯୋଗଦେଇ ସୁମନ୍ତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ।

# ସ୍ନାନମଣ୍ଡପରେ ଶ୍ରୀଜୀଉ


ଇସ୍କନ ମନ୍ଦିରରେ ମହାପ୍ରଭୁଙ୍କୁ ସ୍ନାନ କରାଯାଉଛି।


ୟୁନିଟ୍-୮ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଗଜାନନ ବେଶ।

ଭୁବନେଶ୍ୱର, ୨୪ା୬(ବ୍ୟୁରୋ)

ଗୁରୁବାର ପବିତ୍ର ସେବସ୍ନାନ ପୂର୍ଣ୍ଣିମାରେ ଭୁବନେଶ୍ୱରସ୍ଥିତ ଇସ୍କନ ସମେତ ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା ସମ୍ପନ୍ନ ହୋଇଛି। ଏଥିସହିତ ଗଜାନନ ବେଶ ପରେ ଚତୁର୍ଦ୍ଧାମୂର୍ତ୍ତି ଅଣସର ଘରକୁ ଚାଲିଯାଇଛନ୍ତି। ହେଲେ କରୋନା କଟକଣା ପାଇଁ ଗତବର୍ଷ ପରି ଏବର୍ଷ ମଧ ଭକ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଭାଇ ବଳଭଦ୍ରଙ୍କ ଦେବଦୁର୍ଲ୍ଲଭ ହାତୀ ବେଶକୁ ସିଧାସଳଖ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ଇସ୍କନ ମନ୍ଦିରରେ ଏଥର କୌଣସି ଆୟୋଜନ ଦେଖିବାକୁ ମିଳି ନ ଥିଲା। କେବଳ ମନ୍ଦିର କର୍ମକର୍ତ୍ତାଙ୍କ ଦ୍ୱାରା ସମସ୍ତ ନୀତିକାନ୍ତି କରାଯାଇଥିଲା।

ସକାଳ ୯ଟାରେ ପହଣ୍ଡି ହେବା ପରେ ୧୦ଟାରେ ସ୍ନାନାଭିଷେକ ନୀତି ଆରମ୍ଭ ହୋଇଥିଲା। ଏହା ଦେଢ ଘଣ୍ଟା ଧରି ଚାଲିଥିଲା। ୧୧ଟା ୩୦ରେ ଠାକୁରଙ୍କ ଶୃଙ୍ଗାର କରି ଗଜାନନ ବେଶ କରାଯାଇଥିଲା। ମଧ୍ୟାହ୍ନ ଭୋଗ, ମଧ୍ୟାହ୍ନ ଆରତି ପରେ ଅପରାହ୍ନ ୧ଟାରେ ପହଡ ପଡିଥିଲା। ପରେ ଅପରାହ୍ନ ୪ଟା ୧୫ରୁ ୫ଟା ୪୫ ପର୍ଯ୍ୟନ୍ତ ଦର୍ଶନ କାର୍ଯ୍ୟକ୍ରମ ହୋଇଥିଲା। ଏହାପରେ ସନ୍ଧ୍ୟା ଆରତି କରାଯାଇ ରାତି ୯ଟାରେ ଠାକୁରଙ୍କୁ ପହଣ୍ଡି କରି ଅଣସର ଘରକୁ ନିଆଯାଇଥିଲା ବୋଲି ମନ୍ଦିରର ସହସଭାପତି ଉପେନ୍ଦ୍ର ମିଶ୍ର ଦାସ ସୂଚନା ଦେଇଛନ୍ତି।

ସେହିପରି ଆର୍‌ସିଏମ୍ କଲେଜ ପରିସର ଜଗନ୍ନାଥ ମନ୍ଦିରରେ ମଧ ଅନୁରୂପ ବ୍ୟବସ୍ଥା କରାଯାଇଥିଲା। କଲେଜ ପ୍ରତିଷ୍ଠାତା ପ୍ରବୀର ପାଲ୍ ଛେରାପହଁରା କରିବା ସହ ଠାକୁରଙ୍କୁ ସ୍ନାନ କରାଇ ଥିଲେ। ପରେ ରୀତିନୀତି ଅନୁଯାୟୀ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। କିସ୍ କଲେଜ ପରିସର ଜଗନ୍ନାଥ ମନ୍ଦିରରେ ଭୋର୍‌ରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ଭୋର ୫ଟାରେ ଠାକୁରଙ୍କୁ ସ୍ନାନ କରାଯାଇ ପୂର୍ବାହ୍ନ ୧୦ଟାବେଳକୁ ହାତୀ ବେଶରେ ସଜ୍ଜା ଯାଇଥିଲା। ଏଥିସହ ସହରରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରରେ ମଧ ନିରାଡମ୍ବର ଭାବେ କେବଳ ମନ୍ଦିର କର୍ମକର୍ତ୍ତାଙ୍କୁ ନେଇ ସ୍ନାନଯାତ୍ରା କରାଯାଇଥିଲା।

## ନାଉରିଆ ସେବକଙ୍କୁ ଅଣଦେଖା ଅଭିଯୋଗ

ପୁରୁଣା ଭୁବନେଶ୍ୱର, ୨୪ା୬(ଡି.ଏନ.ଏ.)



ଅନେକ ସମୟରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ତଥା ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ ପରିଚାଳନାଗତ ତ୍ରୁଟି ପାଇଁ ସେବାୟତ, ଭକ୍ତ ଶିକାର ହେଉଛନ୍ତି। ବର୍ଷ ବର୍ଷ ଧରି ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରାରେ ୨୨ଦିନ ଧରି ଚାପ ଡଙ୍ଗା ଚଳାଇ ଆସୁଥିବା ନାଉରିଆ ସେବକଙ୍କୁ ଅଣଦେଖା କରିଛି ମନ୍ଦିର ପ୍ରଶାସନ। ଏଥିରେ ପ୍ରଶାସନ ୧୨ଜଣ ନାଉରିଆଙ୍କୁ ବଦଳି(ରୋଟେଶନ) ନ କରି କେବଳ ବଛା ବଛା ୬ଜଣ ନାଉରିଆଙ୍କୁ ଧରି କାର୍ଯ୍ୟ ଚଳାଇ ନେଉଥିବା ଅଭିଯୋଗ ହୋଇଛି। ସେମାନଙ୍କ ପାଉଣା ମଧ ଚଞ୍ଚକତା କରି ଅଧିକ ପ୍ରଦାନ କରାଯାଉଛି। ଯାହାକୁ ନେଇ ସେବା କାର୍ଯ୍ୟରୁ ବଞ୍ଚିତ ଥିବା ଅନ୍ୟ ନାଉରିଆମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା ଖୋର୍ଦ୍ଧା ଜିଲାପାଳ, ହିନ୍ଦୁ ଦେବୋତ୍ତର କମିଶନର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଦ୍ୱାରା ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପ୍ରଶାସନ ପକ୍ଷରୁ କାର୍ଯ୍ୟ କରୁଥିବା ନାଉରିଆ ସେବକଙ୍କୁ ରୋଟେଶନ କରାଯାଉନି, ୧୨ଜଣଙ୍କ ପାଉଣା ୬ଜଣଙ୍କୁ ଦିଆଯାଉଛି, ଗତବର୍ଷ ଚନ୍ଦନଯାତ୍ରା ପାଉଣା ବକେୟା ରହିଥିବା ନେଇ ଅଭିଯୋଗପତ୍ରରେ ଦର୍ଶାଯାଇଥିବା କୈବର୍ତ୍ତ ସେବାୟତ ଟ୍ରଷ୍ଟ ସମ୍ପାଦକ ବାସୁଦେବ ବେହେରା କହିଛନ୍ତି। ପ୍ରଶାସନର ଏଭଳି ପ୍ରିୟାପ୍ରୀତି ତୋଷଣ ନୀତିକୁ ବିରୋଧ କରାଯାଉଛି। ଉଚ୍ଚପଦସ୍ଥ ଅଧିକାରୀଙ୍କ ମଧ୍ୟରେ ଏହାର ଠିକ୍ ବିଚାର କରାଯାଇ ବକେୟା ପାଉଣା ଦେବା ତଥା ସେବା ଯୋଗାଇବାକୁ ଅନୁରୋଧ କରାଯାଉଛି। ଏ ନେଇ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କହିଛନ୍ତି, ଅନ୍ୟ ୬ଜଣ ନାଉରିଆଙ୍କୁ ପ୍ରଥମେ ଫୋନ ମାଧ୍ୟମରେ ଡକାଯାଇଥିଲା, ହେଲେ ସେମାନେ ଚାପ ଡଙ୍ଗା ଚଳାଇବାକୁ ମନା କରିଥିଲେ। ଅନ୍ୟପଟେ କାର୍ଯ୍ୟ କରିଥିବା ୬ଜଣ ନାଉରିଆଙ୍କୁ ଏପର୍ଯ୍ୟନ୍ତ କୌଣସି ପାଉଣା ଦିଆଯାଇନାହିଁ। ହେଲେ ଗତବର୍ଷ ରହିଥିବା ଟଙ୍କା ସମସ୍ତଙ୍କୁ ଦିଆଯାଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଇଲେକ୍ଟ୍ରୋନିକ୍ସ ଦୋକାନରୁ ଚୋରି

ବାଲିପାଟଣା, ୨୪ା୬ (ଡି.ଏନ୍.ଏ.): ବାଲିପାଟଣା ଥାନାଠାରୁ ମାତ୍ର ଶହେ ମିଟର ଦୂର ଏକ ଇଲେକ୍ଟ୍ରୋନିକ୍ସ ଦୋକାନରୁ ବୁଧବାର ରାତିରେ ଚୋରି ହୋଇଛି। ଚୋରିଯାଇଥିବା ୪ଟି କିପ୍ୟାଡ୍ ଓ ୩ଟି ସ୍ମାର୍ଟଫୋନ ମୂଲ୍ୟ ପ୍ରାୟ ପଚାଶ ହଜାର ହେବ ବୋଲି ଦୋକାନୀ କୃଷ୍ଣଚନ୍ଦ୍ର ହୋତା କହିଛନ୍ତି। କରୋନା ପାଇଁ ଦୋକାନ ବନ୍ଦ ରହିଛି। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଏହି ଚୋରି କରିଛନ୍ତି। ଗୁରୁବାର ସକାଳୁ ପାଖ ଦୋକାନୀ ଦୋକାନ ନିକଟକୁ ଆସିଥିବାବେଳେ କୃଷ୍ଣଙ୍କ ଦୋକାନ ତାଲା ଭାଙ୍ଗିପଡିଥିଲା। କୃଷ୍ଣଙ୍କୁ ଯୋଗାଯୋଗ କରାଯିବାରୁ ସେ ଫାଟକ ଖୋଲି ଦେଖିଲା ବେଳକୁ ମୋବାଇଲ ଚୋରି ହୋଇଛି। ଏ ନେଇ କୃଷ୍ଣଚନ୍ଦ୍ର ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୪୭/୨୧) ରୁଜୁ କରିଛି। ପରେ ଥାନାଧିକାରୀ କୃପାସିନ୍ଧୁ ବରାଡ଼ ସିସିଟିଭି ଯାଞ୍ଚ କରି ତଦନ୍ତ ଜାରି ରଖିଛନ୍ତି।

### ଅରୂପା ପକ୍ଷରୁ ହସ୍ତଶିଳ୍ପ କାରିଗର ପରିବାରଙ୍କୁ ସହାୟତା

ଭୁବନେଶ୍ୱର, ୨୪ା୬ (ବ୍ୟୁରୋ): ମହାମାରୀ କରୋନାରେ ହସ୍ତଶିଳ୍ପ କାରିଗରମାନେ କାମଧନ୍ଦା ହରାଇ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ବିଶେଷକରି କାରିଗରଙ୍କ ଜିନିଷପତ୍ର ବିକ୍ରି ନ ହେବା, ଉପଯୁକ୍ତ କଞ୍ଚାମାଲ ନ ମିଳିବା ଏବଂ ବିଭିନ୍ନ ସ୍ଥାନରେ ହେଉଥିବା ପ୍ରଦର୍ଶନୀ ବନ୍ଦ ରହିବା ଫଳରେ ସେମାନଙ୍କ ଜୀବନ ଜୀବିକା ଗୁରୁତର ପ୍ରଭାବିତ ହୋଇଛି। ଏପରିସ୍ଥିତିରେ 'ଅରୂପା' ପକ୍ଷରୁ ୨୦ଜଣ ହସ୍ତଶିଳ୍ପ ପରିବାରଙ୍କୁ କରୋନା ସହାୟତା ବାବଦକୁ ମାସକର ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ଅରୂପାର ପ୍ରତିଷ୍ଠାତା ତଥା ବର୍ତ୍ତମାନର ସଭାପତି ପ୍ରଫେସର ଏସ୍.ପି. ଦାସ, କୋଷାଧ୍ୟକ୍ଷ ତଥା ଚାନ୍ଦୁଆ ଶିଳ୍ପୀ ଶାନ୍ତିଲତା ପରିଡା ଓ ବରିଷ୍ଠ ଟେରାକୋଟା ଶିଳ୍ପୀ ମନ୍ଦାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

### ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୪ା୬ (ବ୍ୟୁରୋ) : ବିପ୍ଳବୀ, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ଗୁରୁବାର ଉତ୍କଳ ସମ୍ମିଳନୀ ପକ୍ଷରୁ ପାଳିତ ହୋଇଯାଇଛି। ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା କାର୍ଯ୍ୟାଳୟରେ ସଭାପତି ଦିଲୀପ ଦାଶଶର୍ମା ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କରୋନା କଟକଣା ଓ ଲକ୍‌ଡାଉନ୍ ପାଇଁ ଉପଦେଷ୍ଟା ଡ. ଦ୍ୱାରିକା ନାଥ ମହାନ୍ତି, ନିରଞ୍ଜନ ଦାଶ ଓ ନିମାଇଁ ଚରଣ ଦାସଙ୍କ ସମେତ ଉପସଭାପତି ପ୍ରତାପ ଚନ୍ଦ୍ର ସ୍ୱାଇଁ ଓ ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ବହୁ ସଦସ୍ୟ ନିଜ ଘରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

## ଆଇନଜୀବୀ ନେଲେ ଦ୍ୱିତୀୟ ଡୋଜ୍ ଟିକା

ଭୁବନେଶ୍ୱର, ୨୪ା୬(ବ୍ୟୁରୋ)

ଭୁବନେଶ୍ୱର ଓକିଲ ସଂଘର ୧୮ରୁ ୪୪ ବର୍ଷୀୟ ୪୦୦ଜଣ ସଦସ୍ୟ ଏବଂ ସେମାନଙ୍କ କ୍ଲର୍କ, ଷ୍ଟେନୋ, ଟାଇପିଷ୍ଟ ଓ ମୋହରିରମାନେ ଗୁରୁବାର ପଞ୍ଚମ ପର୍ଯ୍ୟାୟରେ ଦ୍ୱିତୀୟ ଡୋଜ୍ କୋଭିଡ ଟିକା ନେଇଛନ୍ତି। ସଂଘ ହଲ୍‌ରେ ବିଏମ୍‌ସି ତରଫରୁ ଟିକାକରଣ ବ୍ୟବସ୍ଥା କରାଯାଇଥିବାବେଳେ ସକାଳ ୧୦ଟାରୁ ଅପରାହ୍ନ ୧ଟା ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିପାଇଁ ଓକିଲ ସଂଘ ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜକିଶୋର ଦାସ, ଉପସଭାପତି ଦେବୀଦତ୍ତ ବାରିକ, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା ଓ କାର୍ଯ୍ୟକାରୀ ସଦସ୍ୟମାନେ ଧନ୍ୟବାଦ ଦେଇଛନ୍ତି।

## ମହିଳାଙ୍କୁ ଆକ୍ରମଣ କରି ଝାମ୍ପିନେଲେ ସୁନାଚେନ୍

ଭୁବନେଶ୍ୱର, ୨୩ା୬(ବ୍ୟୁରୋ)

ଭରତପୁର ଥାନା ଷ୍ଟୁଡ଼ିଓ ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଭରତପୁରର ସରିତା ପଟ୍ଟନାୟକ ସ୍ୱାମୀଙ୍କ ସହ ଯାଉଥିବାବେଳେ ଆକ୍ରମଣ ଓ ଲୁଟ୍‌ର ଶିକାର ହୋଇଛନ୍ତି। ୨ଜଣ ଦୁର୍ବୃତ୍ତ ବାଇକରେ ଆସି ସୁନାଚେନ୍ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି।

## ଧର୍ମସଭା ବନ୍ଦ କଲା ପୋଲିସ, ୯ ଗିରଫ

ବାରଙ୍ଗ, ୨୪ା୬ (ଡି.ଏନ୍.ଏ.)

କୋଭିଡ୍ ସମୟରେ ପୋଲିସର ବିନା ଅନୁମତିରେ ବୁଧବାର ରାତିରେ ଏକ ଧର୍ମସଭା ଚାଲୁଥିଲା। ଖବରପାଇ ଚନ୍ଦକା ଥାନା ପୋଲିସ ପହଞ୍ଚି ୯ଜଣଙ୍କୁ ଗିରଫ କରିବା ସହ ସାଉଣ୍ଡବକ୍ସ, ମାଇକ୍ ଓ କ୍ୟାମେରାକୁ ଜବତ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଧର୍ମସଭାର ଆୟୋଜକ ଇଚ୍ଛାପୁର ଶ୍ରୀକାକୁଳମର ଆନନ୍ଦ ରେଡୀ, ମନୟ ରେଡୀ, ରତନ, ଗଞ୍ଜାମର ଅଖିଳ ସାହୁ, ବାଦଲ ନାୟକ, ଅମିୟ ମଲ୍ଲିକ, ଚନ୍ଦ୍ରକାନ୍ତ ନାୟକ, କନ୍ଧମାଳର କୁଳଦୀପ ନାୟକ ଓ ନୀଳାଦ୍ରି ବିହାରର ରଞ୍ଜନ ସାହୁ। ଏ ନେଇ ପୋଲିସ ନଂ. ୧୩୯/୨୧ ମାମଲା ରୁଜୁ କରିଛି। ଏହି ଥାନା ଅନ୍ତର୍ଗତ ଦାରୁଠେଙ୍ଗ ପଞ୍ଚାୟତର ଆଦିବାସୀ ସାହି ଭାଲୁଙ୍କାରେ ବୁଧବାର ରାତିରେ ୯ଜଣ ବ୍ୟକ୍ତି ଆସି ଧର୍ମସଭା କରୁଥିଲେ। କୋଭିଡ୍ ଆଇନ ଉଲ୍ଲଂଘନ କରି ମାଇକ ବଜାଇବା ସହ ୬୦/୭୦ଲୋକଙ୍କ ସମାବେଶ ହୋଇଥିଲା। ଏ ବିଷୟରେ ବଂଶୀଧର ପାତ୍ର ସ୍ଥାନୀୟ ଥାନାକୁ ଜଣାଇବା ପରେ ପୋଲିସ ଆସି ସଭା ବନ୍ଦ କରିଥିଲା।


ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସରେ ଗୁରୁବାର ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପବାଚସ୍ପତି ରଜନୀକାନ୍ତ ସିଂ ଓ ଅନ୍ୟମାନେ।

## ଏନଏଚ୍-୧୬ରେ ଅଣ୍ଡର ପାସ୍ ନିର୍ମାଣ ପାଇଁ ୩ ମାସ ଯାତାୟାତ କଟକଣା

ଭୁବନେଶ୍ୱର, ୨୪ା୬(ବ୍ୟୁରୋ)

୧୬ ନଂ. ଜାତୀୟ ରାଜପଥ(ଏନ୍ଏଚ୍)ର ପାତ୍ରପଡା ଓ କଳିଙ୍ଗ ବିହାର ନିକଟରେ ୨ଟି ଅଣ୍ଡର ପାସ୍ ନିର୍ମାଣ କରାଯାଉଛି। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି କରାଯାଇଛି। ଭୁବନେଶ୍ୱରରୁ ଖୋର୍ଦ୍ଧା ଆଡକୁ ଯାଉଥିବା ଗାଡିଗୁଡିକ ଡିଏନ୍ ରେଗାଲିଆ ମଲ୍ ପାଖରେ ତଳକୁ ଖସି ସର୍ଭିସ୍ ରୋଡ୍‌ରେ ଯିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଖୋର୍ଦ୍ଧାରୁ ଭୁବନେଶ୍ୱର ଆସୁଥିବା ଗାଡିଗୁଡିକ କଳିଙ୍ଗ ବିହାର ଛକରୁ ତଳ ସର୍ଭିସ୍ ରୋଡ୍ ଦେଇ ଯିବାକୁ କୁହାଯାଇଛି। ଗୁରୁବାରଠାରୁ ଏହି କଟକଣା ଲାଗୁ କରାଯାଇଥିବାବେଳେ ଆସନ୍ତା ୩ ମାସ ପର୍ଯ୍ୟନ୍ତ ଜାରି ରହିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## କରୋନା ନେଲା ଆଉ ୫ ଜୀବନ

ଭୁବନେଶ୍ୱର, ୨୪ା୬ (ବ୍ୟୁରୋ)

ରାଜଧାନୀରେ ଗତ କିଛିଦିନ ଧରି ଦୈନିକ କରୋନା ଆକ୍ରାନ୍ତଙ୍କଠାରୁ ଆରୋଗ୍ୟ ସଂଖ୍ୟା ଅଧିକ ରହୁଥିଲା। ମାତ୍ର ଗତ ୨୪ ଘଣ୍ଟାରେ ୪୯୬ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୪୧୦ଜଣ ସୁସ୍ଥ ହୋଇଛନ୍ତି। ସେହିଭଳି ଦିନକରେ ଆଉ ୫ଜଣଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ସହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୮,୧୪୫ରେ ପହଞ୍ଚିଛି। ସେହିପରି ୮୬,୧୪୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ୪୨୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୫୫୭ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

## ଟିକା ନେବେ ଦେହଜୀବୀ

ଭୁବନେଶ୍ୱର, ୨୪ା୬ (ବ୍ୟୁରୋ)

ଟିକାକରଣକୁ ବ୍ୟାପକ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଆସନ୍ତା ଜୁଲାଇ ୧୦ ସୁଦ୍ଧା ସହରରେ ସମସ୍ତଙ୍କୁ ଟିକା ଦେବାକୁ ଲକ୍ଷ୍ୟ ରଖି ବିଭିନ୍ନ ବର୍ଗଙ୍କୁ ସ୍ୱତନ୍ତ୍ର ଭାବେ ଟିକା ପ୍ରଦାନର ବ୍ୟବସ୍ଥା କରାଯାଉଛି। ଏବେ ଦେହଜୀବୀଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣର ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର ମାଳିସାହିର ଦେହଜୀବୀମାନେ ଟିକା ନେବେ। ଟିକାକରଣରୁ ଯେପରି କେହି ବାଦ ନ ପଡନ୍ତି, ସେଥିପାଇଁ ଗୁରୁତ୍ୱ ଦିଆଯାଉଛି। ଆଗକୁ ଅନ୍ୟ ସମ୍ବେଦନଶୀଳ ଗୋଷ୍ଠୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଟିକାକରଣ ଅଭିଯାନରେ ସାମିଲ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ଐତିହାସିକ ପ୍ରଫେସର ନାରାୟଣ ରାଓଙ୍କ ଉପରେ ଲିଖିତ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୨୪ା୬ (ବ୍ୟୁରୋ)

ଐତିହାସିକ ପ୍ରଫେସର ନାରାୟଣ ରାଓଙ୍କ ଉପରେ ଆଧାରିତ ଅଭିନନ୍ଦନ ସ୍ମାରିକା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ପ୍ରଫେସର ରାଓଙ୍କ ଭଳି ଐତିହାସିକଙ୍କୁ ଓଡ଼ିଶା ମାଟି ଜନ୍ମଦେଇ ଗର୍ବିତ ବୋଲି ରାଜ୍ୟପାଳ କହିଛନ୍ତି। ଏଥିସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଣ୍ୟଭୂମି ତଥା ସଂସ୍କୃତି ସମ୍ପନ୍ନ ଓଡ଼ିଶା ପ୍ରଦେଶରେ ରାଜ୍ୟପାଳ ଭାବେ କାର୍ଯ୍ୟ କରୁଥିବାରୁ ରାଜ୍ୟପାଳ ନିଜକୁ ଧନ୍ୟ ମନେ କରିଛନ୍ତି। ପ୍ରଫେସର ରାଓଙ୍କ ୮୦ବର୍ଷ ପୂର୍ତ୍ତି ଉପଲକ୍ଷେ ତାଙ୍କ ଶୁଭେଚ୍ଛୁ, ଛାତ୍ର ଓ ପରିବାର ବର୍ଗଙ୍କ ଦ୍ୱାରା ସଂକଳିତ ଏହି ପୁସ୍ତକକୁ ରାଜଭବନ ପରିସରରେ ଲୋକାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଇତିହାସ ସଂକଳନ ସମିତିର ସଂଗଠନ ସଚିବ କମଳେଶ ଦାଶ ସଂଯୋଜନା କରିଥିଲେ।

## ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧୋତ୍ସବ, ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟ ସମାଧି ଦିବସ

ଭୁବନେଶ୍ୱର, ୨୪ା୬ (ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ, ମୌଳିକ ଶିକ୍ଷାର ପ୍ରବକ୍ତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧୋତ୍ସବ ଓ ପଞ୍ଚସଖା ଯୁଗର ଅନ୍ୟତମ ସାଧକ, ମାଳିକାର ରଚୟିତା ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟ ସମାଧି ଦିବସ ପାଳିତ ହୋଇଯାଇଛି। ଗୁରୁବାର ରାଜ୍ୟ ଗ୍ରନ୍ଥାଗାର ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀଧର ବେହେରା ପୌରୋହିତ୍ୟ କରି ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବରପୁତ୍ରଙ୍କ ନୀତି, ଆଦର୍ଶ, ତ୍ୟାଗପୂତ ଜୀବନାଦର୍ଶ, ରଚନାବଳୀ ସମ୍ପର୍କରେ ସହକାରୀ ଗ୍ରନ୍ଥାଗାରିକ କଣ୍ଠମଣି ବିଶ୍ୱାଳ, ବିଦ୍ୟାଧର ପଣ୍ଡା, ରୁଦ୍ର ପ୍ରସାଦ ବେହେରା, ପଦ୍ମନାଭ ଜେନା ପ୍ରମୁଖ ଆଲୋକପାତ କରିଥିଲେ। ଭିକାରୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

**OFFICE OF THE DIRECTOR**
**TEXT BOOK PRODUCTION & MARKETING**
**KHARAVEL NAGAR, UNIT-III, BHUBANESWAR-751001**
**Tel.No.0674-2380871/72**
**email: directortbpmodisha@gmail.com**

**TENDER NOTICE**

Bid Letter No.3496/TBPM, Date: 23.06.2021

**Description of tender: Open Tender for Preparation of FLN Materials.**

No.n-18:- The quantities mentioned in the aforesaid Tender Schedules are approximate only and may increase or decrease on the basis of actual requirement.

The tender paper can be obtained from the Office of the Director, Text Book Production & Marketing, Bhubaneswar on payment of non-refundable cash of Rs.10,000/- plus GST@5% i.e. Rs.10,500/- (Rupees ten thousand five hundred) only at the cash counter in cash- if purchased from cash section, TBPM and in case of downloaded from website- DD/Banker's cheque drawn in any Nationalized / Scheduled Bank favouring Director, TBPM, payable at Bhubaneswar which will be annexed with the technical bid on any working day in between 10 A.M. to 5 P.M. as per the time schedule mentioned here under.

1. Date & time of availability of bid document:
   Starting date & time : 28.06.2021 10 A.M.
   Closing date & time : 13.07.2021 5 P.M.
   Date of opening : 14.07.2021 11.30 A.M.
2. Name & address of the O.I.T. : O/o the Director, Text Book Production & Marketing, Bhubaneswar- 751001

While requesting for obtaining the tender schedule by post the desirous tenderer should keep in view, the last date and time of submission of tender as the undersigned will not be responsible for any postal delay as mentioned below. Tender submitted by any means beyond the stipulated date & time shall not be accepted.

Instructions in detail to the tenderers shall be provided along with the tender schedule. The Director reserves the right to reject any or all the tenders without assigning any reason thereof. The details tender documents will be available in the website: www.odisha.gov.in/school.

**Sd./- DIRECTOR**
**TEXT BOOK PRODUCTION & MARKETING**
**BHUBANESWAR-1**
OIPR-02005/11/0006/2122

**OFFICE OF THE EXECUTIVE ENGINEER**
**ROURKELA (R&B) DIVISION, ROURKELA - 12**
ଓଡ଼ିଶା ସରକାର
**E-mail: eepwdrkl@gmail.com**

**ADVERTISEMENT**

No. B-173: Sri Debadatta Amat, Head Clerk of Rourkela (R&B) Division absconded from Govt. duty from 10.05.2021 without prior permission from competent authority nor taking any kind of leave.
Hence, he is directed to join in his duty immediately without fail. He may contact with the O/o. the undersigned regarding problem if any faced by him.
This may be treated as most urgent.

**Sd./- Executive Engineer**
**Rourkela (R&B) Division**
OIPR-34068/11/0006/2122

**Bhubaneswar Municipal Corporation**
*Progress through Partnership for better Bhubaneswar*

**XXII (L) - 33/217**
**RFP No.: 54420** **Date: 24.06.2021**

**NOTICE INVITING REQUEST FOR PROPOSAL (RFP)**

**No. C-452:-** Sealed proposals are invited for **"Advertisement Rights on Government Land under 3 different packages of South West Zone of BMC"** in conformity with the Terms & Conditions of the Detailed RFP in single bid system (Part-I: General & Technical Proposal and Part-II: Financial Proposal) from intending bidders fulfilling the terms of eligibility laid down in the RFP document. Please refer to website **www.bmc.gov.in** for complete details and downloading the document. The RFP document shall be available from **25.06.2021** with last date of submission being **23.07.2021 till 5.00 P.M.**

For any queries please contact bmcpmu@bmc.gov.in

**By Order**
**Sd./- Dy. Commissioner (Revenue)**
**Bhubaneswar Municipal Corporation**
OIPR-13002/11/0030/2122

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA**
**(District Central Store)**

**SHORT TENDER CALL NOTICE**

**Notification No.**
**CDM&PHO/EMPANEL MEDICAL STORE/09/2021-2022**

No. E-176:- Sealed tenders are invited from reputed Manufacturer, Authorized distributor for **supply of Drugs & Medical consumable as well as related logistics to DHH Nuapada & "Empanelment of Medical Shops" for the year 2021-22** through courier service/speed post/ registered post only. For detail please visit the website: **www.nuapada.nic.in**. The details of Last date & time of receipt of tender, date & time of opening of tender, venue etc. are as mentioned in the bid documents. The undersigned reserves the right to reject or cancel any or all the tender without any reason thereof.

**Sd./- Chief District Medical & Public Health Officer, Nuapada**
OIPR-10055/11/0006/2122

**OFFICE OF THE**
**ROURKELA MUNICIPAL CORPORATION, ROURKELA**
**INVITATION FOR BID**

**No. 8012** **Dated: 23.6.2021**
**Bid Identification No. MC/RMC/26/2021**

No. C-449: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on item rate basis in Single Cover on Online mode. Bid Identification No. MC/ RMC/26/2021 for 01 No. Civil Work with value of Rs.8.33 lakh.

1. Bid documents will be available in website **www.tendersorissa.gov.in** from 23.06.2021.
2. Bids must be submitted on "Online" on or before 05.07.2021 by 17.00 hours.
3. Bids shall be opened at 11.00 hours on 06.07.2021 in the Office of the undersigned in the presence of the bidders or their authorized agents.
4. Other details will be available in the website: **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**
**OIPR-13131/11/0016/2122**

## କ୍ରମ୍ପଟନ ଗ୍ରିଭ୍ସ ଅଧ୍ୟକ୍ଷଙ୍କ ବିରୋଧରେ ମାମଲା

ୟେସ୍ ବ୍ୟାଙ୍କରୁ ୨,୪୩୫ କୋଟି ଟଙ୍କାର ଋଣ ଠକେଇ ମାମଲାରେ ସିବିଆଇ ପକ୍ଷରୁ ଗୁରୁବାର କ୍ରମ୍ପଟନ ଗ୍ରିଭ୍ସ କମ୍ପାନୀର ଅଧ୍ୟକ୍ଷ ଗୌତମ ଥାପରଙ୍କ ବିରୋଧରେ ଏକ ନୂଆ ମାମଲା ରୁଜୁ କରିଛି। କ୍ରମ୍ପଟନ ଗ୍ରିଭ୍ସ ଲିମିଟେଡ୍ ପୂର୍ବରୁ ସିଜି ପାୱାର ଆଣ୍ଡ ଇଣ୍ଡଷ୍ଟ୍ରିଆଲ ସଲ୍ୟୁଶନ୍ସ ନାମରେ ପରିଗଣିତ ହେଉଥିଲା। ଏହି ମାମଲାରେ ସିବିଆଇ ମୁମ୍ବାଇ, ଦିଲ୍ଲୀ ଏବଂ ଗୁରୁଗ୍ରାମର ୬ଟି ସ୍ଥାନରେ ଚଢ଼ାଉ କରିଥିଲା।

## ସଂକ୍ଷେପରେ

### ଜିଡିପି ୯.୫%କୁ ଖସିବ: ଏସ୍ ଆଣ୍ଡ ପି

**ନୂଆଦିଲ୍ଲୀ,୨୪।୬:** ଏସ୍ ଆଣ୍ଡ ପି ଗ୍ଲୋବାଲ ରେଟିଂ ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଅଭିବୃଦ୍ଧି ଆକଳନକୁ ୯.୫%କୁ ଖସାଇଛି। ଅଭିବୃଦ୍ଧି ୧୧% ଛୁଇଁବ ବୋଲି ଏହା ପୂର୍ବରୁ ଅନୁମାନ କରିଥିଲା। ମାତ୍ର ମହାମାରୀ ଯୋଗୁ ବଜାର ପ୍ରଭାବିତ ରହିବା ଯୋଗୁ ଆକଳନକୁ ଏହା କମାଇଥିବା ଜଣାପଡ଼ିଛି। କୋଭିଡ୍ ମହାମାରୀ ଦ୍ୱିତୀୟ ଲହର ଯୋଗୁ ଦେଶର ବିଭିନ୍ନ ପ୍ରାନ୍ତରେ ଲକ୍‌ଡାଉନ କରାଯାଇଥିଲା। ଫଳରେ ଏପ୍ରିଲ ଏବଂ ମେ ମାସରେ ଆର୍ଥିକ କାର୍ଯ୍ୟକଳାପ ଗଭୀର ଭାବେ ପ୍ରଭାବିତ ହୋଇଛି। ସେହିଭଳି ଆର୍ଥିକ ବର୍ଷ ୨୦୨୨-୨୩ରେ ଜିଡିପି ୭.୮% ରହିବ ବୋଲି ଏହା ଆକଳନରେ କହିଛି। ଉଲ୍ଲେଖଯୋଗ୍ୟ, କୋଭିଡ୍ ମହାମାରୀ ଯୋଗୁ ଭାରତର ଅର୍ଥ ବ୍ୟବସ୍ଥା ୨୦୨୦-୨୧ରେ -୭.୩% ହ୍ରାସ ପାଇଛି। ଅଭିବୃଦ୍ଧି ୨୦୧୯-୨୦ରେ ୪% ରହିଥିଲା।

### ଫାବ୍ ଇଣ୍ଡିଆ, ଏସ୍‌ବିଆଇ କାର୍ଡ ଶୁଭାରମ୍ଭ

**ନୂଆଦିଲ୍ଲୀ,୨୪।୬:** ଏସ୍‌ବିଆଇ କାର୍ଡ ଏବଂ ଫାବ୍ ଇଣ୍ଡିଆ ପକ୍ଷରୁ ସ୍ୱତନ୍ତ୍ର ବ୍ରାଣ୍ଡିଂ କରାଯାଇଥିବା ସଂସର୍ଗ ବିହୀନ କ୍ରେଡିଟ୍ କାର୍ଡ-ଫାବ୍ ଇଣ୍ଡିଆ ଏସ୍‌ବିଆଇ କାର୍ଡ ପ୍ରଚଳନ ପାଇଁ ପରସ୍ପର ସହିତ ହାତ ମିଳାଇଛନ୍ତି। ଏହାର ପ୍ରିମିୟମ ଗ୍ରାହକମାନଙ୍କୁ ଏକ ସନ୍ତୋଷଜନକ କିଣାକିଣି ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟରେ ଅତ୍ୟନ୍ତ ଯତ୍ନର ସହିତ ବିବିଧ ଫାଇଦା ଓ ସୁବିଧା ସୁଯୋଗକୁ ନେଇ ଏହି କାର୍ଡ ଡିଜାଇନ କରାଯାଇଛି। ଏହା ଫାବ୍ ଇଣ୍ଡିଆ ଏସ୍‌ବିଆଇ କାର୍ଡ ସିଲେକ୍ଟ ଏବଂ ଫାବ୍ ଇଣ୍ଡିଆ ଏସ୍‌ବିଆଇ କାର୍ଡ ଭଳି ଦୁଇଟି ପ୍ରକାରରେ ଆସୁଛି। ଏହି ନୂତନ ମିଳିତ ଭାବେ ବ୍ରାଣ୍ଡିଂ କରାଯାଇଥିବା ସଂସର୍ଗ ବିହୀନ କ୍ରେଡିଟ କାର୍ଡରେ ଖୁଚୁରା କିଣାକିଣି ଖର୍ଚ୍ଚ ଉପରେ ଏହି ଶ୍ରେଣୀରେ ସର୍ବୋତ୍ତମ ରିୱାର୍ଡ ପଏଣ୍ଟ ପ୍ରଦାନ କରାଯାଇଛି ଏବଂ ବିବିଧ ବର୍ଗରେ କରାଯାଉଥିବା ଖର୍ଚ୍ଚ କ୍ଷେତ୍ରରେ ମୂଲ୍ୟ ଫେରସ୍ତ ପାଇବା ବ୍ୟବସ୍ଥାର ସମ୍ମିଶ୍ରଣ କରାଯାଇଛି। ଏହା ପ୍ରିମିୟମ କାର୍ଡଧାରୀଙ୍କର ମୋଟାମୋଟି ଖର୍ଚ୍ଚ ଆବଶ୍ୟକତା ସମାଧାନ କରିପାରୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ୭୫ ହଜାର କୋଟି ନିବେଶ କରିବ ରିଲାଏନ୍ସ

## ୪୪ତମ ବାର୍ଷିକ ସାଧାରଣ ବୈଠକ

- ଧୀରୁ ଭାଇ ଅମ୍ବାନୀ ଗ୍ରୀନ ଏନର୍ଜି ଗିଗା କମ୍ପ୍ଲେକ୍ସ ସ୍ଥାପନ ହେବ: ମୁକେଶ
- ୨୦୩୦ ସୁଦ୍ଧା ୧୦୦ ଗିଗାୱାଟ ଅକ୍ଷୟ ଶକ୍ତି ପ୍ରକଳ୍ପ
- ୧୦ ଲକ୍ଷ ନିଯୁକ୍ତି ଦେବ ରିଲାଏନ୍ସ ରିଟେଲ
- ରିଲାଏନ୍ସ ବୋର୍ଡରେ ସାଉଦି ଆରାମକୋ ଅଧ୍ୟକ୍ଷ



**ମୁମ୍ବାଇ,୨୪।୬**

ଅକ୍ଷୟ ଶକ୍ତି ବିଜ୍‌ନେସ କ୍ଷେତ୍ରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍‌ଆଇଏଲ୍) ଆଗାମୀ ୩ ବର୍ଷରେ ୭୫ ହଜାର କୋଟି ଟଙ୍କା ନିବେଶ ନେଇ ଯୋଜନା ରଖିଛି। ୪୪ତମ ବାର୍ଷିକ ସାଧାରଣ ବୈଠକରେ କମ୍ପାନୀର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଯୋଜନା ମୁତାବକ, ଗୁଜରାଟର ଜାମନଗରଠାରେ ଧୀରୁଭାଇ ଅମ୍ବାନୀ ଗ୍ରୀନ୍ ଏନର୍ଜି ଗିଗା କମ୍ପ୍ଲେକ୍ସ ସ୍ଥାପନ କରାଯିବ। ୫ ହଜାର ଏକର ପରିମିତ ସ୍ଥାନରେ ବସିବାକୁ ଥିବା ଏହି ଫାସିଲିଟି ବିଶ୍ୱର ଅନ୍ୟତମ ସର୍ବବୃହତ୍ ସମନ୍ୱିତ ଅକ୍ଷୟ ଶକ୍ତି ବିନିର୍ମାଣ ସୁବିଧା ଭାବେ ପରିଚିତ ହେବ ବୋଲି ଅମ୍ବାନୀ କହିଛନ୍ତି। ଏଥିପାଇଁ କମ୍ପାନୀର ତ୍ରିସ୍ତରୀୟ ଯୋଜନା ସମ୍ପର୍କରେ ପ୍ରକାଶ କରି ସେ କହିଛନ୍ତି, ପ୍ରଥମ ଭାଗରେ ୪ଟି ଗିଗା କାରଖାନା ସ୍ଥାପନ କରାଯିବ। ଏହା ମଧ୍ୟରେ ସୋଲାର ଫୋଟୋଭୋଲଟିକ ମଡ୍ୟୁଲ, ଶକ୍ତି ସଂରକ୍ଷଣକାରୀ ବ୍ୟାଟେରି ଉତ୍ପାଦନ, ସବୁଜ ଉଦ୍‌ଜାନ ଉତ୍ପାଦନ ପାଇଁ ଇଲେକ୍ଟ୍ରୋଲାଇଜର କାରଖାନା ଏବଂ ହାଇଡ୍ରୋଜେନକୁ ଶକ୍ତିରେ ପରିବର୍ତ୍ତନ କରିବା ପାଇଁ ଫୁଏଲ ସେଲ୍ ଉତ୍ପାଦନ କରାଯିବ। ଏହିସବୁ ଯୋଜନାରେ ୬୦ ହଜାର କୋଟି ଟଙ୍କା ପୁଞ୍ଜି ନିବେଶ ହେବ।

କମ୍ପାନୀର ସୋଲାର ଫଟୋଭୋଲ୍‌ଟାଇକ୍ ଗିଗା କାରଖାନା ସୌରଶକ୍ତି ଉତ୍ପାଦନ କରିବ। ରିଲାଏନ୍ସ ୨୦୩୦ ସୁଦ୍ଧା ଅନ୍ୟୁନ ୧୦୦ ଗିଗାୱାଟ ଅକ୍ଷୟ ଶକ୍ତି ପ୍ରକଳ୍ପ ସ୍ଥାପନ ଏବଂ ଏହାର କାର୍ଯ୍ୟକ୍ଷମ କରାଇବାକୁ ଲକ୍ଷ୍ୟ ରଖିଛି। ସେହିଭଳି ସୌରଶକ୍ତି ଗଚ୍ଛିତ କରି ରଖିବା ପାଇଁ ଗ୍ରୀଡ୍ ବ୍ୟାଟେରି ଉତ୍ପାଦନ ଲାଗି ବୃହତ୍ ପ୍ରକଳ୍ପ ସ୍ଥାପନ ହେବ। କମ୍ପାନୀ ଦେଶ ମଧ୍ୟରେ ମୂଲ୍ୟ ଶୃଙ୍ଖଳ, ସହଭାଗିତା ଏବଂ ଭବିଷ୍ୟତର ପ୍ରଯୁକ୍ତି ପରିବ୍ୟବସ୍ଥା କ୍ଷେତ୍ରରେ ଅତିରିକ୍ତ ୧୫ ହଜାର କୋଟି ଟଙ୍କା ନିବେଶ କରିବ ବୋଲି ଅମ୍ବାନୀ ସ୍ପଷ୍ଟ କରିଛନ୍ତି। ଏହା ଉଭୟ ଅପ୍ ଷ୍ଟ୍ରିମ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପରେ ନିବେଶ ହେବ।

ସେ ପୁଣି କହିଛନ୍ତି, ଜିଓର ମେଡ୍ ଇନ୍ ଇଣ୍ଡିଆ ୫ଜି ସମାଧାନ ସାରା ବିଶ୍ୱରେ ପ୍ରତିଦ୍ୱନ୍ଦ୍ୱୀ ହେବ। ରିଲାଏନ୍ସ ରିଟେଲ ଆଗାମୀ ୩ରୁ ୫ ବର୍ଷରେ ୩ ଗୁଣ ବଢ଼ିବା ସହ ୧୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାକୁ ସକ୍ଷମ ହେବ। ୫ଜି ଟେକ୍ନୋଲୋଜି ପାଇଁ ଗୁଗଲ କ୍ଲାଉଡକୁ ବ୍ୟବହାର କରାଯିବ। ଏହାବାଦ ସାଉଦି ଆରାମକୋର ଅଧ୍ୟକ୍ଷ ୟାସିର ଓଥମାନ ଅଲ୍ ରୁମାୟନ ରିଲାଏନ୍ସ ବୋର୍ଡରେ ଶୀଘ୍ର ସାମିଲ ହେବେ। ସାଉଦି ଆରାମକୋ ସହ ହେବାକୁ ଥିବା ଚୁକ୍ତି ଚଳିତ ବର୍ଷ ଚୂଡ଼ାନ୍ତ କରାଯିବ। ଜିଓ ପ୍ଲାଟ୍‌ଫର୍ମ ଏବଂ ରିଲାଏନ୍ସ ରିଟେଲର ଇକ୍ୱିଟି ସେଲ୍, ରାଇଟ୍ସ ଇସ୍ୟୁ ଏବଂ ଆସେଟ ମନେଟାଇଜେଶନ ଦ୍ୱାରା ରିଲାଏନ୍ସ ୩.୨୪ ଲକ୍ଷ କୋଟିର ପୁଞ୍ଜି ସଂଗ୍ରହ କରିଥିବା ସେ ସ୍ପଷ୍ଟ କରିଛନ୍ତି।

### ନୂଆ ଜିଓଫୋନ୍ ନେକ୍ସଟ



ରିଲାଏନ୍ସଜିଓ ଓ ଗୁଗଲର ସହଭାଗିତାରେ ନୂଆ ସ୍ମାର୍ଟଫୋନ ଜିଓ ଫୋନ ନେକ୍ସଟ ପ୍ରସ୍ତୁତ ହୋଇଛି। ଏହା ଚଳିତ ବର୍ଷ ସେପ୍ଟେମ୍ବର ୧୦ରୁ ବଜାରରେ ଉପଲବ୍ଧ ହେବ। ଏହା ସାରା ବିଶ୍ୱରେ ସବୁଠାରୁ ସୁଲଭ ସ୍ମାର୍ଟଫୋନ ହେବ। ଏହା ସାଧାରଣ ଲୋକଙ୍କ ପକେଟକୁ ସୁହାଇଲା ଭଳି ପ୍ରସ୍ତୁତ ହୋଇଥିବା ଅମ୍ବାନୀ କହିଛନ୍ତି। ଏହି ସ୍ମାର୍ଟଫୋନ୍‌ରେ ଜିଓ ଓ ଗୁଗଲର ବିଭିନ୍ନ ବୈଶିଷ୍ଟ୍ୟ ଓ ଆପ୍‌ଗୁଡ଼ିକ ରହିବ। ଆଣ୍ଡ୍ରଏଡ ଭିତ୍ତିକ ଏହି ଫୋନର ଅପରେଟିଂ ସିଷ୍ଟମକୁ ଗୁଗଲ ଓ ଜିଓ ମିଳିତ ଭାବେ ପ୍ରସ୍ତୁତ କରିଛନ୍ତି। ଭାରତ ବଜାରକୁ ନଜରରେ ରଖି ପ୍ରସ୍ତୁତ ହୋଇଥିବା ସ୍ମାର୍ଟଫୋନ ଉପଭୋକ୍ତାଙ୍କ ଲାଗି ନୂଆ ସମ୍ଭାବନା ସୃଷ୍ଟି କରିବ ବୋଲି ଗୁଗଲ ସିଇଓ ସୁନ୍ଦର ପିଚାଇ କହିଛନ୍ତି। ହାଇସ୍ପିଡ୍ ଭଲ ଅପରେଟିଂ ସିଷ୍ଟମ ଏବଂ ସୁଲଭତା ଯୋଗୁ ଏହା ଭାରତୀୟ ଗ୍ରାହକଙ୍କ ଦ୍ୱାରା ବେଶ୍ ଆଦୃତ ହେବ ବୋଲି କମ୍ପାନୀ ଆଶାବାଦୀ ରହିଛି।

# ନୂଆ ରୂପରେ ଟାଟା ମ୍ୟାଜିକ ଏକ୍ସପ୍ରେସ୍

**ଭୁବନେଶ୍ୱର,୨୪।୬**



ସାରା ଦେଶ ଓ ରାଜ୍ୟରେ ସଡ଼କ ଦୁର୍ଘଟଣାଠାରୁ ଆରମ୍ଭ କରି ଅନ୍ୟାନ୍ୟ ମେଡିକାଲ ସେବା ପାଇଁ ଏକ ଉନ୍ନତମାନର ଓ ସାଇଜର ଆମ୍ବୁଲାନ୍ସ ଯାନର ଆବଶ୍ୟକତା ରହିଛି। ଏହା ପୂରଣ କରିବା ପାଇଁ ଟାଟା ମୋଟର୍ସ ସହଯୋଗରେ କନ୍‌ସୋର୍ଟିୟମ ଅଟୋମୋବାଇଲ୍ସ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଚେଷ୍ଟା କରାଯାଇଛି। କମ୍ପାନୀର ନିର୍ଦ୍ଦେଶକ ବିଶାଲ ଧାୱନଙ୍କ ସମେତ ଶୋ'ରୁମ୍‌ର ଜିଏମ୍ ଉମାକାନ୍ତ ମିଶ୍ର, ବିକ୍ରି ମୁଖ୍ୟ ରଜନୀକାନ୍ତ ରଥ ଏବଂ ସେଲ୍‌ସ ମ୍ୟାନେଜର ଦୀପକ ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ଏହି ଅତ୍ୟାଧୁନିକ ଯାନ 'ଟାଟା ମ୍ୟାଜିକ ଏକ୍ସପ୍ରେସ୍'ର ଆମ୍ବୁଲାନ୍ସ ସେବା ପ୍ରଦାନକାରୀ ଗାଡ଼ିକୁ ବଜାର ପ୍ରବେଶ କରାଯାଇଛି। ବୁଧବାର ଏହି ନୂତନ ଯାନର ଉଦ୍‌ଘାଟନ ଅବସରରେ ଏହାର ପ୍ରଥମ ଗ୍ରାହକଙ୍କୁ ନିର୍ଦ୍ଦେଶକ ଚାବି ହସ୍ତାନ୍ତର କରିଥିଲେ। ଏହି ପରିପ୍ରେକ୍ଷୀରେ ଧାୱନ କହିଥିଲେ, ଏହା ଏକ ଉନ୍ନତ ମାନର ଭ୍ରାମ୍ୟମାଣ ଡିସ୍‌ପେନ୍‌ସାରି ସଦୃଶ ଯାନ, ଯେଉଁଥିରେ ରୋଗୀମାନଙ୍କ ପରିବହନ ପାଇଁ ଅନେକ ପ୍ରକାର ସୁବିଧା ରହିଛି। ଏହାର ସର୍ବାଧିକ ବେଗ ୮୦ କି.ମି. ରହିଥିବା ବେଳେ ଏଥିରେ ଅନେକ ବୈଶିଷ୍ଟ୍ୟ ଓ ସୁବିଧା କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିଭଳି କମ୍ପାନୀ ଏହା ଉପରେ ୨ ବର୍ଷ କିମ୍ବା ୭୨ ହଜାର କି.ମି. ପର୍ଯ୍ୟନ୍ତ ୱାରେଣ୍ଟି ସୁବିଧା ଦେଉଛି । ଅପରପକ୍ଷରେ ଚଳିତ ମନ୍‌ସୁନ୍ ଅଫର ମଧ୍ୟ ଏହା ଉପରେ ଜାରି ରହିଛି। ଏହାର ଅନ୍‌ରୋଡ୍ ପ୍ରାଇସ ଉପରେ ୨୦% ପର୍ଯ୍ୟନ୍ତ ଫାଇନାନ୍ସ ସହିତ ୭୨ ମାସର ଋଣ ପରିଶୋଧ ସୁବିଧା ମଧ୍ୟ ଉପଭୋକ୍ତାଙ୍କୁ ଯୋଗାଇ ଦିଆଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ନୂତନ ଯାନଟିରେ ଆମ୍ବୁଲାନ୍ସ ଉପଯୋଗୀ ସୁବିଧା ଯଥା- ଅଟୋ ଲୋଡିଂ ଷ୍ଟ୍ରେଚର, ପାରାମେଡିକାଲ ଷ୍ଟାଫ୍ ଓ ଡାକ୍ତରଙ୍କ ବସିବା ପାଇଁ ଉପଯୁକ୍ତ ସ୍ଥାନ ସହିତ ଅକ୍ସିଜେନ ସିଲିଣ୍ଡର କ୍ୟାବିନେଟ, ଆଇଭି ବୋତଲ ଷ୍ଟାଣ୍ଡ ଏବଂ ଫାଷ୍ଟଏଡ୍ ବକ୍ସ ଭଳି ସୁବିଧା ରହିଛି। ସେହିଭଳି ଇଲେକ୍ଟ୍ରିକ ପ୍ଲଗ୍ ପଏଣ୍ଟ, ଓଭର ହେଡ୍ ଲ୍ୟାମ୍ପ, ଆଣ୍ଟି-ସ୍କିଡ୍ ଫ୍ଲୋରିଂ, କ୍ୟାବିନ ଲାଇଟ ଓ ପୋର୍ଟେବଲ ଅକ୍ସିଜେନ ସିଲିଣ୍ଡର ରହିବା ଭଳି ସୁବିଧା ଉପଲବ୍ଧ ଓ ଏହି ସୁବିଧା ଗ୍ରାହକଙ୍କ ପାଇଁ ସୀମିତ ସମୟ ପର୍ଯ୍ୟନ୍ତ ରହିଛି। ଏହା ଗ୍ରାହକଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିବାରେ ସହାୟକ ହେବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି।

# ରିହାତିରେ ତେଲ: ଓପେକ୍‌କୁ ଭାରତର ନିବେଦନ

**ନୂଆଦିଲ୍ଲୀ,୨୪।୬**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଉଚ୍ଚରେ ରହିବା ଯୋଗୁ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ଆକାଶ ଛୁଆଁ ହୋଇଛି। ରିହାତି ଦରରେ ଅଶୋଧିତ ତେଲ ଯୋଗାଣ ଲାଗି ଭାରତ ଓପେକ୍ ଦେଶ ସମୂହକୁ ନିବେଦନ କରିଛି। ସେହିଭଳି ତେଲ ଉତ୍ପାଦନ ଉପରେ ରହିଥିବା ପ୍ରତିବନ୍ଧକକୁ ଏହି ଦେଶଗୁଡ଼ିକ କୋହଳ କରନ୍ତୁ ବୋଲି ଭାରତ କହିଛି। ଓପେକ୍ ଦେଶଗୁଡ଼ିକ ମଧ୍ୟରୁ ଭାରତ ବିଶେଷ ଭାବେ ସାଉଦି ଆରବ ଉପରେ ତେଲ ଲାଗି ନିର୍ଭର କରିଥାଏ। ପୂର୍ବରୁ ମଧ୍ୟ ଭାରତ ତେଲ ଉତ୍ପାଦନ ବଢ଼ାଇବା ଲାଗି ଓପେକ୍ ଏବଂ ଓପେକ୍ ପ୍ଲସ୍ ଦେଶଗୁଡ଼ିକୁ ନିବେଦନ କରିଥିଲା। ମାତ୍ର ଏହାକୁ ଦେଶଗୁଡ଼ିକ ଶୁଣି ନ ଥିଲେ। ଫଳରେ ଭାରତ ଅନ୍ୟ ଦେଶରୁ ତେଲ ଆମଦାନୀ କରିବା ଲାଗି ବିକଳ୍ପ ସନ୍ଧାନରେ ରହିଥିଲା। ଫଳରେ ସାଉଦି ଆରବରୁ ଭାରତର ତେଲ ଆମଦାନୀ ହ୍ରାସ ପାଇ ମେ ମାସରେ ୬୦%କୁ ଖସିଛି। ଏହା ପୂର୍ବ ମାସରେ ୭୪% ରହିଥିଲା। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓପେକ୍‌ର ସେକ୍ରେଟାରି ଜେନେରାଲ ମହମ୍ମଦ ସାନୁସି ବାର୍କିଣ୍ଡୋଙ୍କ ସହ ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ବର୍ତ୍ତମାନ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୫ ଡଲାର ଛୁଇଁଥିବାରୁ ଏହାକୁ ନେଇ ପ୍ରଧାନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୁଲଭ ମୂଲ୍ୟରେ ତେଲ ଯୋଗାଣ ହେଲେ ଏହା ଅଭିବୃଦ୍ଧିଶୀଳ ଦେଶଗୁଡ଼ିକର ସାମାଜିକ ଏବଂ ଅର୍ଥନୈତିକ ବିକାଶ ଦିଗରେ ଯୋଗଦାନ ରଖିବ ବୋଲି ପ୍ରଧାନ ଏଠାରେ ମତ ପ୍ରକାଶ କରିଛନ୍ତି।

# ୧୦୦ କୋଟିର ହାୱାଲା ର୍‍ୟାକେଟ ଠାବ

**ନୂଆଦିଲ୍ଲୀ,୨୪।୬**

ଛତିଶଗଡ଼ର ରାୟପୁରରୁ ୧୦୦ କୋଟି ଟଙ୍କା ମୂଲ୍ୟର ହାୱାଲା ର୍‍ୟାକେଟ ଠାବ ହୋଇଥିବା ଆୟକର ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ହୋଇଥିବା ଚଢ଼ାଉରୁ ଏଭଳି ଘଟଣା ସାମ୍ନାକୁ ଆସିଛି। ସୂଚନା ମୁତାବକ ୪ ସ୍ଥାନରେ ଚଢ଼ାଉ କରାଯିବା ସହ ଜଣେ ହାୱାଲା ଡିଲରଙ୍କୁ ଧରିବାରେ ବିଭାଗ ସକ୍ଷମ ହୋଇଛି। ଏହାବାଦ ଉକ୍ତ ଡିଲରଙ୍କଠାରୁ ବିଭିନ୍ନ ଡିଜିଟାଲ ଡିଭାଇସ୍ ମଧ୍ୟ ଠାବ କରାଯାଇଛି। ସେହିଭଳି ୬ ଲକ୍ଷ ଟଙ୍କାର ନଗଦ କ୍ୟାଶ୍ ମଧ୍ୟ ଜବତ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଟାଟା ଟି'ର ଜାଗୋରେ ଅଭିଯାନ

**ନୂଆଦିଲ୍ଲୀ,୨୪।୬**

ଟାଟା ଟି' ପକ୍ଷରୁ ଜାଗୋରେ ଅଭିଯାନର ସଦ୍ୟତମ ସଂସ୍କରଣ ଜାଗୋରେ, ଇସ୍ ବାର୍ ସବ୍‌କେ ଲିଏ ଜାଗୋରେ ଅଭିଯାନର ଉନ୍ମୋଚନ କରାଯାଇଛି। ମହାମାରୀ ସମୟରେ ସାଧାରଣରେ ସଚେତନତା ସୃଷ୍ଟି କରିବା ଏହାର ଲକ୍ଷ୍ୟ। ଗତ ବର୍ଷର ଅଭିଯାନ ଇସ୍ ବାର୍ ବନ୍ଦୋ କେ ଲିଏ ଜାଗୋରେ, ଇସ୍ ବାର୍ ସବ୍‌କେ ଲିଏ ଜାଗୋରେ ଅଭିଯାନକୁ ଆଗକୁ ବଢ଼ାଇ ଏଥର ଅଭିଯାନରେ ଟିକାକରଣ ଯାତ୍ରାରେ ସାହାଯ୍ୟ ଦରକାର କରୁଥିବା ଲୋକମାନଙ୍କୁ ସହାୟତା ପ୍ରଦାନ କରିବା ଲାଗି ଲୋକମାନଙ୍କୁ ଆହ୍ୱାନ ଦିଆଯାଇଛି। ଏଥିରେ ବ୍ୟକ୍ତିବିଶେଷମାନଙ୍କୁ ଆଗକୁ ଆସିଗେଇ ଆସି ଗୃହ ସହାୟକ, ଡ୍ରାଇଭର, ସିକ୍ୟୁରିଟି ଗାର୍ଡ ଓ ବଗିଚାରେ କାମ କରୁଥିବା ଲୋକମାନଙ୍କୁ ଟିକାକରଣରେ ସାହାଯ୍ୟ କରିବା ଲାଗି ଆହ୍ୱାନ ଦିଆଯାଇଛି। ଟିକାକରଣ ପ୍ଲାଟ୍‌ଫର୍ମରେ ସେମାନଙ୍କ ଲାଗି ପଞ୍ଜୀକରଣ କରାଇଦେବାଠାରୁ ଆରମ୍ଭ କରି ସେମାନଙ୍କୁ ଟିକାକରଣ କେନ୍ଦ୍ର ପର୍ଯ୍ୟନ୍ତ ନେବା କାମରେ ସାହାଯ୍ୟ କରିବା ଲାଗି ଏହି ଅଭିଯାନ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିବା କମ୍ପାନୀର ସଭାପତି-ପ୍ୟାକେଜଡ୍ ବେଭରେଜେସ୍ ପୁନୀତ ଦାସ, କହିଛନ୍ତି।

## ଫୁର୍‌ସତ୍

# ସୁଏଜରେ 'ଏଭର ଗିଭେନ'ର ୭ ଦିନ

- ମତଭେଦରୁ ଫସିଥିଲା ଜାହାଜ
- ଆଗକୁ ବଢ଼ିବା ପାଇଁ କ୍ୟାପଟେନ୍‌ଙ୍କ ଉପରେ ପଡ଼ିଥିଲା ଚାପ




**କାଇରୋ:** ଭୂମଧ୍ୟସାଗରରୁ ଲୋହିତସାଗରକୁ ଯୋଡୁଥିବା ସାମୁଦ୍ରିକ ପଥ ଇଜିପ୍ଟର ସୁଏଜ କେନାଲରେ ଗତ ମାର୍ଚ୍ଚ ୨୩ରୁ ୭ ଦିନ ଧରି ଫସି ରହିଥିଲା ବିଶାଳକାୟ ଜାହାଜ ଏଭର ଗିଭେନ। ଜାହାଜ ମାଲିକ ଏବଂ କେନାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବିବାଦ ପରେ କୋର୍ଟରେ ପହଞ୍ଚିଥିଲା ମାମଲା। ଏବେ ଉଭୟ ପକ୍ଷ ମଧ୍ୟରେ ଚୁକ୍ତି ପରେ ଗ୍ରେଟ୍ ବିଟର ହ୍ରଦରେ ଜବତ ପରେ ରଖାଯାଇଥିବା ଏଭର ଗିଭେନ ଖୁବଶୀଘ୍ର ଯାତ୍ରାକୁ ଫେରିପାରେ। ତେବେ ଇଜିପ୍ଟ କୋର୍ଟରେ ଦାଖଲ ବିଭିନ୍ନ ଦସ୍ତାବିଜ୍ ଏବଂ ପ୍ରମାଣ ପତ୍ରରୁ ଜାହାଜ ଫସିବା ପଛରେ ଅନେକ କାରଣ ସାମ୍ନାକୁ ଆସିଛି।

ଗତ ମାର୍ଚ୍ଚ ୨୩ରେ ୧୯୨ କିଲୋମିଟର ପରିବ୍ୟାପ୍ତ ସୁଏଜ କେନାଲ ଦେଇ ଜାହାଜ ଯିବା ନିମନ୍ତେ ପାଗ ଅନୁକୂଳ ନ ଥିଲା। ଘଣ୍ଟା ପ୍ରତି ୪୦ କିମି ବେଗରେ ପବନ ବହୁଥିବାବେଳେ ଆକାଶ କ୍ରମଶଃ ଏହାର ରଙ୍ଗ ବଦଳାଇ ହଳଦିଆ ପଡ଼ିଯାଇଥିଲା। ଏ ସବୁକୁ ଦେଖି ଯାତ୍ରାକୁ ନେଇ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରିଥିଲେ ବିଶାଳ ମାଲବାହୀ ଜାହାଜ 'ଏଭର ଗିଭେନ'ର କ୍ୟାପଟେନ୍ ତାମିଲନାଡୁର କ୍ରିଷ୍ଟାନ୍ କାଞ୍ଚାଭେଲ। 'ଏଭର ଗିଭେନ' ମାର୍ଚ୍ଚ ୨୩ ତାରିଖ ସକାଳୁ ୧୨ ଘଣ୍ଟିଆ ଯାତ୍ରା ଅଭିମୁଖେ ବାହାରିଥିଲା। ଜାହାଜର ଆକାର ତୁଳନାରେ ଅଣଓସାରିଆ ଏହି କେନାଲର ଚଉଡ଼ା ପ୍ରାୟ ୨ ଶହ ମିଟର ହୋଇଥିବାବେଳେ ଗଭୀରତା ମାତ୍ର ୨୪ ମିଟର। ଏଭର ଗିଭେନର ପ୍ରମୁଖ ଭାଗରୁ ପଛ ପର୍ଯ୍ୟନ୍ତ ଲମ୍ବ ୪ ଶହ ମିଟର ଏବଂ ପାଖାପାଖି ୬୦ ମିଟର ପ୍ରଶସ୍ତ ଯାହା କି, ଏମ୍ପାୟର ଷ୍ଟେଟ୍ ବିଲ୍ଡିଂର ଓସାର ସହ ସମାନ। ମାଲେସିଆରୁ ନେଦରଲାଣ୍ଡ ଅଭିମୁଖେ ଯାଉଥିବା 'ଏଭର ଗିଭେନ'ରେ ପ୍ରାୟ ୧୭,୬୦୦ କଣ୍ଟେନର ପରିବହନ ହେଉଥିଲା। ଭାରି ପରିବହନ ଯୋଗୁ ଜାହାଜଟି କେନାଲର ତଳଭାଗକୁ ସ୍ପର୍ଶ କରିବାଠାରୁ ମାତ୍ର କିଛି ଦୂରରେ ରହିଥିଲା, ଯାହା କି ଯେ କୌଣସି ମୁହୂର୍ତ୍ତରେ ସମ୍ଭାବ୍ୟ ଦୁର୍ଘଟଣାର ଆଶଙ୍କା ସୃଷ୍ଟି କରିଥିଲା।

ଇଜିପ୍ଟ କୋର୍ଟରେ ଦାଖଲ ପ୍ରମାଣ ଓ ଦସ୍ତାବିଜ୍‌ରୁ ଏହା ଜାଣିବାକୁ ମିଳିଛି ଯେ, ପାଣିପାଗକୁ ଦେଖି ଜାହାଜ କେନାଲ ମଧ୍ୟରେ ପ୍ରବେଶ କରିବ କି ନା ସେ ନେଇ କ୍ୟାପ୍‌ଟେନ୍, ପାଇଲଟ ତଥା କ୍ରିଉ ସଦସ୍ୟଙ୍କ ମଧ୍ୟରେ ମତଭେଦ ଦେଖାଦେଇଥିଲା। ଅତିକମ୍‌ରେ ୪ ସ୍ଥାନୀୟ ବନ୍ଦର ଏଥିଯୋଗୁ ବନ୍ଦ ହୋଇଯାଇଥିଲା। କାତାରରୁ ପ୍ରାକୃତିକ ଗ୍ୟାସ ଧରି ଯାଉଥିବା ଏକ ଜାହାଜ ମଧ୍ୟ ଏଭଳି ପ୍ରତିକୂଳ ପାଗରେ କେନାଲ ମଧ୍ୟରେ ପଶିବାକୁ ସୁରକ୍ଷିତ ମଣି ନ ଥିଲା। ବିମାନ ଭଳି ଆଧୁନିକ ଜାହାଜଗୁଡ଼ିକରେ ଭଏଜ୍ ଡାଟା ରେକର୍ଡର(ଭିଡିଆର୍), ବ୍ଲାକ୍ ବକ୍ସ ରହି କଥାବାର୍ତ୍ତା ରେକର୍ଡ କରିବାର ସୁବିଧା ରହିଥାଏ। ତେବେ ଏଭର ଗିଭେନ ଫସିବା ପରେ ଇଜିପ୍ଟ ସରକାରଙ୍କ ପକ୍ଷରୁ ସେହି ରେକର୍ଡକୁ ସାର୍ବଜନୀନ କରାଯାଇନାହିଁ। ତେଣୁ ପାଇଲଟ ଓ କ୍ରିଉ ମେମ୍ବରଙ୍କ ମଧ୍ୟରେ କ'ଣ କଥା ହୋଇଥିଲା ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ।

ଜାହାଜ ଯାତ୍ରା ଅଟକିଥିଲେ କମର୍ସିଆଲ ଚାପର ସମ୍ମୁଖୀନ ହେବା ଯେ ଥୟ ତାହା ଭଲ ଭାବେ ଜାଣିଥିଲେ କ୍ୟାପ୍‌ଟେନ୍ କାଞ୍ଚାଭେଲ। ଏଭର ଗିଭେନରେ ପ୍ରାୟ ୧ ବିଲିୟନ ଡଲାର ମୂଲ୍ୟର ମାଲ୍ ପରିବହନ ହେଉଥିଲା, ୟୁରୋପରେ ଶୀଘ୍ର ଉକ୍ତ କଣ୍ଟେନରଗୁଡ଼ିକ ପହଞ୍ଚୁ ବୋଲି ଜାହାଜ ମାଲିକଙ୍କ ସମେତ ଅନେକ କର୍ପୋରେଟ୍ ସଂସ୍ଥାଗୁଡ଼ିକ ଇଚ୍ଛା କରୁଥିଲେ। ବିଳମ୍ବ ହେଲେ ଏଥିପାଇଁ ହଜାର ହଜାର ଡଲାର ମୂଲ୍ୟ ଦେବାକୁ ପଡ଼ିବା ଡର ମଧ୍ୟ ରହିଥିଲା। ଦୂରରୁ ଅନ୍ୟ ଜାହାଜର ସ୍ଥିତି ଦେଖି ଏଭର ଗିଭେନ କ୍ୟାପଟେନ ଏହାର ଯାତ୍ରା ବନ୍ଦ କରିପାରିଥାନ୍ତେ। କିନ୍ତୁ ଏଜେନ୍ସି ପକ୍ଷରୁ କ୍ଲିଅରାନ୍ସ ମିଳିବା ପରେ ଏବଂ ସମସ୍ତେ ଯିବା ନିମନ୍ତେ ବେଶ୍ ଆଗ୍ରହୀ ଥିବାରୁ କାଞ୍ଚାଭେଲ ଆଗକୁ ବଢ଼ିଥିଲେ। ସୁଏଜ ପାଇଲଟଙ୍କୁ ସୁଏଜ କେନାଲ ଅଥରିଟି(ଏସ୍‌ସିଏ) ପକ୍ଷରୁ ନିଯୁକ୍ତ କରାଯାଇଥାଏ। କ୍ୟାପଟେନ୍ ଏବଂ ହେଲ୍‌ମସ୍‌ମ୍ୟାନଙ୍କୁ ସୁରକ୍ଷିତ ଜାହାଜ ଯାତ୍ରା ଦିଗରେ ସୂଚନା ଦେବା ସେମାନଙ୍କ କାମ। ପବନରେ ଯାତ୍ରା ବାଧାପ୍ରାପ୍ତ ହେବା ପରେ ନେତୃତ୍ୱ ନେଇଥିବା ଏସ୍‌ସିଏର ପାଇଲଟ୍ ଭାରତୀୟ ହେଲମ୍‌ସମ୍ୟାନଙ୍କୁ ଉଚ୍ଚ ସ୍ୱରରେ ତାଗିଦ୍ କରିଥିଲେ ଏବଂ ଜାହାଜକୁ ଡାହାଣ ବାମ ଆଡ଼କୁ ନେବାକୁ ନିର୍ଦ୍ଦେଶ ଦେବାରେ ଲାଗିଥିଲେ। ଏହାକୁ ବିରୋଧ କରିବାରୁ ଦ୍ୱିତୀୟ ପାଇଲଟଙ୍କ ସହ ଯୁକ୍ତିତର୍କ ମଧ୍ୟ ହୋଇଥିଲା। ପରେ ମୁଖ୍ୟ ପାଇଲଟ ଜାହାଜର ଗତି ୧୫ ମାଇଲ ପ୍ରତି ଘଣ୍ଟାକୁ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ଦ୍ୱିତୀୟ ପାଇଲଟ ବିରୋଧ କରିଥିଲେ। କାଞ୍ଚାଭେଲ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିବାବେଳେ ମୁଖ୍ୟ ପାଇଲଟ୍ ତାଙ୍କୁ ଜାହାଜ ଛାଡ଼ିବାକୁ ଧମକ ଦେଇଥିଲେ ବୋଲି କୋର୍ଟରେ ରଖାଯାଇଥିବା ପ୍ରମାଣରୁ ଜଣାପଡ଼ିଛି। ଧୀରେ ଧୀରେ ସ୍ଥିତି ବିଗିଡ଼ିବାରେ ଲାଗିଥିଲା ଏବଂ ଜାହାଜଟି ସୁଏଜ କେନାଲରେ ଫସିଯାଇଥିଲା। ଜାହାଜ ଫସିବା ପଛର କାରଣ ଜାଣିବାକୁ ଇଜିପ୍ଟ କୋର୍ଟରେ ମାମଲା ଚାଲିଥିଲା। ସୁଏଜ କେନାଲ କର୍ତ୍ତୃପକ୍ଷ ଏହି ଜାପାନୀ ଜାହାଜର ମାଲିକ ଶୋଏ କିସେନ କାଇଶାଙ୍କଠାରେ ୯୦୦ ମିଲିୟନ ଡଲାର କ୍ଷତିପୂରଣ ଦାବି କରିଥିଲା। ଇଜିପ୍ଟ କୋର୍ଟ ଏହା ପରେ ଜାହାଜ ଏବଂ ଏହାର ସମସ୍ତ କଣ୍ଟେନରକୁ ଜବତ କରିଥିଲେ। ଏବେ ଜାହାଜର ମାଲିକ ଏବଂ କେନାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଛି। ଜାହାଜଟି ବର୍ତ୍ତମାନ ଗ୍ରେଟ ବିଟର ହ୍ରଦରେ ରହିଥିବାବେଳେ କ୍ୟାପ୍‌ଟେନ କାଞ୍ଚାଭେଲ ଏବଂ ତାଙ୍କ କ୍ରିଉ ସଦସ୍ୟ ମଧ୍ୟ ୩ ମାସ ହେଲା ସେଠାରେ ରହିଛନ୍ତି। ସେମାନଙ୍କୁ ଦରମା ଦିଆଯାଉଥିବା ସୂଚନା ରହିଛି। ୯ ଜଣ ସଦସ୍ୟଙ୍କୁ ଭାରତ ଫେରିବାକୁ ଅନୁମତି ମିଳିଥିବା ଜଣାପଡ଼ିଛି।




ଜନ୍ମଦିନ ଶୁଭେଚ୍ଛା

ଅଂଶିକା ଦାଶ
ବରଗଡ

ତୋର ଚଲାପଥ କୁସୁମିତ ହେଉ। ଆଜି ଚତୁର୍ଥ ଜନ୍ମବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ।

-:ଶୁଭେଚ୍ଛା ସହ:- ମାଆ, ବାପା, ଭାଇ, ଭଉଣୀ ଏବଂ ବନ୍ଧୁ ପରିଜନ ।

ଧ-୨୦୯୪୩




ଶିଲ୍ପା ଶେଟ୍ଟୀ

# ଫିଟ୍‌ନେସ୍‌ରେ ସାଲିସ ନାହିଁ

**ମୁମ୍ବାଇ:** ବଲିଉଡ୍‌ର ଭର୍ସାଟାଇଲ୍ ହିରୋଇନ ଶିଲ୍ପା ଶେଟ୍ଟୀ କୁନ୍ଦ୍ରା ସୋସିଆଲ ମିଡିଆରେ ବେଶ୍ ସକ୍ରିୟ। ରିଆଲିଟି ଶୋ' ହେଉ କି ଯୋଗ ଅଥବା ରୋଷେଇ, ସବୁଥିରେ ପ୍ରଶଂସକଙ୍କ ସହିତ ନିଜର ଭାବନା ଶେୟାର କରିଥାଆନ୍ତି ଏହି ୪୬ ବର୍ଷୀୟା ଅଭିନେତ୍ରୀ। ଏହାକୁ ବାଦ୍‌ଦେଲେ ସବୁବେଳେ ଫିଟ୍‌ନେସ୍‌କୁ ନେଇ ମଧ୍ୟ ଚର୍ଚ୍ଚା ସାଉଁଟିଥାଆନ୍ତି ଶିଲ୍ପା। ଏହି ଫିଟ୍‌ନେସ୍ ଲାଗି ସେ ୧୦ କୋଟି ଟଙ୍କାର ଏକ ବିଜ୍ଞାପନକୁ ସିଧାସଳଖ ମନା କରିଦେଇଛନ୍ତି। ନିକଟରେ ପୁରୁଣା ଦିନର ଏହି ଘଟଣା ଉପରେ ଟିପ୍ପଣୀ ରଖିଛନ୍ତି ସେ। ୨୦୧୯ରେ ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡ ଶିଳ୍ପାଙ୍କୁ ସ୍ଲିମିଂ ବଟିକା ବିଜ୍ଞାପନ ଲାଗି ୧୦ କୋଟି ଟଙ୍କାର ଅଫର ଦେଇଥିଲା। କିନ୍ତୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଫିଟ୍‌ନେସ୍ ପାଇଁ ଭୁଲ୍ ସାମଗ୍ରୀର ପ୍ରମୋଶନ କରିବେ ନାହିଁ କି କୌଣସି ସାଲିସ୍ କରିବେ ନାହିଁ ବୋଲି ସେ ରୋକ୍‌ଠୋକ୍ ଶୁଣାଇଥିଲେ।

ସୂଚନାଯୋଗ୍ୟ, ୧୯୯୩ରେ ପରଦାକୁ ଆସିଥିଲା ଶାହରୁଖ ଖାନ୍ ଏବଂ କାଜଲ ଅଭିନୀତ ବ୍ଲକବଷ୍ଟର ସିନେମା ବାଜିଗର। ଏହି ସିନେମାରେ ପାର୍ଶ୍ୱ ଅଭିନେତ୍ରୀ ଭାବେ ଚଳଚ୍ଚିତ୍ର ଜଗତରେ ପାଦ ରଖିଥିଲେ ଶିଲ୍ପା। ଏହାପରେ ସେ ଆଉ ପଛକୁ ଚାହିଁନାହାନ୍ତି। ଏବେ ଛୋଟ ପରଦାର ଡ୍ୟାନ୍ସ ରିଆଲିଟି ଶୋ'ରେ ତାଙ୍କୁ ଜଜ୍ ଭାବେ ଦେଖିବାକୁ ମିଳୁଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଆଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଲୀ
9520764524

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରେକର୍ଡଧାରୀ ଜୋକୋଭିଚ୍

**ଫ୍ରେଞ୍ଚ୍ ଓପନ ବିଜୟ ବିଶ୍ୱର ୧ ନମ୍ବର ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍‌ଙ୍କ ପାଇଁ ବିଶେଷ ମହତ୍ତ୍ୱ ରଖୁଛି। ୫ ସେଟ୍ ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ ସେ ଗ୍ରୀକ୍‌ର ଷ୍ଟିଫାନୋସ ସିତ୍‌ସିପାସ୍‌ଙ୍କୁ ପରାସ୍ତ କରି ଦ୍ୱିତୀୟଥର ପାଇଁ ଫ୍ରେଞ୍ଚ୍ ଓପନ୍ ଓ ମୋଟ ଉପରେ ୧୯ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ଏଥିସହ ଓପନ୍ ଏରାରେ ସେ ପ୍ରଥମ ଖେଳାଳିଭାବେ ସବୁ ୪ଟି ଯାକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଅତିକମରେ୍ ଦୁଇଥର ଚାମ୍ପିୟନ ହୋଇ ବିରଳ ସଫଳତା ଅର୍ଜନ କରିଛନ୍ତି....**


ନିର୍ମଳ କୁମାର ମିଶ୍ର



ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟେନିସ ଟୁର୍ନାମେଣ୍ଟ ବିବେଚିତ ହୋଇଆସୁଛି। ଏହାର ୧୨୫ତମ ସଂସ୍କରଣ ପ୍ୟାରିସର ରୋଲାଣ୍ଡ ଗାରୋସ୍ ଷ୍ଟାଡିୟମରେ କିଛିଦିନ ତଳେ ଅନୁଷ୍ଠିତ ହୋଇଯାଇଛି। କ୍ଲେ କୋର୍ଟରେ ଖେଳାଯାଉଥିବା ବିଶ୍ୱର ଏହି ସମ୍ମାନଜନକ ଟେନିସ୍ ଟୁର୍ନାମେଣ୍ଟ ମେ’ ୩୦ରୁ ଆରମ୍ଭ ହୋଇ ଜୁନ୍ ୧୩ରେ ଶେଷ ହୋଇଛି। ଏହାର ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଚେକ୍ ରିପବ୍ଲିକ୍‌ର ଅଣସିଡେଡ୍ ବାର୍ବରା କ୍ରେଜିକୋଭା ରୁଷିଆର ଆନାସ୍ତାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ ହରାଇ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିଥିବା ବେଳେ ସର୍ବିଆର ନୋଭାକ ଜୋକୋଭିଚ୍ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଛନ୍ତି। ୪ଘଣ୍ଟା ୧୧ମିନିଟର ଏକ ରୋମାଞ୍ଚକର ଏବଂ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଜୋକୋଭିଚ ଗ୍ରୀସର ଷ୍ଟିଫାନୋସ ସିତ୍‌ସିପାସ୍‌ଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ସିତ୍‌ସିପାସ୍‌ଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ସ୍ୱପ୍ନ ଅସମ୍ପୂର୍ଣ୍ଣ ରହିଛି। ସୂଚନାଯୋଗ୍ୟ ଯେ, ସିତ୍‌ସିପାସ୍ ୨୦୧୯ ଏବଂ ୨୦୨୧ରେ ଅଷ୍ଟ୍ରେଲିଆନ ଓପନ୍ ଗ୍ରାଣ୍ଡସ୍ଲାମରେ ସେମିଫାଇନାଲରେ ପ୍ରବେଶ କରିଥିଲେମଧ୍ୟଆଗକୁବଢ଼ିପାରିନଥିଲେ।

ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ ର୍‍ୟାଙ୍କିଙ୍ଗ୍‌ରେ ବର୍ତ୍ତମାନ ଜୋକୋଭିଚ୍ ନମ୍ବର ୱାନ ସ୍ଥାନରେ ଅଛନ୍ତି। ଏହା ତାଙ୍କର ଦ୍ୱିତୀୟ ଫ୍ରେଞ୍ଚ ଓପନ ଟାଇଟଲ। ସେ ୨୦୧୬ ପରେ ୨୦୨୧ରେ ଚାମ୍ପିୟନ ହେବା ସହିତ ଗ୍ରାଣ୍ଡସ୍ଲାମ କ୍ୟାରିୟରରେ ୧୯ତମ ଟାଇଟଲ ହାସଲ କରିଛନ୍ତି। ୩୪ବର୍ଷୀୟ ଏହି ସର୍ବିଆ ଖେଳାଳି ଆଉ ଗୋଟିଏ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହେଲେ କ୍ୟାରିୟରର ୨୦ତମ ଟାଇଟଲ ଜିତିବା ସହିତ ସୁଇଜରଲାଣ୍ଡର ରୋଜର ଫେଡରର ଏବଂ ସ୍ପେନର ରାଫାଲ ନାଡାଲଙ୍କ ସମକକ୍ଷ ହେବେ। ଏମାନେ କ୍ୟାରିୟରରେ ୨୦ଟି ଲେଖାଏ ଗ୍ରାଣ୍ଡସ୍ଲାମ ଜିତି ଟେନିସ୍‌ର ଓପନ ଏରାରେ ଶ୍ରେଷ୍ଠ ଖେଳାଳିର ମାନ୍ୟତା ପାଉଛନ୍ତି। ଜୋକୋଭିଚ୍ ନିଜର ଟେନିସ୍ କ୍ୟାରିୟରରେ ୯ ଥର ଅଷ୍ଟ୍ରେଲିଆନ୍ ଓପନ୍, ୫ ଥର ୱିମ୍ବେଲଡନ ଓପନ, ୩ଥର ୟୁଏସ୍ ଓପନ ଜିତିବା ପରେ ୨ଥର ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଜିତି ରେକର୍ଡ ବୁକ୍‌ରେ ନିଜର ନାମକୁ ସାମିଲ କରିଛନ୍ତି। ଅଷ୍ଟ୍ରେଲିଆନ୍ ଟେନିସ୍ ଖେଳାଳି ରଡ୍ ଲାଭର ୧୯୬୯ରେ ସମସ୍ତ ଗ୍ରାଣ୍ଡସ୍ଲାମ ୨ଥରରୁ ଅଧିକ ଜିତିଥିବା ବେଳେ ଜୋକୋଭିଚ୍ ଓପନ ଏରା ଟେନିସ୍‌ର ୩ୟ ଖେଳାଳି ରୂପେ ଏହି ମାନ୍ୟତା ହାସଲ କରିଛନ୍ତି। ଦୀର୍ଘ ୫୨ ବର୍ଷ ପରେ ସେ ଏହି ସଫଳତା ପାଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା କ୍ଲେ କୋର୍ଟର ରାଜାଭାବେ ପରିଚିତ ରାଫାଲ ନାଡାଲଙ୍କୁ ମଧ୍ୟ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପରାସ୍ତ କରି ଟେନିସ୍ ପ୍ରେମୀମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ।

ଜୋକୋଭିଚ୍ ୨୦୦୮ରୁ ଅଷ୍ଟ୍ରେଲିଆନ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍‌ରୁ ନିଜ ଅଭିଯାନ ଆରମ୍ଭ କରି ଚାମ୍ପିୟନ ହୋଇଥିବା ବେଳେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଜିତିବା ପାଇଁ ପାଞ୍ଚବର୍ଷ ଅପେକ୍ଷା କରିବାକୁ ପଡିଥିଲା। ପୁନର୍ବାର ୨୦୧୨ ଏବଂ ୨୦୧୩ରେ ପ୍ରତ୍ୟାବର୍ତ୍ତନ କରି ଟାଇଟଲ୍ ଜିତିବା ସହିତ ପ୍ରତ୍ୟେକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ରୋଜର ଫେଡରର ଏବଂ ରାଫାଲ୍ ନାଡାଲଙ୍କୁ ଅନେକ ଥର କଡା ଟକ୍କର ଦେବାକୁ ସକ୍ଷମ ହୋଇଛନ୍ତି। ଯଦିଓ ରୋଜର ଫେଡରରଙ୍କ ସହିତ ଖେଳିଥିବା ମ୍ୟାଚଗୁଡିକରେ ୩୦–୨୮ ଏବଂ ରାଫାଲ ନାଡାଲଙ୍କ ସହିତ ୨୭–୨୩ ମ୍ୟାଚରେ ପଛୁଆ ଅଛନ୍ତି ତଥାପି ହାର୍ଡକୋର୍ଟ ଏବଂ ଗ୍ରାସ୍ କୋର୍ଟରେ ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟକ୍କର ଦେବାରେ ସେ ସିଦ୍ଧହସ୍ତ। ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରଥମ ଦୁଇ ସେଟ୍‌ରେ ପରାସ୍ତ ହେବା ପରେ ତାଙ୍କର ଚମତ୍କାର ପ୍ରତ୍ୟାବର୍ତ୍ତନ ସିତ୍‌ସିପାସ୍‌ଙ୍କୁ ଚକିତ କରିଥିଲା। କ୍ୟାରିୟରରେ ପରସ୍ପର ୫ଥର ଭେଟିଥିବା ବେଳେ ସିତ୍‌ସିପାସ୍ ପ୍ରତ୍ୟେକ ଥର ଜୋକୋଭିଚ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। କୋଭିଡ୍–୧୯ ପ୍ରଭାବଜନିତ ଫ୍ରାନ୍ସର ବିଭିନ୍ନ ସହରରେ କର୍ଫ୍ୟୁ ଯୋଗୁ ଚଳିତ ସଂସ୍କରଣ କିଛିଟା ପ୍ରଭାବିତ ହୋଇଥିଲା। ମେ ୨୪ରୁ ମେ ୨୮ ତାରିଖ ପର୍ଯ୍ୟନ୍ତ ଖେଳାଯାଇଥିବା କ୍ୱାଲିଫାଏରରୁ ଅନେକ ସିଡେଡ୍ ଖେଳାଳି ଶେଷ ମୁହୂର୍ତ୍ତରେ ଓହରିଯିବା ଯୋଗୁ ଟୁର୍ନାମେଣ୍ଟର ଗ୍ଲାମର କିଛିମାତ୍ରାରେ କମିଥିଲା। ଅଳ୍ପ ଦର୍ଶକ ମଧ୍ୟରେ ମ୍ୟାଚ୍ ଖେଳାଯିବା ଯୋଗୁ ଟେନିସ୍‌ପ୍ରେମୀ ନିରାଶ ହୋଇଥିଲେ।

ଅଷ୍ଟ୍ରେଲିଆନ୍ ଓପନ ଗ୍ରାଣ୍ଡସ୍ଲାମ ୨୦୨୧ ଫେବୃୟାରୀ ୮ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୁଷ ବିଭାଗରେ ଜୋକୋଭିଚ୍ ଚାମ୍ପିୟନ ହୋଇଥିବା ବେଳେ ମହିଳାରେ ଜାପାନର ନାଓମି ଓସାକା ଚାମ୍ପିୟନ ହୋଇଥିଲେ। ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱେମ୍ବଲଡନ୍ ଟେନିସ୍‌ର ୧୩୪ତମ ସଂସ୍କରଣ ୨୮ ଜୁନ୍‌ରୁ ୧୧ ଜୁଲାଇ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ବେଳେ ଜୋକୋଭିଚ୍‌ଙ୍କ ନିକଟରେ କ୍ୟାରିୟରର ୨୦ତମ ଟାଇଟଲ ହାସଲ କରିବାପାଇଁ ସୁଯୋଗ ରହିଛି। ୨୦୦୩ରୁ ମାତ୍ର ୨୦ବର୍ଷ ବୟସରେ ନିଜର ପ୍ରଫେଶନାଲ ଟେନିସ୍ କ୍ୟାରିୟର ଆରମ୍ଭ କରିଥିବା ଏହି ମହାନ୍ ଖେଳାଳି ଆଗକୁ ଆହୁରି ଅନେକ ଟାଇଟଲ ହାସଲ କରିବେ ବୋଲି ଟେନିସ୍ ପ୍ରେମୀ ଆଶା ରଖିଛନ୍ତି।

**ନୋଭାକ ଜୋକୋଭିଚ୍**

ଦେଶ: ସର୍ବିୟା
ବାସସ୍ଥାନ: ମେଣ୍ଟେ କାର୍ଲୋ, ମୋନାକୋ
ଜନ୍ମ: ୨୨ ମେ ୧୯୮୭, ବେଲଗ୍ରେଡ
ବୟସ: ୩୪
ଉଚ୍ଚତା: ୬ ଫୁଟ ୨ ଇଞ୍ଚ୍
ପେସାଦାର କ୍ୟାରିୟର: ୨୦୦୩
କ୍ୟାରିୟର ଟାଇଟଲ: ୮୪(ଓପନ ଏରାରେ ପଞ୍ଚମ)
ଉଚ୍ଚତମ/ ବର୍ତ୍ତମାନ ର୍‍ୟାଙ୍କିଙ୍ଗ୍: ୧ ନମ୍ବର
**ଗ୍ରାଣ୍ଡସ୍ଲାମ ଟାଇଟଲ: ୧୯**
ଅଷ୍ଟ୍ରେଲିଆନ ଓପନ ଟାଇଟଲ: ୯
ଫ୍ରେଞ୍ଚ୍ ଓପନ: ୨
ୱିମ୍ବେଲଡନ ଓପନ: ୫
ୟୁଏସ୍ ଓପନ: ୩
**ଅଲିମ୍ପିକ୍ସ**
ବେଜିଂ– ସିଙ୍ଗଲ୍ସରେ ବ୍ରୋଞ୍ଜ୍।
**ଟିମ୍ କମ୍ପିଟିସନ**
ଡେଭିସ କପ୍: ଚାମ୍ପିୟନ (୨୦୧୦)
ହପ୍‌ମ୍ୟାନ କପ୍: ଫାଇନାଲ (୨୦୦୮, ୨୦୧୩)

# ଅଲିମ୍ପିକ ଟିକେଟ ଲକ୍ଷ୍ୟରେ ଦୂତୀ ଓ ହିମା


ଦୂତୀ ଚାନ୍ଦ



ହିମା ଦାସ

**ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍**

**ପଟିଆଲା, ୨୪।୬ (ପି.ଟି.):** ଏଠାରେ ଶୁକ୍ରବାରଠାରୁ ହେବାକୁଥିବା ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍‌ରେ ଦେଶର ବହୁ ଷ୍ଟାର ଆଥ୍ଲେଟ୍ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ଦୂତୀ ଚାନ୍ଦ ଓ ହିମା ଦାସ ଅନ୍ୟତମ। ଏଥିରେ ଅଲିମ୍ପିକ ଯୋଗ୍ୟତା ହାସଲ କରିବା ଲାଗି ଉଭୟେ ପ୍ରୟାସ କରିବେ। ବିଶ୍ୱ ଆଥ୍ଲେଟିକ୍ସର ‘ବି’ କାଟେଗୋରିର ମାନ୍ୟତା ପାଇଥିବା ଏହି ଇଭେଣ୍ଟରେ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ ହାସଲ କରିପାରିଲେ ଆପେ ଅଲିମ୍ପିକ ପାଇଁ ଯୋଗ୍ୟତା ହାସଲ କରିହେବ। ଏହାଛଡ଼ା ଗେମ୍ସ ପାଇଁ ମୂଲ୍ୟବାନ ର୍‍ୟାଙ୍କିଙ୍ଗ ପଏଣ୍ଟ ମଧ୍ୟ ଅର୍ଜନ କରିହେବ। ଏହି ପ୍ରତିଯୋଗିତା ପ୍ରକୃତରେ ବେଙ୍ଗାଲୁରୁରେ ହେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର କେତେକ ଯୁକ୍ତିଯୁକ୍ତ କାରଣରୁ ଏହାକୁ ସ୍ଥାନୀୟ ଏନ୍‌ଆଇଏସ୍ କ୍ୟାମ୍ପସକୁ ସ୍ଥାନାନ୍ତର କରାଯାଇଥିଲା। ଏଠାରେ ଦେଶର ଏଲିଟ୍ ଆଥ୍ଲେଟମାନେ ଡେରା ପକାଇଛନ୍ତି। କରୋନା ମହାମାରୀ ଯୋଗୁ ବର୍ତ୍ତମାନ କର୍ଣାଟକ ରାଜଧାନୀକୁ ଯାତ୍ରା କରିବା ସୁରକ୍ଷିତ ନୁହେଁ ବୋଲି ମନେ କରାଯାଇଥିଲା। ଅଲିମ୍ପିକ ଯୋଗ୍ୟତା ହାସଲ କରିସାରିଥିବା ଜାଭେଲିନ ଥ୍ରୋୟର ନୀରଜ ସିଂ ଏବଂ ୩୦୦୦ ମିଟର ଷ୍ଟିପଲଚେଜ୍‌ର ଅବିନାଶ ସାବ୍‌ଲେ ଇଭେଣ୍ଟରେ ଭାଗ ନେଇପାରିବେ ନାହିଁ। ନୀରଜ ବର୍ତ୍ତମାନ ୟୁରୋପ ଟୁର୍‌ରେ ଅଛନ୍ତି। ସେ ଟ୍ରେନିଂନେବା ସହ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଏଠାରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି–୪ରେ ଦୂତୀ ଅଳ୍ପକେ ଅଲିମ୍ପିକ ଯୋଗ୍ୟତା ଅଙ୍କ ୧୧.୧୫ ସେକେଣ୍ଡ ହାସଲ କରିପାରି ନ ଥିଲେ। କିନ୍ତୁ ସେ ନିଜ ଦ୍ୱାରା ପ୍ରତିଷ୍ଠା ଜାତୀୟ ରେକର୍ଡକୁ ଭଙ୍ଗ କରିବାରେ ସମର୍ଥ ହୋଇଥିଲେ। ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍‌ରେ ସେ ଉନ୍ନତ ପ୍ରଦର୍ଶନ ଅବା ବିଶ୍ୱ ର୍‍ୟାଙ୍କିଙ୍ଗ ଭିତ୍ତିରେ ଟୋକିଓ ଅଲିମ୍ପିକ୍ସ ଟିକେଟ ହାସଲ କରିବା ଲକ୍ଷ୍ୟ ରଖିଛନ୍ତି। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ଇଞ୍ଜୁରି ସମସ୍ୟାରେ ରହିଥିବା ହିମା ଇଣ୍ଡିଆନ ଗ୍ରାଁ ପ୍ରି–୪ ୨୦୦ମିଟର ରେସ୍‌ରେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ୨୦.୮୮ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ମାତ୍ର ସେ ୨୦.୮୦ ସେକେଣ୍ଡ କ୍ୱାଲିଫାଇଂ ଅଙ୍କ ହାସଲ କରିପାରି ନ ଥିଲେ। ଟୋକିଓ ଟିକେଟ ପାଇଁ ତାଙ୍କୁ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ ହାସଲ କରିବାକୁ ହେବ। କାରଣ ଅଲିମ୍ପିକ ଯୋଗ୍ୟତା ପାଇଁ ବିଶ୍ୱ ର୍‍ୟାଙ୍କିଙ୍ଗ ତାଙ୍କୁ ସହାୟକ ହୋଇ ନ ପାରେ। ହିମା ଆହୁରି ମଧ୍ୟ ଦୂତୀ, ଅର୍ଚ୍ଚନା ସୁସେନ୍ଦ୍ରନ ଓ ଏସ୍. ଧନଲକ୍ଷ୍ମୀଙ୍କୁ ନେଇ ଚାରିଜଣିଆ ୪x୧୦୦ମିଟର ରିଲେ ଦଳର ସଦସ୍ୟ ଅଛନ୍ତି। ଏହି ଦଳ ମଧ୍ୟ ଟୋକିଓ ଗେମ୍ସ ଯୋଗ୍ୟତା ହାସଲ ଲକ୍ଷ୍ୟରେ ଅଛି।

# ବ୍ରାଜିଲର ହ୍ୟାଟ୍ରିକ ବିଜୟ

**କୋପା ଆମେରିକା ଫୁଟବଲ**

ସାଓ ପାଉଲୋ,୨୪।୬

କୋପା ଆମେରିକା ଫୁଟବଲ ଟୁର୍ନାମେଣ୍ଟରେ ଆୟୋଜକ ବ୍ରାଜିଲ ବିଜୟଧାର ବଜାୟ ରଖିଛି। ବୁଧବାର ଅନୁଷ୍ଠିତ ଗ୍ରୁପ୍ ବି’ ମୁକାବିଲାରେ ବ୍ରାଜିଲ ୨–୧ ଗୋଲରେ କଲମ୍ବିଆକୁ ହରାଇଛି। ଏଥିସହ ୩ଟି ମ୍ୟାଚ୍ ଖେଳି ବ୍ରାଜିଲ କ୍ରମାଗତ ୩ଟି ବିଜୟ ହାସଲ କରି ମୋଟ ୯ ପଏଣ୍ଟ ହାସଲ ଗ୍ରୁପ୍ ବି’ ତାଲିକାର ଶୀର୍ଷରେ ରହିଛି। ବ୍ରାଜିଲ ତା’ର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ରବିବାର ଇକ୍ୱେଡର ବିପକ୍ଷରେ ଖେଳିବ। ସେହିପରି କଲମ୍ବିଆ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ଗୋଟିଏ ଡ୍ର ଓ ୨ଟିପରାଜୟ ସହ ୪ ପଏଣ୍ଟ ହାସଲ କରି ଉନ୍ନତ ଗୋଲ ବ୍ୟବଧାନ କାରଣରୁ ଦ୍ୱିତୀୟ ସ୍ଥାନରେ ରହିଛି। ରିଓ ଡି ଜାନିରୋର ଅଲିମ୍ପିକ୍ ଷ୍ଟାଡିୟମରେ ଖେଳାଯାଥିବା ଏହି ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ମ୍ୟାଚ୍‌ରେ ସ୍କୋର ହୋଇଥିବା ୩ଟି ଯାକ ଗୋଲ ଅସାଧରଣ ଥିଲା। ରେଫରିଙ୍କ ନିଷ୍ପତ୍ତି କାରଣରୁ ମ୍ୟାଚ୍ ବିବାଦୀୟ ହୋଇପଡିଥିଲା। ଦଶମ ମିନିଟ୍‌ରେ ଲୁଇସ୍ ଡିଆଜ୍ ଗୋଲ ଦେଇ କଲମ୍ବିଆକୁ ଅଗ୍ରଣୀ କରାଇଥିଲେ। ତେବେ ଏହାପରେ ୭୮ତମ ମିନିଟ୍‌ରେ ରୋବେର୍ଟୋ ଫିର୍ମିନୋ ଗୋଲ ଦେଇ ମ୍ୟାଚ୍‌କୁ ୧–୧ ସମାନ ସ୍ଥିତିକୁ ଆଣିଥିଲେ। ତେବେ ଏହି ଗୋଲରେ ରେଫରିଙ୍କ ନିଷ୍ପତ୍ତି ବିବାଦ ସୃଷ୍ଟି କରିଥିଲା। ଶେଷରେ ଇଞ୍ଜୁରି ଟାଇମର ଦଶମ ମିନିଟ୍‌ରେ ବ୍ରାଜିଲର କାସେମିରୋ ନିର୍ଣ୍ଣାୟକ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ।


ଦଳ ତରଫରୁ ଦ୍ୱିତୀୟ ଗୋଲ ସ୍କୋର କରିବା ପରେ ବ୍ରାଜିଲର କାସେମିରୋ (ଡାହାଣ)।

## ଇକ୍ୱେଡର-ପେରୁ ମ୍ୟାଚ୍ ଡ୍ର

ବୁଧବାର ଗ୍ରୁପ୍ ବି’ରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚ୍‌ରେ ଇକ୍ୱେଡର ଓ ପେରୁ ପରସ୍ପରକୁ ଭେଟିଥିଲେ। ଗୋଇଆନିଆ ସ୍ଥିତ ଅଲିମ୍ପିକୋ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା ଓ ଏହି ମ୍ୟାଚ୍ ୨–୨ ଗୋଲରେ ଅମୀମାଂସିତ ରହିଥିଲା। ମ୍ୟାଚ୍‌ର ୨୩ତମ ମିନିଟିରେ ପେରୁ ମିଡ୍‌ଫିଲ୍ଡର ରେନାଟୋ ଟାପିଆଙ୍କ ଦ୍ୱାରା ଏକ ଆତ୍ମଘାତୀ ଗୋଲ ସ୍କୋର ହୋଇଥିଲା। ଫଳରେ ଇକ୍ୱେଡର ଅଗ୍ରଣୀ ହାସଲ କରିଥିଲା। ଏହାପରେ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମର ତୃତୀୟ ମିନିଟ୍‌ରେ ଅର୍ଟୋନ ପେସିଆଡୋ ଗୋଲ ଦେଇ ଇକ୍ୱେଡରକୁ ୨–୦ରେ ଅଗ୍ରଣୀ କରାଇଥିଲେ।

ଦ୍ୱିତୀୟାର୍ଦ୍ଧରେ ପେରୁ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ଦେବା ସହ ମ୍ୟାଚ୍‌କୁ ଡ୍ର ରଖିଥିଲା।୪୯ତମ ମିନିଟିରେ ପେରୁର ଜିଆନଲୁକା ଲାପାଡୁଲା ଗୋଲ ଦେଇଥିଲେ। ଏହାର ୫ ମିନିଟ ପରେ ଆନ୍ଦ୍ରେ କାରିଲୋ ଗୋଲ ଦେଇଥିଲେ। ଫଳରେ ମ୍ୟାଚ୍ ୨–୨ ସମାନ ସ୍ଥିତିରେ ପହଞ୍ଚିଥିଲା। ଏହାପରେ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଉଭୟ ଦଳ ଗୋଲ ଦେଇପାରି ନ ଥିଲେ। ଫଳରେ ମ୍ୟାଚ୍ ଡ୍ର ରହିଥିଲା। ଉଭୟ ଦଳର ନକ୍‌ଆଉଟ ଆଶା ଏବେ ମଧ୍ୟ ଉଜ୍ଜୀବିତ ରହିଛି। ପେରୁ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ଡ୍ର ଓ ପରାଜୟ ସହ ୪ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ସେହିପରି ଇକ୍ୱେଡର ୩ଟି ମ୍ୟାଚ୍ ଖେଳି ୨ ଡ୍ର ଓ ଗୋଟିଏ ପରାଜୟ ସହ ୨ ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନରେ ରହିଛି।

# ନ୍ୟୁଜିଲାଣ୍ଡ ଟାଇଟଲ ହକ୍‌ଦାର

ଭିଭିଏସ୍ ଲକ୍ଷ୍ମଣ

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ପ୍ରାରମ୍ଭିକ ସଂସ୍କରଣରେ ନ୍ୟୁଜିଲାଣ୍ଡ ଚାମ୍ପିୟନ ହେବାର ହକ୍‌ଦାର ଥିଲା। ଆଶାନୁରୂପ ଭାବେ ଏହି ଦଳ ଫାଇନାଲ ମ୍ୟାଚ୍‌ରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିଲା। ଜଣେ ଭାରତୀୟ ଭାବେ ଟିମ୍ ଇଣ୍ଡିଆ ପାଇଁ ସାମାନ୍ୟ ଦୁଃଖିତ ଅଛି। ତେବେ କେନ ୱିଲିୟମସନଙ୍କ ଭଳି ଜଣେ ଭଦ୍ର କ୍ରିକେଟର ଆଇସିସି ଟେଷ୍ଟ ଗଦା ତଥା ମେସ୍ ଧରିବାର ଗୌରବ ଅର୍ଜନ କରିଥିବାରୁ ଖୁସି ମଧ୍ୟ ଲାଗୁଛି। ଗତବର୍ଷ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ସେ ଖେଳିଥିଲେ ଓ ସେବେଠାରୁ ତାଙ୍କ ସହିତ ମିଶିବାର ସୁଯୋଗ ପାଇଥିଲି।

୨୦୧୯ ବିଶ୍ୱକପ୍‌ରେ ନୁଜିଲାଣ୍ଡ ଫାଇନାଲ ମ୍ୟାଚ୍‌ରେ ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଥିଲା। ଏବେ ନ୍ୟୁଜିଲାଣ୍ଡ ଆଉ ଏକ ବିଶ୍ୱସ୍ତରୀୟ ସଫଳତା ହାସଲ କରିଛି। ୱିଲିୟମସନ ଫଳାଫଳ ନେଇ ସେତେଟା ଅନନ୍ଦିତ ହୋଇ ନ ଥାନ୍ତି। ଠିକ୍ ସେହିପରି ପରାଜୟରେ ସେତେଟା ଦୁଃଖିତ ହୋଇ ନ ଥାନ୍ତି। ଏହା ତାଙ୍କର ଏକ ବିଶେଷ ଗୁଣ। ୱିଲିୟମସନ ଜଣେ ଚମତ୍କାର ଅଧିନାୟକ। ତାଙ୍କ ଦଳରେ ବିଶ୍ୱସ୍ତରୀୟ ଖେଳାଳିମାନେ ମଧ୍ୟ ରହିଛନ୍ତି। ଅବସର ଘୋଷଣା କରିସାରିଥିଲେ ମଧ୍ୟ ଉଇକେଟକିପର ବ୍ୟାଟ୍ସମ୍ୟାନ ବିଜେ ୱାଟଲିଂ ଖେଳ ଜାରି ରଖିବା ଉଚିତ ବୋଲି ଭାବୁଛି।

ଦ୍ୱିତୀୟ ଇନିଂସରେ ମାମୁଲି ପ୍ରଦର୍ଶନ କରିଥିବାରୁ ଭାରତ ନିଶ୍ଚିତ ଭାବେ ନିରାଶ ହୋଇଥିବ। ପ୍ରଥମ ଇନିଂସରେ କଷ୍ଟକର ପରିସ୍ଥିତିରେ ଭାରତ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। କିନ୍ତୁ ଷଷ୍ଠ ଦିବସରେ ସୁବିଧାଜନକ ତଥା ଅନୁକୂଳ ସ୍ଥିତି ଥିବା ବେଳେ ଭାରତ ଭଲ ପ୍ରଦର୍ଶନ କରିପାରି ନ ଥିଲା। ଏପରିକି ମ୍ୟାଚ୍ ଡ୍ର ରଖିବାକୁ ମଧ୍ୟ ଭାରତ ସଫଳ ହୋଇପାରି ନ ଥିଲା। ଯେଉଁଭଳି ଭାରତ ହାରିଲା ତାହା ଗ୍ରହଣୀୟ ନୁହେଁ। ନ୍ୟୁଜିଲାଣ୍ଡ ବୋଲରମାନେ ମଧ୍ୟ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ଭାରତୀୟଙ୍କ ନିକଟରେ ମଧ୍ୟ ନ୍ୟୁଜିଲାଣ୍ଡ ବୋଲରଙ୍କ ପାଇଁ କୌଣସି ଉତ୍ତର ନ ଥିଲା।

ଅବଶ୍ୟ ନ୍ୟୁଜିଲାଣ୍ଡ ଟପ୍ ଅର୍ଡରରେ କୋତୋଟି ଦୁର୍ବଳତା ପଦାରେ ପଡିଥିଲା। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ବାକିଥିବା ବେଳେ ଭାରତୀୟ ଦଳରେ ଏକାଧିକ ସମସ୍ୟା ରହିଛି। ଏହି ସିରିଜ ଅଗଷ୍ଟ ୫ରୁ ଆରମ୍ଭ ହେବ। ଭାରତ ନିଶ୍ଚିତ କେତୋଟି କଠୋର ନିଷ୍ପତ୍ତି ନେବ ଅଧିନାୟକ କୋହଲି ସୂଚନା ଦେଇଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଦ୍ୱିତୀୟ ସଂସ୍କରଣ ଆରମ୍ଭ ହେବା ପୂର୍ବରୁ ଏହି ପରାଜୟରୁ ଭାରତ ବହୁତ କିଛି ଶିକ୍ଷା କରିଥିବ ବୋଲି ଭାବୁଛି।

(ଗେମ୍ ପ୍ଲାନ)

OFFICIAL SPONSOR
ICC WTC FINAL 2021
SEAGRAM'S ROYAL STAG
PACKAGED DRINKING WATER

# ଇଂଲଣ୍ଡ ବିଜୟୀ

**କାର୍ଡିଫ, ୨୪।୬ (ଏପି):** ସ୍ଥାନୀୟ ସୋଫିଆ ଗାର୍ଡେନଠାରେ ବୁଧବାର ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ରେ ଇଂଲଣ୍ଡ ୮ ଉଇକେଟରେ ବିଜୟ ହାସଲ କରିଛି। ଜୋସ ବଟଲରଙ୍କ ଅପରାଜିତ ୬୮ରନ ସହାୟତାରେ ଇଂଲଣ୍ଡ ୧୭ ବଲ୍ ବାକିଥାଇ ୧୩୦ରନର ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୭ ଉଇକେଟ ବିନିମୟରେ ୧୨୯ରନ କରିଥିଲା। ଆଦିଲ ରଶିଦ ଓ ସାମ୍ କୁରାନ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଭ୍ରମଣକାରୀ ଦଳର ଟପ୍ ସ୍କୋରର ଦାସୁନ ଶାନକା ୫୦ରନ କରିଥିଲେ। ଇଂଲଣ୍ଡର ବିଜୟ ଲକ୍ଷ୍ୟ ପିଛା ବେଳେ ଜାସନ ରୟ ଓ ବଟଲର ପ୍ରଥମ ଉଇକେଟରେ ୮୦ରନ ଯୋଗ କରିଥିଲେ। ୧୦ମ ଓଭରରେ ରୟ ବ୍ୟକ୍ତିଗତ ୩୬ ସ୍କୋରରେ ଦାନୁଷ୍କା ଗୁଣତିଳକାଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ରୟଙ୍କ ପରେ ତାଙ୍କ ସହିତ ବ୍ୟାଟିଂରେ ଯୋଗ ଦେଇଥିବା ହାୱିଦ ମଲାନ ମାତ୍ର ୭ ରନ କରି ଇସୁରୁ ଇଡାନାଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ବଟଲର ଓ ଜନି ବେୟାରଷ୍ଟୋ (୧୩*)ଙ୍କ ଚମତ୍କାର ବ୍ୟାଟିଂ ସହାୟତାରେ ଇଂଲଣ୍ଡ ବିଜୟ ଲକ୍ଷ୍ୟ ହାସଲ କରିଥିଲା।

# ଅଶ୍ୱିନ ସଫଳତମ ବୋଲର

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍**

ସାଉଥାମ୍ପଟନ,୨୪।୬ (ପି.ଟି.)

ଭାରତୀୟ ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଆଉ ଏକ ବଡ଼ଧରଣର ସଫଳତା ହାସଲ କରିଛନ୍ତି। ୨୦୧୯–୨୧ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ସାଇକ୍ଲରେ ସେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। ସେ ମୋଟ ଉପରେ ୭୧ଟି ଉଇକେଟ ହାସଲ କରିଛନ୍ତି।

୩୪ ବର୍ଷୀୟ ଏହି ତାମିଲନାଡୁ ଅଫ୍ ସ୍ପିନର ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ମ୍ୟାଚ୍‌ରେ ଏହି ସଫଳତା ପାଇଛନ୍ତି। ଡବ୍ଲ୍ୟୁଟିସି ସାଇକ୍ଲରେ ସେ ୧୪ଟି ଟେଷ୍ଟ ଖେଳିଛନ୍ତି। ନ୍ୟୁଜିଲାଣ୍ଡ ଓପନର ଡେଭନ କନ୍‌ୱେ ତାଙ୍କର ୭୧ତମ ଶିକାର ହୋଇଥିଲେ। ଫାଇନାଲରେ ସେ ଦୁଇଟି ଇନିଂସରେ ଦୁଇଟି ଲେଖାଏ ଉଇକେଟ ହାସଲ କରିଥିଲେ। ପ୍ରଥମ ଇନିଂସରେ ସେ ୨୮ ଓ ଦ୍ୱିତୀୟ ଇନିଂସରେ ୧୭ ରନ ବ୍ୟୟ କରିଥିଲେ। ବୁଧବାର କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଦଳ ଭାରତକୁ ଫାଇନାଲରେ ୮ ଉଇକେଟରେ ପରାସ୍ତ କରି ଡବ୍ଲ୍ୟୁଟିସି ପ୍ରଥମ ସଂସ୍କରଣରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଡବ୍ଲ୍ୟୁଟିସିରେ ସେ ୪ଥର ୫ ଉଇକେଟ ସଫଳତା ହାସଲ କରିଛନ୍ତି। ଗୋଟିଏ ଇନିଂସରେ ୧୪୫ ରନ ଦେଇ ୭ ଉଇକେଟ ହାସଲ କରିବା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଗୋଟିଏ ଶତକ ହାସଲ କରିବା ସହ ସେ ମୋଟ ଉପରେ ୩୨୪ ରନ ମଧ୍ୟ ସଂଗ୍ରହ କରିଛନ୍ତି।



ଏହି କ୍ରମରେ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ୧୪ ଟେଷ୍ଟରେ ୭୦ ଉଇକେଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଇଂଲଣ୍ଡ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ ୧୭ ଟେଷ୍ଟରୁ ୬୯ ଉଇକେଟ ହାସଲକରି ତୃତୀୟ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଟିମ ସୌଦି ଓ ଅଷ୍ଟ୍ରେଲୀୟ ସ୍ପିନର ନାଥନ ଲିୟନ ଉଭୟ ୫୬ଟି ଲେଖାଏ ଉଇକେଟ ହାସଲ କରି ଚତୁର୍ଥ ସ୍ଥାନରେ ରହିଛନ୍ତି। ଅଶ୍ୱିନ ଟେଷ୍ଟରେ ଭାରତର ଚତୁର୍ଥ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। ୨୫୦ ଓ ୩୦୦ ଉଇକେଟ ନେବାରେ ସେ ଦ୍ରୁତତମ ବୋଲର ବିବେଚିତ ହୋଇଛନ୍ତି।

ସେହିପରି ଅଷ୍ଟ୍ରେଲିଆର ମାର୍ନସ ଲାବୁସନ ସର୍ବାଧିକ ରନ ସଂଗ୍ରହ କରି (୧୩ ମ୍ୟାଚ୍‌ରୁ ୧୬୭୫ ରନ ) ବ୍ୟାଟିଂ ତାଲିକାର ଶୀର୍ଷରେ ରହିଛନ୍ତି। ଭାରତର ଅଜିଙ୍କ୍ୟ ରାହାନେ ୧୮ ମ୍ୟାଚ୍‌ରୁ ୧୧୭୪ ରନ ସଂଗ୍ରହ କରି ତାଲିକାର ପଞ୍ଚମ ସ୍ଥାନରେ ରହିଛନ୍ତି। ଇଂଲଣ୍ଡର ଜୋ ରୁଟ୍ (୨୦ ମ୍ୟାଚ୍ ୧୬୬୦ ରନ), ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍ (୧୩ ମ୍ୟାଚ୍ ୧୩୪୧ ରନ) ଓ ଇଂଲଣ୍ଡର ବେନ୍ ଷ୍ଟୋକ୍ସ (୧୭ ମ୍ୟାଚ୍ ୧୩୩୪ ରନ) ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୫/୨୦୨୧ Bhubaneswar, Friday, June 25/ 2021

# ରୋନାଲ୍ଡୋ ରେକର୍ଡ ସମକକ୍ଷ

**ବୁଦାପେଷ୍ଟ,୨୪।୬**

ୟୁରୋକପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ରାଉଣ୍ଡ ଅଫ୍ ୧୬ କାର୍ଯ୍ୟସୂଚୀ ସ୍ପଷ୍ଟ ହୋଇଛି। ଶନିବାରଠାରୁ ନକ୍‌ଆଉଟ ପର୍ଯ୍ୟାୟ ଆରମ୍ଭ ହେବ। ଗ୍ରୁପ୍ ଏଫ୍’ରେ ପର୍ତ୍ତୁଗାଲ ଓ ଫ୍ରାନ୍ସ ମଧ୍ୟରେ ବୁଧବାର ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଛି। ଡିଫେଣ୍ଡିଂ ଚାମ୍ପିୟନ ପର୍ତ୍ତୁଗାଲ ତରଫରୁ ଅଧିନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋ ପେନାଲ୍ଟି ଜରିଆରେ ଦୁଇଟି ଗୋଲ ସ୍କୋର କରିଥିଲେ। ଏଥିସହ ରୋନାଲ୍ଡୋ ନିଜ ଦେଶ ପାଇଁ ୧୦୯ଟି ଗୋଲ କରି ରେକର୍ଡଠାରୁ ପାଦେ ଦୂରରେ

## ୟୁରୋକପ୍ ଫୁଟ୍‌ବଲ
## ପର୍ତ୍ତୁଗାଲ-ଫ୍ରାନ୍ସ ମ୍ୟାଚ୍ ଡ୍ର

ରହିଛନ୍ତି। ପୂର୍ବତନ ଇରାନ ଷ୍ଟ୍ରାଇକର ଅଲି ଡାଏଇଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି ରୋନାଲ୍ଡୋ। ଏଥିସହ ପର୍ତ୍ତୁଗାଲ ଗ୍ରୁପ୍ ଏଫ୍‌ରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ଡ୍ର ଓ ପରାଜୟ ସହ ୪ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିବା ସହ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ଅନ୍ୟପଟେ ବିଶ୍ୱ ଚାମ୍ପିୟନ ଫ୍ରାନ୍ସ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ୨ଟି ଡ୍ର ସହ ୫ ପଏଣ୍ଟ ହାସଲ କରି ଗ୍ରୁପ୍ ଏଫ୍‌ର ଶୀର୍ଷରେ ରହି ନକ୍‌ଆଉଟକୁ ଉଠିଛି। ରାଉଣ୍ଡ ଅଫ୍ ୧୬ରେ ପର୍ତ୍ତୁଗାଲ ସୋମବାର ୨୮ ତାରିଖରେ ବେଲ୍‌ଜିୟମକୁ ଭେଟିବ। ସେହିପରି ଫ୍ରାନ୍ସ ମଙ୍ଗଳବାର ୨୯ ତାରିଖରେ ପ୍ରି- କ୍ୱାର୍ଟରରେ ସୁଇଜରଲାଣ୍ଡକୁ ଭେଟିବ।

ସ୍ଥାନୀୟ ଫେରେଙ୍କ ପୁକାସ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଫ୍ରାନ୍ସ ତରଫରୁ କରିମ ବେଞ୍ଜେମା ମଧ୍ୟ ରୋନାଲ୍ଡୋଙ୍କ ଭଳି ଦୁଇଟି ଗୋଲ ଦେଇଥିଲେ। ସେ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମର ଦ୍ୱିତୀୟ ମିନିଟ୍‌ରେ ପେନାଲ୍ଟି ଜରିଆରେ ଦଳ ତରଫରୁ ପ୍ରଥମ ଗୋଲ ଦେଇଥିଲେ। ସେହିପରି ୪୭ତମ ମିନିଟ୍‌ରେ ସେ ଆଉ ଏକ ଗୋଲ ଦେଇଥିଲେ। ଏହି ମ୍ୟାଚ୍‌ରେ ରୋନାଲ୍ଡୋଙ୍କ ପ୍ରଦର୍ଶନ ଐତିହାସିକ ଥିଲା ଓ ତାଙ୍କ ପ୍ରଦର୍ଶନ ବଳରେ ପର୍ତ୍ତୁଗାଲ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଫ୍ରାନ୍ସ କିନ୍ତୁ ସବୁ ଦୃଷ୍ଟିକୋଣରୁ ଉନ୍ନତ ପ୍ରଦର୍ଶନ କରିଥିଲା।



କ୍ରିଷ୍ଟିଆନୋ ରୋନାଲ୍ଡୋ

### ୟୁରୋକପ୍ ରାଉଣ୍ଡ ଅଫ୍ ୧୬ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସ୍ଥାନ | ସମୟ |
|---|---|---|---|
| ଜୁନ୍ ୨୬ | ୱେଲ୍ସ-ଡେନମାର୍କ | ଆମଷ୍ଟରଡାମ | ରାତି ୯.୩୦ |
| ଜୁନ୍ ୨୭ | ଇଟାଲୀ- ଅଷ୍ଟ୍ରିଆ | ଲଣ୍ଡନ | ରାତି ୧୨.୩୦ |
| ଜୁନ୍ ୨୭ | ନେଦରଲାଣ୍ଡ୍ସ-ଚେକ୍ ଗଣରାଜ୍ୟ | ବୁଦାପେଷ୍ଟ | ରାତି ୯.୩୦ |
| ଜୁନ୍ ୨୮ | ବେଲଜିୟମ- ପର୍ତ୍ତୁଗାଲ | ସେଭିଲେ | ରାତି୧୨.୩୦ |
| ଜୁନ୍ ୨୮ | କ୍ରୋଏସିଆ-ସ୍ପେନ୍ | କୋପେନହାଗେନ | ରାତି ୯.୩୦ |
| ଜୁନ୍ ୨୯ | ଫ୍ରାନ୍ସ- ସୁଇଜରଲାଣ୍ଡ | ବୁକାରେଷ୍ଟ | ରାତି ୧୨.୩୦ |
| ଜୁନ୍ ୨୯ | ଇଂଲଣ୍ଡ- ଜର୍ମାନୀ | ଲଣ୍ଡନ | ରାତି ୯.୩୦ |
| ଜୁନ୍ ୩୦ | ସୁଇଡେନ- ୟୁକ୍ରେନ | ଗ୍ଲାସ୍‌ଗୋ | ରାତି ୧୨.୩୦ |

## ଜର୍ମାନୀ ୨ ହଙ୍ଗେରୀ ୨

**ମ୍ୟୁନିକ୍:** ସ୍ଥାନୀୟ ଅଲିଆଞ୍ଜ ଏରିନାରେ ବୁଧବାର ଖେଳାଯାଇଥିବା ଗ୍ରୁପ୍ ଏଫ୍ ମ୍ୟାଚ୍‌ରେ ଦୁଇ ଶକ୍ତିଶାଳୀ ଦଳ ଜର୍ମାନୀ ଓ ହଙ୍ଗେରୀ ପରସ୍ପରକୁ ଭେଟିଥିଲେ। ଏହି ମୁକାବିଲା ମଧ୍ୟ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ୩ଟି ମ୍ୟାଚ୍ ଖେଳି ଜର୍ମାନୀ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ପ୍ରି- କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅନ୍ୟପଟେ ହଙ୍ଗେରୀ ୩ଟି ମ୍ୟାଚ୍ ଖେଳି ୨ ଡ୍ର ଓ ୧ ପରାଜୟ ସହ ୨ ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନରେ ରହିବା ସହ ନକ୍‌ଆଉଟକୁ ଉଠିବାରେ ବିଫଳ ହୋଇଛି। ହଙ୍ଗେରୀ ତରଫରୁ ଆଡାମ ଏସ୍‌ଜାଲାଇ ୧୧ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ୬୬ତମ ମିନିଟ୍‌ରେ କାଇ ହାଭେର୍ଜ ଜର୍ମାନୀ ପକ୍ଷରୁ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ଠିକ୍ ଦୁଇ ମିନିଟ୍ ପରେ ଆଣ୍ଡ୍ରାସ୍ ସାଫେର ଗୋଲ ଦେଇ ପୁଣି ଥରେ ହଙ୍ଗେରୀକୁ ଅଗ୍ରଣୀ କରାଇଥିଲେ। ତେବେ ଶେଷରେ ୮୪ତମ ମିନିଟ୍‌ରେ ଲିଅନ ଗୋରେଜ୍‌କା ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ୨-୨ ସମାନସ୍ତରକୁ ଆଣିଥିଲେ। ବଲ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଜର୍ମାନୀ ଯଥେଷ୍ଟ ଆଗରେ ରହିଥିଲେ ମଧ୍ୟ ବିଜୟୀ ହୋଇପାରି ନ ଥିଲା। ହଙ୍ଗେରୀର ନକ୍ ଆଉଟ ଆଶା ପୂରଣ ହୋଇପାରି ନାହିଁ।

## ସ୍ପେନ୍‌ର ବୃହତ୍ ବିଜୟ, ସୁଇଡେନ ଜିତିଲା

ସେଭିଲେ: ଗ୍ରୁପ୍ ଇ’ରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ସ୍ପେନ୍ ୫-୦ ଗୋଲରେ ସ୍ଲୋଭାକିଆକୁ ହରାଇ ଏକ ବୃହତ୍ ବିଜୟ ହାସଲ କରିଛି। ସ୍ଲୋଭାକିଆ ଖେଳାଳିମାନେ ଦୁଇଟି ଆତ୍ମଘାତୀ ଗୋଲ ସ୍କୋର କରି ସ୍ପେନ୍‌ର କାର୍ଯ୍ୟ ସହଜ କରିଥିଲେ। ସ୍ପେନ ରାଉଣ୍ଡ ଅଫ୍ ୧୬କୁ ଉଠିଛି ଓ ସୋମବାର ୨୮ ତାରିଖରେ କ୍ରୋଏସିଆକୁ ଭେଟିବ। ସ୍ଲୋଭାକିଆ ରାଉଣ୍ଡ ଅଫ୍ ୧୬କୁ ଉଠିପାରି ନାହିଁ। ବୁଧବାର ଅନୁଷ୍ଠିତ ଗ୍ରୁପ୍ ଇ’ ମ୍ୟାଚ୍‌ରେ ସୁଇଡେନ ୩-୨ ଗୋଲରେ ପୋଲାଣ୍ଡକୁ ହରାଇଛି। ସୁଇଡେନ ଏବେ ରାଉଣ୍ଡ ଅଫ୍ ୧୬ ରେ ବୁଧବାର ୩୦ ତାରିଖରେ ୟୁକ୍ରେନକୁ ଭେଟିବ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ଯୁବକ ଗିରଫ

**କଟକ ଅଫିସ,୨୪।୬:** ଗଞ୍ଜେଇ ଚାଲାଣ ଅଭିଯୋଗରେ ଅବକାରୀ ଫ୍ଲାଇଂ ସ୍କ୍ୱାଡ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଜଲିବରା ଅଞ୍ଚଳର ମହାସିନ୍ଧୁ ଦାସପାତ୍ର(୨୮)। ତାଙ୍କ ନିକଟରୁ ଗୋଟିଏ ପିକ୍ଅପ୍ ଭ୍ୟାନ ଓ ୧ କୁଇଣ୍ଟାଲ ୫ କିଲୋ ଗଞ୍ଜେଇ ଜବତ ହୋଇଛି।

ସୂଚନା ମୁତାବକ, ଗୁରୁବାର ସକାଳେ ଟାଙ୍ଗୀ ରାଜପଥ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇବା ପରେ ଫ୍ଲାଇଂ ସ୍କ୍ୱାଡ ଟିମ ରାଜପଥରେ ତନାଘନା ଚଳାଇଥିଲା। ଏହି ସମୟରେ ଟିମ୍ ଏକ ପିକ୍ଅପ୍ ଭ୍ୟାନକୁ ଅଟକାଇ ଯାଞ୍ଚ କରିବାରୁ ୫ଟି ଜରିବସ୍ତାରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ମହାସିନ୍ଧୁ ଗଜପତି ଜିଲାରୁ ଗଞ୍ଜେଇ ନେଇ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁରକୁ ଯାଉଥିଲା ବୋଲି ଜେରାବେଳେ ସ୍ୱୀକାର କରିଥିଲେ।। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଛି।

### ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧୋତ୍ସବ

**କଟକ ଅଫିସ, ୨୪।୬:** ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧୋତ୍ସବ ଜିଲା ଉତ୍କଳ ସମ୍ମିଳନୀ ପରିସରରେ ଗୁରୁବାର ଅନ୍‌ଲାଇନ୍ ମାଧ୍ୟମରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡ. ନିମାଇଁ ଚରଣ ପରିଜା ଯୋଗଦେଇ କହିଥିଲେ, ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବାରେ ନବକୃଷ୍ଣ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ଶିକ୍ଷାବିତ୍ ଗଜେନ୍ଦ୍ର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡା. ରବି ରଞ୍ଜନ ସାହୁ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁ, ରାଜକିଶୋର ମହାନ୍ତି, ମାଧବ ମିଶ୍ର, ଭୁବନାନନ୍ଦ ମହାନ୍ତି, ଗୋପାଳ ଚନ୍ଦ୍ର ମିଶ୍ର, ଅରୁଣା ସାମନ୍ତରାୟ, ନଳିନୀ ନାୟକ, ଗଗନ ଚନ୍ଦ୍ର ମେହେର, ଅଶ୍ୱିନୀ ସେଠୀ ଉପସ୍ଥିତ ଥିଲେ। ଶତ୍ରୁଘ୍ନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ପୂର୍ବତନ ସିଆର୍‌ସିଙ୍କ ବିୟୋଗରେ ଶୋକସଭା

ଚୌଦ୍ୱାର,୨୪।୬(ଡି.ଏନ୍.ଏ.): ପୂର୍ବତନ ସିଆର୍‌ସିସି ପ୍ରଫୁଲ୍ଲ ବେହେରାଙ୍କ ବିୟୋଗରେ ଏକ ଶୋକସଭା ଗୁରୁବାର ଆଗ୍ରାହାଟ ଗ୍ରାମସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏଥିରେ ଯୋଗଦେଇ କହିଥିଲେ, ବେହେରା ଜଣେ ଉଚ୍ଚକୋଟୀର ଶିକ୍ଷାବିତ୍, ଛାତ୍ର ବତ୍ସଳ ଓ ସେବା ପରାୟଣ ବ୍ୟକ୍ତି ଥିଲେ। ସହଦେବ ବରାଳ, ସରପଞ୍ଚ ନରହରି ଦେହୁରୀ, ପ୍ରଦୀପ୍ତ ବେହେରା, ପ୍ରିୟବ୍ରତ ସ୍ୱାଇଁ, ଜୟନ୍ତ ବରାଳ, ବୀରେନ୍ଦ୍ର ତରାଇ, ବସନ୍ତ ନାୟକ, ଲୋକନାଥ ମାଝି ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା କ୍ଲଷ୍ଟରରେ ପ୍ରଫୁଲ୍ଲ ସିଆରସିସି ଭାବେ କାର୍ଯ୍ୟ କରିଥିଲେ।

# ଦୁର୍ଦ୍ଦିନରେ ବାଦ୍ୟଯନ୍ତ୍ର କାରିଗର ପରିବାର

**ନିଶ୍ଚିନ୍ତକୋଇଲି, ୨୪।୬**

କରୋନା ମହାମାରୀ ସମୟରେ ବାଦ୍ୟଯନ୍ତ୍ର କାରିଗରମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ସେମାନଙ୍କ ପରିବାର ସଦସ୍ୟ ଭୋକ ଉପାସରେ ଦିନ କାଟୁଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବଜାରରେ ଡୁବିତବଲା ଓ ମୃଦଙ୍ଗ ତିଆରି କାରିଗରମାନେ ଏବେ ଦୁର୍ଦ୍ଦିନରେ ଗତି କରୁଛନ୍ତି। ଏହାକୁ ତିଆରି କରି ପରିବାର ପୋଷଣ କରୁଥିବା କାରିଗରମାନେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ ଯୋଗୁ ଅସ୍ତିତ୍ୱ ହରାଇ ସାରିଲେଣି। ଆଗ ଭଳି ଆଉ ଗ୍ରାହକଙ୍କ ଭିଡ଼ ହେଉ ନ ଥିବାରୁ ଏବେ ପରିବାର ଚଳାଇବା ଚିନ୍ତା ସେମାନଙ୍କୁ ଘାରିବାରେ ଲାଗିଛି। ପୂର୍ବରୁ ଏଠାରେ ଭଲ ବ୍ୟବସାୟ ହେଉଥିଲା। ବର୍ଷ ତମାମ ଭଲ ରୋଜଗାର ହେଉଥିଲା। ଜିଲା ତଥା ଜିଲା ବାହାରୁ ବହୁ କଳାକାର ଓ ସାଂସ୍କୃତିକ ଅନୁଷ୍ଠାନମାନେ ତବଲା କିମ୍ବା ମୃଦଙ୍ଗ ପାଇଁ ଏହି ସ୍ଥାନକୁ ଆସୁଥିଲେ। ମୃଦଙ୍ଗ କାମ ପାଇଁ ଏହି ଅଞ୍ଚଳ ବେଶ୍ ସୁନାମ ଅର୍ଜନ କରିଥିଲା। କାରିଗରମାନଙ୍କୁ ତାଙ୍କ ସ୍ତ୍ରୀ ଓ ପିଲାମାନେ ସହାୟତା କରୁଥିଲେ। ହେଲେ କରୋନା କଟକଣା ଆରମ୍ଭ ହେବା ପରଠାରୁ ଦୀର୍ଘ ଦେଢ ବର୍ଷ ଧରି ସେମାନଙ୍କ ବେଉସା ବନ୍ଦ ହୋଇଯାଇଛି। ଯେତିକି ଲୋକ ବରାଦ ଦେଇଛନ୍ତି ଓ ଘରେ ମହଜୁଦ୍ ଥିବା ଆବଶ୍ୟକୀୟ ସାମଗ୍ରୀ ଅନୁସାରେ କେବଳ ମନ ବୁଝିବା ପାଇଁ ବାଦ୍ୟଯନ୍ତ୍ର ତିଆରି କରାଯାଉଛି। ମାତ୍ର ଏବେ ସାଂସ୍କୃତିକ କାର୍ଯ୍ୟକ୍ରମ ସବୁ ବନ୍ଦ ହୋଇଯାଇଥିବାରୁ ଗ୍ରାହକଙ୍କ ଦେଖା ନାହିଁ। ନିଶ୍ଚିନ୍ତକୋଇଲି ବଉଳବଜାରରେ ମଦନ ଦାସ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଡୁବି ତବଲା ଓ ମୃଦଙ୍ଗ ତିଆରି କରୁଛନ୍ତି। ଏହି କାର୍ଯ୍ୟରେ ସ୍ତ୍ରୀ ତୁଳସୀ ତାଙ୍କୁ ସହାୟତା କରୁଛନ୍ତି। ସେହିପରି ବଜାରରେ ଆଉ ୮ ରୁ ୧୦ ପରିବାର ଏକାଠି ହୋଇ ବାଦ୍ୟଯନ୍ତ୍ର ତିଆରି କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଏବେ କରୋନା ପାଇଁ ସେମାନଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏଭଳି ସ୍ଥିତିରେ ସରକାରଙ୍କ ସହାନୁଭୂତି ପାଇଁ ସେମାନେ ଆଶା ରଖିଛନ୍ତି।


ଜଣେ କାରିଗର ମୃଦଙ୍ଗ ତିଆରି କରୁଛନ୍ତି।

**ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ପରେ ପଡ଼ିଛି ଦୁର୍ଦ୍ଦଶା**

# ବାଲିରେ ପୋତିହୋଇ ହେଲ୍‌ପର ମୃତ

**କଟକ ସଦର,୨୪।୬(ଡି.ଏନ.ଏ.)**

**ହାଇୱାରୁ ବାଲି ଖାଲିବେଳେ ପଛରେ ଛିଡ଼ା ହୋଇଥିଲେ**

କଟକ-ପାରାଦୀପ ରାସ୍ତାର ସୋମପୁର ନିକଟରେ ବୁଧବାର ବିଳମ୍ବିତ ରାତିରେ ହାଇୱାରୁ ବାଲି ଖାଲି ହେବାବେଳେ ପୋତିହୋଇ ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶନନଗର ଥାନା ଦୁଲୁପୁର ଗ୍ରାମର ଅତୁଲ୍ୟ ମଲ୍ଲ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ହାଇୱା(ନଂ. ଓଡ଼ି୦୫ଏୱାଇ-୪୭୯୬) ବାଲି ଖାଲି କରୁଥିବାବେଳେ ଅସାବଧାନତା ବଶତଃ ପଛରେ ଛିଡା ହୋଇଥିବା ଅତୁଲ୍ୟ ପୋତି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଚାଳକ ହାଇୱା ନେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଅତୁଲ୍ୟଙ୍କ ସାନଭାଇ କୁନିଲ କିଶନନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଥିଲା। ପରେ ତଦନ୍ତ କରି ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏ ନେଇ ଥାନାରେ ମାମଲା(ନଂ.୮୭/୨୧) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଷ୍ଟର ଚିରିଲେ ଭାଜପା କର୍ମୀ

**ଫୁଲନଖରା ,୨୪।୬(ଡି.ଏନ.ଏ.)**

କଟକ ସଦର ବ୍ଲକ ଖଣ୍ଡାଏତା ପଞ୍ଚାୟତ ଅନ୍ତର୍ଗତ ଅରଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ପୋଷ୍ଟର ଲଗାଯାଇଥିଲା। ଭାଜପା କର୍ମୀମାନେ ଗୁରୁବାର ଏହାକୁ ବିରୋଧ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଉକ୍ତ ପୋଷ୍ଟର ଚିରି ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, କରୋନା ଟିକାକରଣରେ କେନ୍ଦ୍ର ସରକାରଙ୍କ ଅନୁଦାନ ଥିବାରୁ ଅରଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଦେଖି ଭାଜପା କର୍ମୀମାନେ ତାହାକୁ ଚିରି ଦେଇଥିଲେ। ସେମାନେ କହିଛନ୍ତି, କେନ୍ଦ୍ର କରୋନା ଟିକା ଯୋଗାଉଥିବାରୁ କ'ଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରାଜ୍ୟ ସରକାର ରଖିଛନ୍ତି। ଯଦି ରହିବାର ଅଛି ତା'ହେଲେ ଉଭୟ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରଖାଯାଉ। ଭାଜପା କଟକ ଜିଲା ସମ୍ପାଦକ ଆଲୋକ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାସୁଦେବ ନାୟକ, ଦିବ୍ୟଜ୍ୟୋତି ଲେଙ୍କା, ଅଞ୍ଜନ ଦାସ, କୀର୍ତ୍ତି ରଞ୍ଜନ ପଟ୍ଟନାୟକ, ଭବାନୀ ଶଙ୍କର ନାୟକ, ଭାନୁପ୍ରତାପ ସାମନ୍ତରାୟ, ରଞ୍ଜିତ ଭୋଇ, ଦୀପକ ଭୋଇ, ସମ୍ବିତ ପ୍ରଧାନ, ବିଜୟ ମହାରଣାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ।



କଟକ ଚାନ୍ଦିନୀଚୌକ ଓ ମହମ୍ମଦିଆ ବଜାର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଗଜାନନ ବେଶ।

# ଗଜାନନ ବେଶରେ ଶ୍ରୀଜୀଉ

**୧୦୮ ଗଡୁ ଜଳରେ ସ୍ନାନ କଲେ ଚତୁର୍ଦ୍ଧା ମୂର୍ତ୍ତି**

**କଟକ ଅଫିସ,୨୪।୬**

ଦେବସ୍ନାନ ପୂର୍ଣ୍ଣିମା ଅବସରରେ କଟକର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଗୁରୁବାର ବିନା ଭକ୍ତରେ ଶ୍ରୀଜୀଉଙ୍କ ସ୍ନାନ ସହ ନୀତି ସମାପନ ହୋଇଥିଲା। ଯୋବ୍ରା ନୂଆସାହିସ୍ଥିତ ଜଗନ୍ନାଥ ମନ୍ଦିର ବେଢାରେ ସେବକମାନଙ୍କ ଦ୍ୱାରା ୧୦୮ ଗଡୁ ଜଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସ୍ନାନ କରାଯାଇଥିଲା। ଅପରାହ୍ଣ ୩ଟାରେ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ରାତି ୯.୩୦ରେ ଚତୁର୍ଦ୍ଧା ମୂର୍ତ୍ତି ସ୍ନାନବେଦିରୁ ଅଣସର ଗୃହକୁ ବିଜେ କରିଥିଲେ। ପୂଜକ ବିଜୟ ପଣ୍ଡା ଓ ଅଚ୍ୟୁତାନନ୍ଦ ପଣ୍ଡାଙ୍କ ତତ୍ତ୍ୱାଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କୁ ଧାଡି ପହଣ୍ଡିରେ ସ୍ନାନବେଦିକୁ ନିଆଯାଇଥିଲା। ସେଠାରେ ସ୍ନାନ ପରେ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ଏହାପରେ ରାତ୍ର ୮ଟାରେ ସ୍ନାନ ମଣ୍ଡପରୁ ତିନି ଠାକୁରଙ୍କୁ ପହଣ୍ଡିରେ ଅଣସର ଘରକୁ ନିଆଯାଇଥିଲା । କରୋନା କଟକଣା ଯୋଗୁ ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ନିରାଡ଼ମ୍ବର ଭାବେ ଦେବସ୍ନାନ ପୂର୍ଣ୍ଣମୀ ପାଳନ କରାଯାଇଥିବା ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ରଥଯାତ୍ରା ପରିଚାଳନା ସମିତି ସଭାପତି ଯୁଧିଷ୍ଠିର ସିଂହ ଓ ସମ୍ପାଦକ ଭିକାରୀ ଦାସ କହିଛନ୍ତି। ସେହିପରି ହରିପୁର-ଦୋଳମୁଣ୍ଡାଇସ୍ଥିତ ପତିତପାବନଜୀଉ ମନ୍ଦିର, ତେଲେଙ୍ଗାବଜାର ଜଗନ୍ନାଥ ମନ୍ଦିର, ବାଲୁବଜାର ବିନୋଦ ବିହାରୀ ମନ୍ଦିର, ରାଣୀହାଟ ବଳଦେବଜୀଉ ମନ୍ଦିର, ମହମ୍ମଦିଆ ବଜାର ଜଗନ୍ନାଥ ମନ୍ଦିର, କାଜିବଜାର ଜଗନ୍ନାଥ ମନ୍ଦିର, ଖୁଣ୍ଟୁଣୀ ଜଗନ୍ନାଥ ମନ୍ଦିର ଓ ଚୌଦ୍ୱାର ଚାରବାଟିଆ ହାଉସିଂବୋର୍ଡସ୍ଥିତ ଜଗନ୍ନାଥ ମନ୍ଦିରରେ କୋଭିଡ କଟକଣାରେ ଠାକୁରଙ୍କ ସ୍ନାନ ଓ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା।

# ବିନା ଭକ୍ତରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସ୍ୱନକ୍ଷତ୍ର ଉତ୍ସବ

**ନିଶ୍ଚିନ୍ତକୋଇଲି,୨୪।୬(ସ୍ୱ.ପ୍ର.)**

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସ୍ୱନକ୍ଷତ୍ର ଉତ୍ସବ ଗୁରୁବାର ପଦ୍ମବନ ନେମାଳଠାରେ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣା ପାଇଁ ସ୍ଥାନୀୟ ତହସିଲଦାର ପୀଠର ୨୦୦ ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରି କରିଛନ୍ତି। ବିନା ଭକ୍ତରେ ସେବାୟତମାନେ କେବଳ ପରମ୍ପରା ରକ୍ଷା ପାଇଁ ନୀତି ସମାପନ କରିଛନ୍ତି। ଏଥିସହ ଆରାଧ୍ୟ ଦେବତା ଗୋପୀନାଥଙ୍କ ପୂଜାର୍ଚ୍ଚନା ତଥା ସ୍ନାନବିଧି ସମାପନ କରାଯାଇଛି। ପ୍ରଭାତରୁ ମହାପୁରୁଷଙ୍କ ମହାସ୍ନାନ ପରେ ମହାଆଳତି ଓ ଚନ୍ଦନ ତୁଳସୀ ଲାଗି ହୋଇଥିଲା। ମଧ୍ୟାହ୍ନରେ କୋଠ ଭୋଗ ଓ ସନ୍ଧ୍ୟାରେ ବିଧିପୂର୍ବକ ପୂଜାର୍ଚ୍ଚନା ହୋଇଥିଲା। ବହୁ ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ ପାଇଁ ପୀଠକୁ ଆସିଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଘଉଡ଼ାଇ ଦେଇଥିଲା। ପୀଠ ଭିତରେ ସେବାୟତଙ୍କ ବ୍ୟତୀତ କେବଳ ଟ୍ରଷ୍ଟବୋର୍ଡର କର୍ମକର୍ତ୍ତା ଓ କୀର୍ତ୍ତନ ମଣ୍ଡଳୀ ଥିଲେ। ଗ୍ରାମାଞ୍ଚଳ ଏସ୍‌ପି ବି.ଯୁଗଳ କିଶୋର, କଟକ ଉପଜିଲାପାଳ ପ୍ରତାପ କୁମାର ବେଉରା, ଏସ୍‌ଡିପିଓ ପ୍ରଶାନ୍ତ ମାଝି ଓ ତହସିଲଦାର ମାନସ ରଞ୍ଜନ ତରାସିଆ, ଅତିରିକ୍ତ ତହସିଲଦାର ଉମାକାନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମନ୍ଦିରରୁ ଚଣ୍ଡୀଦେବୀଙ୍କ ମୂର୍ତ୍ତି ଚୋରି

**ସାଲେପୁର, ୨୪।୬(ଡି.ଏନ୍.ଏ.)**

ସାଲେପୁର ଥାନା ଜପକୁଦ ଫାଣ୍ଡି ଅଧୀନ ଓଡ଼ାସିଂହ ଗ୍ରାମର ଗ୍ରାମଦେବତୀଙ୍କ ମନ୍ଦିର ପାର୍ଶ୍ୱରେ ଥିବା ବହୁ ପୁରାତନ ଚଣ୍ଡୀଦେବୀଙ୍କ ମୂର୍ତ୍ତିକୁ କୌଣସି ଦୁର୍ବୃତ୍ତ ବୁଧବାର ବିଳମ୍ବିତ ରାତିରେ ଚୋରି କରିନେଇଛନ୍ତି। ଏନେଇ ମନ୍ଦିର ପୂଜକ ପ୍ରଦୀପ୍ତ କିଶୋର ପଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ବୁଧବାର ସନ୍ଧ୍ୟାରେ ମନ୍ଦିରରେ ଆଳତି ସାରି ଘରକୁ ଯାଇଥିଲେ। ସକାଳୁ ଆସି ପୂଜା କରିବାବେଳେ ଚଣ୍ଡୀଦେବୀଙ୍କ ମୂର୍ତ୍ତି ଚୋରି ହୋଇଥିବା ଦେଖିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଛି।

# ମଦ ଜବତ, ୨ ଗିରଫ

**ଚୌଦ୍ୱାର,୨୪।୬(ଡି.ଏନ.ଏ.):** ମଦ ବିକ୍ରି ଅଭିଯୋଗରେ ଟିପିଏମ୍ ଫାଣ୍ଡି ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଦୌଲତାବାଦ ଗ୍ରାମର ପବିତ୍ର ବେହେରା ଓ ପ୍ରଶାନ୍ତ ବେହେରା। ସେମାନଙ୍କଠାରୁ ବିପୁଳ ମଦ ଜବତ ହୋଇଛି।

# ବାର୍‌ହା ଆକ୍ରମଣ:୨ ଗୁରୁତର

**ବାଙ୍କୀ, ୨୪।୬(ସ୍ୱ.ପ୍ର.):** ବିଲକୁ ପୋଟଳ ତୋଳିବାକୁ ଯାଇଥିବା ଡମପଡା ବ୍ଲକ ହାଇରାଜପୁର ଅଞ୍ଚଳର ୨ ଜଣ ବ୍ୟକ୍ତିଙ୍କୁ ବାର୍‌ହା ଆକ୍ରମଣ କରିଛି। ସେମାନେ ହେଲେ ଅବଧୂତ ଜେନା ଓ ଅଜୟ କୁମାର ସ୍ୱାଇଁ। ନିକଟ ବିଲରେ କାମ କରୁଥିବା ଚାଷୀ ଠେଙ୍ଗା ଧରି ବାର୍‌ହା ଘଉଡାଇଥିଲେ। ଏଥିସହ ଗୁରୁତର ଅବସ୍ଥାରେ ଜେନା ଓ ସ୍ୱାଇଁଙ୍କୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ଖୋର୍ଦ୍ଧା ରେଞ୍ଜ ଅଫିସର ଅସିତ ମିଶ୍ର କହିଛନ୍ତି, ଯେଉଁମାନେ ବାର୍‌ହା ଆକ୍ରମଣର ଶିକାର ହୋଇଛନ୍ତି ଅବା ଯାହାର ଫସଲ ନଷ୍ଟ ହୋଇଛି ସେମାନଙ୍କୁ ବନ ବିଭାଗ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ।

# ଶିକ୍ଷା ବିଭାଗରେ ପ୍ରଶାସନିକ ଅଧିକାରୀଙ୍କ ନିଯୁକ୍ତିକୁ ବିରୋଧ

**କଟକ ଅଫିସ, ୨୪।୬**

ରାଜ୍ୟ ସରକାର ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗର ସମସ୍ତ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀମାନଙ୍କୁ ନିଯୁକ୍ତି ଦେବା ନିଷ୍ପତ୍ତିକୁ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଗୁରୁବାର ଏକ ପ୍ରେସ ବିବୃତି ମାଧ୍ୟମରେ ବିରୋଧ କରିଛି। ଏଥିସହ ସଂଘ ପ୍ରେସ୍ ବିବୃତିରେ ଦର୍ଶାଇଛି, ରାଜ୍ୟ ସରକାର ଏଣିକି ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଏବଂ ପାଠ୍ୟପୁସ୍ତକ ପ୍ରକାଶନ ଓ ବିପଣନ ସଂସ୍ଥାର ନିର୍ଦ୍ଦେଶକ, ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟର କୁଳସଚିବ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନର ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ପରିଷଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସମ୍ପାଦକ ପଦବୀରେ ଶିକ୍ଷାବିତ୍‌ଙ୍କ ବଦଳରେ ଓଏଏସ୍ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି। ଶିକ୍ଷା ବ୍ୟବସ୍ଥାକୁ ଅମଲାତାନ୍ତ୍ରିକ ପ୍ରଭାବରୁ ମୁକ୍ତ ରଖିବା ପାଇଁ ନୂତନ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଥିବାବେଳେ ରାଜ୍ୟ ସରକାରଙ୍କର ଉକ୍ତ ନିଷ୍ପତ୍ତି ଶିକ୍ଷା ବ୍ୟବସ୍ଥାକୁ ବିଶେଷ ଭାବେ ପ୍ରଭାବିତ କରିବ। ସରକାର ନିଷ୍ପତ୍ତିର ପୁନର୍ବିଚାର କରି ଶିକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ପୂର୍ବପରି ଶିକ୍ଷାବିତ୍‌ଙ୍କୁ ନିଯୁକ୍ତି ଦେବା ପାଇଁ ମହାସଂଘର ଜାତୀୟ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡ. ନାରାୟଣ ମହାନ୍ତି ବିବୃତିରେ ଦାବି କରିଛନ୍ତି।


**OFFICE OF THE DIRECTOR**
**TEXT BOOK PRODUCTION & MARKETING**
**KHARAVEL NAGAR, UNIT-III, BHUBANESWAR-751001**
**Tel.No.0674-2380871/72**
**email: directortbpmodisha@gmail.com**

**TENDER NOTICE**

Bid Letter No.3496/TBPM, Date: 23.06.2021

**Description of tender: Open Tender for Preparation of FLN Materials.**

No.n-18:- The quantities mentioned in the aforesaid Tender Schedules are approximate only and may increase or decrease on the basis of actual requirement.

The tender paper can be obtained from the Office of the Director, Text Book Production & Marketing, Bhubaneswar on payment of non-refundable cash of Rs.10,000/- plus GST@5% i.e. Rs.10,500/- (Rupees ten thousand five hundred) only at the cash counter in cash- if purchased from cash section, TBPM and in case of downloaded from website- DD/Banker's cheque drawn in any Nationalized / Scheduled Bank favouring Director, TBPM, payable at Bhubaneswar which will be annexed with the technical bid on any working day in between 10 A.M. to 5 P.M. as per the time schedule mentioned here under.

1. Date & time of availability of bid document:
   Starting date & time : 28.06.2021 10 A.M.
   Closing date & time : 13.07.2021 5 P.M.
   Date of opening : 14.07.2021 11.30 A.M.
2. Name & address of the O.I.T. : O/o the Director, Text Book Production & Marketing, Bhubaneswar- 751001

While requesting for obtaining the tender schedule by post the desirous tenderer should keep in view, the last date and time of submission of tender as the undersigned will not be responsible for any postal delay as mentioned below. Tender submitted by any means beyond the stipulated date & time shall not be accepted.

Instructions in detail to the tenderers shall be provided along with the tender schedule. The Director reserves the right to reject any or all the tenders without assigning any reason thereof. The details tender documents will be available in the website: www.odisha.gov.in/school.

Sd./- DIRECTOR
TEXT BOOK PRODUCTION & MARKETING
BHUBANESWAR-1
OIPR-02005/11/0006/2122



**OFFICE OF THE EXECUTIVE ENGINEER**
**ROURKELA (R&B) DIVISION, ROURKELA - 12**
ଓଡ଼ିଶା ସରକାର
**E-mail: eepwdrkl@gmail.com**

**ADVERTISEMENT**

No. B-173: Sri Debadatta Amat, Head Clerk of Rourkela (R&B) Division absconded from Govt. duty from 10.05.2021 without prior permission from competent authority nor taking any kind of leave. Hence, he is directed to join in his duty immediately without fail. He may contact with the O/o. the undersigned regarding problem if any faced by him. This may be treated as most urgent.

Sd./- Executive Engineer
Rourkela (R&B) Division
OIPR-34068/11/0006/2122



**Bhubaneswar Municipal Corporation**
*Progress through Partnership for better Bhubaneswar*

XXII (L) - 33/217
RFP No.: 54420 Date: 24.06.2021

**NOTICE INVITING REQUEST FOR PROPOSAL (RFP)**

No. C-452:- Sealed proposals are invited for **"Advertisement Rights on Government Land under 3 different packages of South West Zone of BMC"** in conformity with the Terms & Conditions of the Detailed RFP in single bid system (Part-I: General & Technical Proposal and Part-II: Financial Proposal) from intending bidders fulfilling the terms of eligibility laid down in the RFP document. Please refer to website **www.bmc.gov.in** for complete details and downloading the document. The RFP document shall be available from **25.06.2021** with last date of submission being **23.07.2021 till 5.00 P.M.**

For any queries please contact bmcpmu@bmc.gov.in
By Order
Sd./- Dy. Commissioner (Revenue)
Bhubaneswar Municipal Corporation
OIPR-13002/11/0030/2122



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA**
**(District Central Store)**

**SHORT TENDER CALL NOTICE**

Notification No.
CDM&PHO/EMPANEL MEDICAL STORE/09/2021-2022

No. E-176:- Sealed tenders are invited from reputed Manufacturer, Authorized distributor for **supply of Drugs & Medical consumable as well as related logistics to DHH Nuapada & "Empanelment of Medical Shops" for the year 2021-22** through courier service/speed post/ registered post only. For detail please visit the website: **www.nuapada.nic.in**. The details of Last date & time of receipt of tender, date & time of opening of tender, venue etc. are as mentioned in the bid documents. The undersigned reserves the right to reject or cancel any or all the tender without any reason thereof.

Sd./- Chief District Medical & Public Health Officer, Nuapada
OIPR-10055/11/0006/2122



**OFFICE OF THE ROURKELA MUNICIPAL CORPORATION, ROURKELA**

**INVITATION FOR BID**

No. 8012 Dated: 23.6.2021

**Bid Identification No. MC/RMC/26/2021**

No. C-449: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on item rate basis in Single Cover on Online mode. Bid Identification No. MC/RMC/26/2021 for 01 No. Civil Work with value of Rs.8.33 lakh.

1. Bid documents will be available in website **www.tendersorissa.gov.in** from 23.06.2021.
2. Bids must be submitted on "Online" on or before 05.07.2021 by 17.00 hours.
3. Bids shall be opened at 11.00 hours on 06.07.2021 in the Office of the undersigned in the presence of the bidders or their authorized agents.
4. Other details will be available in the website: **tendersorissa.gov.in**.

Sd./- Municipal Commissioner
Rourkela Municipal Corporation
OIPR-13131/11/0016/2122

## ଦୁର୍ଘଟଣାରେ ଯୁବକ ମୃତ

ପିପିଲି,(ଡି.ଏନ.ଏ.): ପିପିଲିସ୍ଥିତ ଶାଳ ଜଙ୍ଗଠାରେ ଗୁରୁବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଳଙ୍ଗା ଥାନା ହରିପୁର ପାଟଣା ସାହିର ଶତ୍ରୁଘ୍ନ ସାହୁ (୨୨)। ଶତ୍ରୁଘ୍ନ ନିମାପଡ଼ାରୁ ନିଜ କାର୍ଯ୍ୟ ସାରି ସନ୍ଧ୍ୟାରେ ବାଇକ୍ (ଓଡି ୧୩ପି ୨୪୪୦)ରେ ଘରକୁ ଫେରୁଥିଲେ। ଶାଳ ଜଙ୍ଗଠାରେ ଏକ ୪୦୭(ନଂ. ଓଆର ୦୨ ଡବ୍ଲ୍ୟୁ ୬୦୬୫) ବିପରୀତ ଦିଗରୁ ଶତ୍ରୁଘ୍ନଙ୍କ ବାଇକ୍‌କୁ ଧକ୍କା ଦେବାରୁ ସେ ଛିଟିକି ତଳେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପିପିଲି ଡାକ୍ତରଖାନା ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ୪୦୭ ଗାଡ଼ି ଡ୍ରାଇଭର ଫେରାର ହୋଇଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିଲା।


ମହାପ୍ରଭୁଙ୍କ ହାତୀବେଶ ସ୍ନାନମଣ୍ଡପକୁ ଶୋଭାଯାତ୍ରାରେ ଅଣାଯାଉଛି।


ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ହେଲିକପ୍ଟରରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରାଯାଉଛି।


ସ୍ନାନବେଦିରେ ଠାକୁରଙ୍କ ଅବକାଶ ନୀତି ସମ୍ପନ୍ନ କରାଯାଉଛି।


ଠାକୁରଙ୍କ ପାଇଁ ତୁଳସୀ ଅଣାଯାଉଛି।


କେତେଜଣ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ସ୍ନାନଜଳ ନେଉଛନ୍ତି।

# ଆଜିଠୁ ପୂଜା ପାଇବେ ପଟିଦିଅଁ

ପୁରୀ ଅଫିସ,୨୪।୬

ସ୍ନାନଯାତ୍ରା ସରିଛି। ଗୋଟି ପହଣ୍ଡିରେ ମହାପ୍ରଭୁ ଅଣସର ଘରକୁ ବିଜେ କରିଛନ୍ତି। ଏହା ପରେ ଅଣସର ନୀତି ଆରମ୍ଭ ହୋଇଛି। ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୧୫ଦିନିଆ ଅଣସର ନୀତି ହେବ। ଏହାକୁ ପୂର୍ଣ୍ଣାଙ୍ଗ ଅଣସର ବୋଲି ବୁଝାଯାଏ। ଏହାପୂର୍ବରୁ ୧୪ ଦିନିଆ ଅଣସର ନୀତି ହେଉଥିଲା। ଅଣସର ଘରେ ରାହୁରେଖା ଓ ଚିତା କାଢ଼ି ଦିଆଯିବ। ଏହାପରେ ମହାପ୍ରଭୁଙ୍କ ପଟ୍ଟି ଆସି ପହଞ୍ଚିବ। ସ୍ୱତନ୍ତ୍ର ଅଣସର ଗୃହ ପ୍ରସ୍ତୁତ ହେବ। ଦଶ ଅବତାର ଠାକୁରଙ୍କୁ ଅଣାଯିବ। ଏହି ଠାକୁରମାନେ ଅଣସର



ସମୟରେ ମହାପ୍ରଭୁଙ୍କ ସହ ରହିବେ। ଅବତାରମାନଙ୍କର ମହାସ୍ନାନ ସହ ମଧ୍ୟାହ୍ନ ଧୂପ କରାଯିବ। ଏହାପରେ ଅଣସର ଦ୍ୱାର ଫିଟାଯିବ ଓ ନୀତିକାନ୍ତି ଆରମ୍ଭ ହେବ। ଅଣସର ନୀତିକୁ ସମୟ ମଧ୍ୟରେ ସାରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ବରିଷ୍ଠ ଦଇତାପତି ବିନାୟକ ଦାସମହାପାତ୍ର କହିଛନ୍ତି। ଅଣସର ସମୟରେ ମହାପ୍ରଭୁଙ୍କୁ ଫଳ, ମୂଳ, ଛେନା ଓ ରାବିଡ଼ି ପ୍ରଭୃତି ଭୋଗ ଲାଗି କରାଯିବ। ଜ୍ୱର ଉପଶମ ଲାଗି ପଥି ଦିଆଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିରରୁ ଘଣ୍ଟ, ଛତା ଓ କାହାଳୀ ସହ ଏକ ପ୍ରତିନିଧି ଦଳ ପଟିଦିଅଁ ଆଣିବା ପାଇଁ ଚିତ୍ରକାର ସେବକଙ୍କ ଘରକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ସରିବା ପରେ ଚିତ୍ରକାର ପରିବାରର ସଧବା ନାରୀମାନେ ପଟିଦିଅଁଙ୍କୁ ପ୍ରଥମେ ବନ୍ଦାପନା କରିଥିଲେ। ଏହାପରେ ଲେଙ୍କା ସେବକ ନେଇଥିବା ପତନୀ କପଡ଼ାରେ ପଟିଦିଅଁଙ୍କୁ ଗୁଡ଼ାଇ ପଟୁଆରରେ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ପ୍ରଭୁ ଶ୍ରୀବଳଭଦ୍ରଙ୍କ ବାଡ଼ରେ ଅନନ୍ତ ବାସୁଦେବ, ଦେବୀ ସୁଭଦ୍ରାଙ୍କ ବାଡ଼ରେ ମା' ଭୁବନେଶ୍ୱରୀ ଓ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଅନନ୍ତ ନାରାୟଣ ଅଣସର ଦିନରେ ପୂଜା ପାଇବେ। ତିନି ପଟିଦିଅଁଙ୍କ ସହ ଶ୍ରୀମଦନମୋହନ, ରାମକୃଷ୍ଣ, ଦୋଳଗୋବିନ୍ଦ, ନୃସିଂହ, ମାଧବ, ଶ୍ରୀଦେବୀ ଓ ଭୂଦେବୀଙ୍କ ପୂଜାର୍ଚ୍ଚନା କରାଯିବ। ମହାପ୍ରଭୁ ଅଣସର ଘରୁ ସୁସ୍ଥ ହୋଇ ଫେରିବା ପରେ ନବଯୌବନ ବେଶରେ ଦର୍ଶନ ଦେବେ।

## ଭକ୍ତ ଦାସିଆ ପୀଠରେ ସ୍ନାନପର୍ବ

ପିପିଲି,୨୪।୬(ଡି.ଏନ.ଏ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲାର ପିପିଲିସ୍ଥିତ ବାଲିଗାଁଠାରେ ସ୍ନାନପର୍ବ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟ ସତ୍ୟବ୍ରତ ପାଢୀ ଓ ସହାଚାର୍ଯ୍ୟ ଆଲୋକ ଚନ୍ଦ୍ର ପରିଡା ପ୍ରଭୁଙ୍କ ପୂଜାପାଠ, ହୋମ କରିଥିଲେ। ପୀଠସ୍ଥ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ପୂଜକ ଲକ୍ଷ୍ମୀଧର ପାଢୀ, ସହାୟକ ପୂଜକ ମାନସ ରାମ ମିଶ୍ର ଓ ପ୍ରହଲ୍ଲାଦ ମିଶ୍ର ଠାକୁରଙ୍କ ସ୍ନାନନୀତି କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ତ୍ରୈମାସିକ ପତ୍ରିକା 'ଭାବକୁ ନିକଟ'କୁ ୬ଷ୍ଠ ବର୍ଷର ୨ୟ ସଂସ୍କରଣ ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅଶୋକ ମହାରଥୀ ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷାବିତ୍ ଡ.ପ୍ରତିଭା ମହାରଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଡ. ଚିତ୍ତ ରଞ୍ଜନ ମିଶ୍ର, ପ୍ରଶାନ୍ତ ରାଉତରାୟ, ପୂର୍ବତନ ପିପିଲି ବ୍ଲକ୍ ଅଧ୍ୟକ୍ଷ ଗଦାଧର ଦାସ, ଚିତ୍ତରଞ୍ଜନ ମିଶ୍ର, ଦେବେନ୍ଦ୍ର ରଥ ଯୋଗ ଦେଇଥିଲେ । ଏ ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ସଂଯୋଜନା କରିଥିଲେ ।

# ମା' ମଙ୍ଗଳାଙ୍କ ସର୍ବାଙ୍ଗ ଚନ୍ଦନ ବେଶ

କାକଟପୁର,୨୪।୬(ଡି.ଏନ୍.ଏ.)

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ କାକଟପୁରସ୍ଥିତ ମା' ମଙ୍ଗଳାଙ୍କ ମନ୍ଦିରରେ ସ୍ନାନ ଉତ୍ସବ ପାଳିତ ହୋଇଯାଇଛି। ଏଥିସହ ମା' ମଙ୍ଗଳାଙ୍କ ସର୍ବାଙ୍ଗ ଚନ୍ଦନ ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମନ୍ଦିର ବେଢାରେ ପ୍ରଭୁ ପତିତପାବନଙ୍କ ପ୍ରାତଃ ପୂଜାନୀତି ଅନୁଷ୍ଠିତ ହେବା ପରେ ପୂଜକମାନେ ତାଙ୍କୁ ଗୋଟି ପହଣ୍ଡିରେ ସ୍ନାନବେଦିକୁ ନେଇଥିଲେ। ସେଠାରେ ପ୍ରଭୁଙ୍କୁ ୧୦୮କଳସ ଶୁଦ୍ଧ ଜଳରେ ସ୍ନାନ କରାଯିବା ସହିତ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ଭୋଗ ଲାଗି ପରେ ପୂଜକମାନେ ପୁନଃ ଗୋଟି ପହଣ୍ଡିରେ ଠାକୁରଙ୍କୁ ଅଣସର ଗୃହକୁ ନେଇଥିଲେ। ଅପରପକ୍ଷେ ମା' ମଙ୍ଗଳାଙ୍କୁ ପୂଜାପଣ୍ଡା ଚନ୍ଦନ ବେଶରେ ସଜ୍ଜିତ କରିବାପରେ ପହୁଡ଼ ଫିଟାଯାଇଥିଲା। କୋଭିଡ୍ କଟକଣା ପାଇଁ ଚନ୍ଦନବେଶ ଓ ସ୍ନାନ ଉତ୍ସବକୁ ଭକ୍ତମାନେ ଦେଖିପାରି ନ ଥିଲେ।


ଏସ୍‌ପି ଏବଂ ଜିଲାପାଳ ସ୍ଥିତି ତଦାରଖ କରୁଛନ୍ତି।


କୋଭିଡ କଟକଣା ଏବଂ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି ଯୋଗୁ ପୁରୀ ବଡଦାଣ୍ଡ ଭକ୍ତଶୂନ୍ୟ ହୋଇପଡ଼ିଛି।

## ରଥଖଳାରୁ

# ତିନି ରଥରେ ବଡ଼ଧରା ପୋଟଳ ଲାଗିଲା



ପୁରୀ ଅଫିସ ୨୪।୬

ତିନି ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତୃତୀୟ ଭୂଇଁ ସେଟିଂ ପରେ ଗୁରୁବାର ବଡ଼ଧରା ପୋଟଳ ଉଠିଛି। ଏଥିସହ ତିନିରଥ ସମ୍ମୁଖ ଭାଗକୁ ଛାଡ଼ି ବାକି ତିନି ପାର୍ଶ୍ୱରେ ତାଗ ବା ବଟନ ବାଡ଼ିଆ ଆରମ୍ଭ ହୋଇଛି। ଏହାପରେ ରଥ ବେଦି ଚାରିପଟେ ପଟା ପକାଯିବ। ସେହିପରି ତିନିରଥର ପଛଆଣି ଢ଼ମକ ପଡ଼ିଛି। ସିଂହାସନ ଫ୍ରେମ୍ ନିର୍ମାଣ ସରିଥିବାବେଳେ ରୂପକାର ସେବକମାନେ କୁମ୍ଭ ଡାଳିଲତା ଖୋଦେଇ କରୁଛନ୍ତି। ମୂଳ କଇଁଚି ବା ଚାରି ନାହାକା କଇଁଚି ପଡ଼ିବା ପାଇଁ ୧୬ ଫୁଟର ୪ଟି କାଠ ଚଉପଟ ଶେଷ ହୋଇ ସେଥିରେ ବିନ୍ଧ ଓ କାପ ହେଉଛି। ତିନିରଥର ପ୍ରଭା ଫ୍ରେମ୍ ସହ କନକ ମୁଣ୍ଡି ନିର୍ମାଣ ପରେ ସେଥିରେ ବିନ୍ଧ ଖୋଦେଇ ସରିଛି। ଦ୍ୱାର ବେଢା ପାଇଁ ୮ଟି ଲେଖାଏ ମଗର ମୁଖ ପଟା କାର୍ଯ୍ୟ ଶେଷ ହୋଇଛି। ପୂର୍ବରୁ ତାଳଧ୍ୱଜ ରଥରେ ଚାର ପରିଛା ଫିଟିଂ ହୋଇଥିବାବେଳେ ଗୁରୁବାର ଦେବଦଳନ ଓ ନନ୍ଦିଘୋଷ ରଥର ଚାର ପରିଛାରେ ଡାଳି ଲତା ଖୋଦେଇ ସରି ଫିଟିଂ ହୋଇଛି।

# ମନ ଉଣା କଲେ ଭକ୍ତ

ପୁରୀ ଅଫିସ,୨୪।୬

ଭକ୍ତ-ଭଗବାନଙ୍କ ମଧ୍ୟରେ ପାଚେରି ସାଜିଛି କରୋନା। ପ୍ରଶାସନ ପକ୍ଷରୁ ଜାରି ହୋଇଛି କଟକଣା। ଏହାସତ୍ତ୍ୱେ ପୁରୀ ସହରର ଅନେକ ଶ୍ରଦ୍ଧାଳୁ ମାର୍କେଟ ଛକ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ଧୂଳି ମୁଣ୍ଡରେ ମାରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ମନଦୁଃଖରେ ଫେରିଯାଇଥିଲେ। ବଳଭଦ୍ର ମହାପାତ୍ର ନାମକ ଭକ୍ତ କହିଛନ୍ତି, ସମୟ ଏତେ କ୍ରୁର ହୋଇଯାଇଛି ଯେ, କାଳିଆ ଦର୍ଶନ କରାଇ ଦେଉନି। ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ନିଜଠାରୁ ଭକ୍ତଙ୍କୁ ଦୂରେଇ ରଖି କେଉଁ ଲୀଳା ରଚିବାକୁ ଚାହୁଁଛନ୍ତି ସେକଥା କେବଳ ତାଙ୍କୁ ହିଁ ଜଣା। ସେହିପରି ଶିଶୁ ସେବାୟତ ଲକ୍ଷ୍ମୀନୃସିଂହ ପୂଜାପଣ୍ଡା ମହାପ୍ରଭୁଙ୍କ ପହୁଡ଼ ଗୀତ ବୋଲି ସମସ୍ତଙ୍କ ମନ ଜିଣିଥିଲେ। ମହାପ୍ରଭୁଙ୍କ ସେବା ଉଦ୍ଦେଶ୍ୟରେ ତାଙ୍କର ଜନ୍ମ ବୋଲି ସେ କହିଛନ୍ତି।ତେଣୁ ସେ ମହାପ୍ରଭୁଙ୍କ ସେବା ଅନ୍ତରର ସହ କରିବେ ବୋଲି କହିଛନ୍ତି।

## ପଦ୍ମପ୍ରିୟଙ୍କୁ ପଦ୍ମ ଲାଗିହେଲା

ପୁରୀ ଅଫିସ,୨୪।୬

ପୁଷ୍ପବେଶରେ ମହାପ୍ରଭୁଙ୍କ ଦର୍ଶନ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ପରେ ପୁଷ୍ପ ବେଶ ହୋଇଥିଲା। ପୁଷ୍ପବେଶର ମହାନତା ଓ ମହାପ୍ରଭୁଙ୍କର ପୁଷ୍ପ ପ୍ରତି ଥିବା ଦୁର୍ବଳତାକୁ ଶ୍ରୀଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ସୂର୍ଯ୍ୟ ନାରାୟଣ ରଥଶର୍ମା ବଖାଣି କହିଛନ୍ତି ଯେ, ପୁଷ୍ପ କୋମଳ ଓ ସୁଗନ୍ଧିତ। ମହାପ୍ରଭୁଙ୍କର ହୃଦୟ ମଧ୍ୟ ଅତ୍ୟନ୍ତ କୋମଳ। କୋମଳ ହୃଦୟ ବ୍ୟକ୍ତିଙ୍କ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ରହିଛି। ମହାପ୍ରଭୁ ପଦ୍ମପ୍ରିୟ ବୋଲି ସ୍ନାନବେଦିରେ ତାଙ୍କର ପଦ୍ମବେଶ କରାଯାଇଥାଏ।

## ଭଜନ ସମାରୋହ, ଦେବଦାସୀ ନୃତ୍ୟ ପ୍ରତିଯୋଗିତା

ପୁରୀ ଅଫିସ, ୨୪।୬

ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ରାଜ୍ୟସ୍ତରୀୟ ଦେବସ୍ନାନ ପୂର୍ଣ୍ଣିମା ଭଜନ ସମାରୋହ ଓ ଦେବଦାସୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋପୀନାଥପୁର ସରପଞ୍ଚ ରାଜକିଶୋର ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଗୁରୁ ଶତ୍ରୁଘ୍ନ ନାୟକ ଶ୍ରୀଜଗନ୍ନାଥ ଅଷ୍ଟକମ୍ ଏବଂ ଗୁରୁ ଶକ୍ତିପ୍ରସାଦ ନାୟକ, ଅନ୍ନପୂର୍ଣ୍ଣା ତ୍ରିପାଠୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ସୁଜାତା ସ୍ୱାଇଁ ଦେବଦାସୀ ନୃତ୍ୟ ପରିବେଷଣ କରିଥିଲେ। ଅନଲାଇନ୍ ମାଧ୍ୟମରେ ଭଜନ, କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଓ ଭଜନ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କୋଣାର୍କ କୋର୍ଟ ପାଇଁ ମିଳିଲା ସ୍ଥାୟୀ ଜମି

- ଜିଲାପାଳଙ୍କ କ୍ଷମା ପ୍ରାର୍ଥନା
- ବିଳମ୍ବ ପାଇଁ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

କୋଣାର୍କ,୨୪।୬(ଡି.ଏନ୍.ଏ.)

କୋଣାର୍କ କୋର୍ଟର ସ୍ଥାୟୀ ଜମି ପାଇଁ କୋଣାର୍କ ବାର୍ ଆସୋସିଏଶନ ପକ୍ଷରୁ ଆଗତ ହୋଇଥିବା ଅଦାଲତ ଅବମାନନା ମାମଲାରେ ଗୁରୁବାର ପ୍ରଶାସନ ପକ୍ଷରୁ ସ୍ଥାୟୀ ଜମି ଯୋଗାଇ ଦେବା ସହ ପଟ୍ଟା ହାଇକୋର୍ଟରେ ଦାଖଲ କରାଯାଇଛି। ଫଳରେ ଦୀର୍ଘ ୫ବର୍ଷ ଧରି ଚାଲିଥିବା ଅନିଶ୍ଚିତତାର ଅନ୍ତ ଘଟିଛି। ମାମଲାରୁ ଜଣାଯାଇଛି, ୨୦୧୫ରୁ କୋଣାର୍କ ସିଭିଲ ଜଜ ତଥା ଜେଏମଏଫସି ଅଦାଲତ ପ୍ରତିଷ୍ଠା ହୋଇଥିଲା। ସ୍ଥାୟୀ ଗୃହ ନ ଥିବାରୁ ପ୍ରଥମେ ଅତିରିକ୍ତ ତହସିଲଦାରଙ୍କ ପୁରୁଣା କାର୍ଯ୍ୟାଳୟରେ କୋର୍ଟ ଚାଲିଥିଲା। ଏହି କୋର୍ଟ ଲାଗି ମାଧିପୁର ମୌଜାରେ ୫ ଏକର ଜମି ଚିହ୍ନଟ ହୋଇଥିଲା । ମାତ୍ର ଜମି ପ୍ରଦାନ କରାଯାଇ ନ ଥିଲା। ପରେ ୨୦୧୮ରେ ୩ ଏକର ଦିଆଯିବା ପାଇଁ କାଗଜ ପ୍ରସ୍ତୁତ ସରିଥିଲେ ସୁଦ୍ଧା ତାହା ହସ୍ତାନ୍ତର ହୋଇ ନ ଥିଲା। ପରେ ଆଉ ଏକ ସ୍ଥାନରେ ୪ ଏକର ଜାଗା ଚିହ୍ନଟ କରାଯାଇ କାଗଜପତ୍ର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। କିନ୍ତୁ ଜମି ହସ୍ତାନ୍ତର ପ୍ରକ୍ରିୟା ନ ଆଗେଇବାରୁ କୋଣାର୍କ ବାର ଆସୋସିଏଶନ ପକ୍ଷରୁ ସଭାପତି ଆଡଭୋକେଟ ଶ୍ରୀଜୟ ବରାଳ ଏକ ମାମଲା ହାଇକୋର୍ଟରେ ଦାଏର କରିଥିଲେ। ଏହି ମାମଲା ବିଚାର କରି ହାଇକୋର୍ଟ ୩.୧୧.୨୦୨୦ରେ ରାୟ ପ୍ରକାଶ କରିଥିଲେ । ଏଥିରେ ରାଜସ୍ୱ ସଚିବ ଓ ଜିଲାପାଳଙ୍କୁ ୩ ମାସ ମଧ୍ୟରେ ଚିହ୍ନଟ ଜାଗାକୁ ପଟ୍ଟା ପ୍ରଦାନ ପୂର୍ବକ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜମି ହସ୍ତାନ୍ତର ନ ହେବାରୁ ଆସୋସିଏଶନ ପକ୍ଷରୁ ଏକ ଅଦାଲତ ଅବମାନନା ମକଦ୍ଦମା ରୁଜୁ କରାଯାଇଥିଲା। ଗତ ମାର୍ଚ୍ଚ ୨୨ରେ ରାଜସ୍ୱ ସଚିବ ଓ ପୁରୀ ଜିଲାପାଳଙ୍କ ବ୍ୟକ୍ତିଗତ ନାମରେ ନୋଟିସ ଜାରି କରାଯିବା ସହ ସରକାରଙ୍କ ପକ୍ଷରୁ ଅତିରିକ୍ତ ୧ ମାସ ସମୟ ଦେବାକୁ ପ୍ରାର୍ଥନା କରାଯାଇଥିଲା। ବୁଧବାର ଏହି କେସ୍‌ର ଶୁଣାଣି ସମୟରେ ପୁରୀ ଜିଲାପାଳଙ୍କ ପକ୍ଷରୁ ସ୍ଥାୟୀ ଜମି ଯୋଗାଇ ଦିଆଯାଇ ପଟ୍ଟା ହାଇକୋର୍ଟରେ ଦାଖଲ କରାଯାଇଛି। ଏହି ଅହେତୁକ ବିଳମ୍ବ ପାଇଁ ଜିଲାପାଳ ନିଃସର୍ତ୍ତ କ୍ଷମା ଭିକ୍ଷା କରୁଛନ୍ତି ବୋଲି ସତ୍ୟପାଠ ଦାଖଲ କରିଛନ୍ତି। ଅହେତୁକ ବିଳମ୍ବ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସେଟଲମେଣ୍ଟ ବା ବନ୍ଦୋବସ୍ତ ଅଧିକାରୀଙ୍କୁ ଦାୟୀ କରାଯାଇ ତାଙ୍କୁ ଦିଆଯାଇଥିବା କାରଣ ଦର୍ଶାଅ ନୋଟିସ ମଧ୍ୟ ହାଇକୋର୍ଟରେ ଦାଖଲ କରାଯାଇଛି । କୋଣାର୍କ ବାର୍ ଆସୋସିଏଶନ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରିଥିଲେ ।


OFFICE OF THE DIRECTOR
TEXT BOOK PRODUCTION & MARKETING
KHARAVEL NAGAR, UNIT-III, BHUBANESWAR-751001
Tel.No.0674-2380871/72
email: directortbpmodisha@gmail.com

TENDER NOTICE

Bid Letter No.3496/TBPM, Date: 23.06.2021

Description of tender: Open Tender for Preparation of FLN Materials.

No.n-18:- The quantities mentioned in the aforesaid Tender Schedules are approximate only and may increase or decrease on the basis of actual requirement.

The tender paper can be obtained from the Office of the Director, Text Book Production & Marketing, Bhubaneswar on payment of non-refundable cash of Rs.10,000/- plus GST@5% i.e. Rs.10,500/- (Rupees ten thousand five hundred) only at the cash counter in cash- if purchased from cash section, TBPM and in case of downloaded from website- DD/Banker's cheque drawn in any Nationalized / Scheduled Bank favouring Director, TBPM, payable at Bhubaneswar which will be annexed with the technical bid on any working day in between 10 A.M. to 5 P.M. as per the time schedule mentioned here under.

1. Date & time of availability of bid document:
   Starting date & time : 28.06.2021 10 A.M.
   Closing date & time : 13.07.2021 5 P.M.
   Date of opening : 14.07.2021 11.30 A.M.
2. Name & address of the O.I.T. : O/o the Director, Text Book Production & Marketing, Bhubaneswar- 751001

While requesting for obtaining the tender schedule by post the desirous tenderer should keep in view, the last date and time of submission of tender as the undersigned will not be responsible for any postal delay as mentioned below. Tender submitted by any means beyond the stipulated date & time shall not be accepted.

Instructions in detail to the tenderers shall be provided along with the tender schedule. The Director reserves the right to reject any or all the tenders without assigning any reason thereof. The details tender documents will be available in the website: www.odisha.gov.in/school.

Sd./- DIRECTOR
TEXT BOOK PRODUCTION & MARKETING
BHUBANESWAR-1
OIPR-02005/11/0006/2122



OFFICE OF THE EXECUTIVE ENGINEER
ROURKELA (R&B) DIVISION, ROURKELA - 12
ଓଡ଼ିଶା ସରକାର
E-mail: eepwdrkl@gmail.com

ADVERTISEMENT

No. B-173: Sri Debadatta Amat, Head Clerk of Rourkela (R&B) Division absconded from Govt. duty from 10.05.2021 without prior permission from competent authority nor taking any kind of leave. Hence, he is directed to join in his duty immediately without fail. He may contact with the O/o. the undersigned regarding problem if any faced by him. This may be treated as most urgent.

Sd./- Executive Engineer
Rourkela (R&B) Division
OIPR-34068/11/0006/2122



Bhubaneswar Municipal Corporation
Progress through Partnership for better Bhubaneswar

XXII (L) - 33/217
RFP No.: 54420 Date: 24.06.2021

NOTICE INVITING REQUEST FOR PROPOSAL (RFP)

No. C-452:- Sealed proposals are invited for "Advertisement Rights on Government Land under 3 different packages of South West Zone of BMC" in conformity with the Terms & Conditions of the Detailed RFP in single bid system (Part-I: General & Technical Proposal and Part-II: Financial Proposal) from intending bidders fulfilling the terms of eligibility laid down in the RFP document. Please refer to website www.bmc.gov.in for complete details and downloading the document. The RFP document shall be available from 25.06.2021 with last date of submission being 23.07.2021 till 5.00 P.M.

For any queries please contact bmcpmu@bmc.gov.in

By Order
Sd./- Dy. Commissioner (Revenue)
Bhubaneswar Municipal Corporation
OIPR-13002/11/0030/2122



OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA
(District Central Store)

SHORT TENDER CALL NOTICE

Notification No.
CDM&PHO/EMPANEL MEDICAL STORE/09/2021-2022

No. E-176:- Sealed tenders are invited from reputed Manufacturer, Authorized distributor for supply of Drugs & Medical consumable as well as related logistics to DHH Nuapada & "Empanelment of Medical Shops" for the year 2021-22 through courier service/speed post/ registered post only. For detail please visit the website: www.nuapada.nic.in. The details of Last date & time of receipt of tender, date & time of opening of tender, venue etc. are as mentioned in the bid documents. The undersigned reserves the right to reject or cancel any or all the tender without any reason thereof.

Sd./- Chief District Medical & Public Health Officer, Nuapada
OIPR-10055/11/0006/2122



OFFICE OF THE
ROURKELA MUNICIPAL CORPORATION, ROURKELA

INVITATION FOR BID

No. 8012 Dated: 23.6.2021

Bid Identification No. MC/RMC/26/2021

No. C-449: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on item rate basis in Single Cover on Online mode. Bid Identification No. MC/RMC/26/2021 for 01 No. Civil Work with value of Rs.8.33 lakh.

1. Bid documents will be available in website www.tendersorissa.gov.in from 23.06.2021.
2. Bids must be submitted on "Online" on or before 05.07.2021 by 17.00 hours.
3. Bids shall be opened at 11.00 hours on 06.07.2021 in the Office of the undersigned in the presence of the bidders or their authorized agents.
4. Other details will be available in the website: tendersorissa.gov.in.

Sd./- Municipal Commissioner
Rourkela Municipal Corporation
OIPR-13131/11/0016/2122